

‘ଧୁରନ୍ଧର’ର ସୁଟିଂ ସାରିଲେ ରଣବୀର

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-116 ◆THURSDAY ◆23 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୧୬ ◆ଗୁରୁବାର ◆୨୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# କେରଳ ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର

■ **ଥିରୁଅନନ୍ତପୁରମ, ୨୨।୧୦ (ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କେରଳ ଗସ୍ତ ବେଳେ ତାଙ୍କର ହେଲିକପ୍ଟର ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛି । ସବରିମାଲା ମନ୍ଦିର ଦର୍ଶନ ପାଇଁ ଯାଇଥିବା ରାଷ୍ଟ୍ରପତିଙ୍କ ହେଲିପକଟର ଏକ ନବନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଆଜି ଅବତରଣ କରୁଥିବା ବେଳେ ଫସିଯାଇଥିଲା । ଅବଶ୍ୟ ଏହି ଘଟଣାରେ ସେଭଳି କିଛି ବଡ଼ ଧରଣର କ୍ଷତି ହୋଇନାହିଁ ଓ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି । ସେଠାରେ ଅବତରଣ କରିବା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ସବରିମାଲା ମନ୍ଦିର ଯାଇ ଦର୍ଶନ କରିଥିଲେ ।



କେରଳର ପ୍ରମାଦାମ୍‌ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ସକାଳେ ଏହି ଘଟଣା ଘଟିଥିଲା । ତରବରିଆ ଭାବେ ହେଲିପ୍ୟାଡ ତିଆରି କରାଯାଇଥିଲା । କଙ୍କ୍ରିଟ ସଂପୂର୍ଣ୍ଣ ଭାବେ ଜମି ନଥିଲା ଓ ଟାଣ ହୋଇ ନଥିଲା । ତେଣୁ ହେଲିକପ୍ଟର ଓହ୍ଲାଇଲା ବେଳେ ଏହାର ଓଜନକୁ ସମ୍ଭାଳିପାରି ନଥିଲା । ଫଳରେ ହେଲିକପ୍ଟର ଗୋଟିଏ ପଟକୁ ଧସିଯାଇଥିଲା । ହେଲିକପ୍ଟରର ▶ପୃଷ୍ଠା-୭

# 'ଲିଭ୍-ଇନ୍'ରେ ଥିବା ଓଡ଼ିଆ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

■ **ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି):** ବେଙ୍ଗାଲୁରୁର ଜିଗାନି ଅଞ୍ଚଳରେ ଲିଭ୍ ଇନ୍‌ରେ ରହୁଥିବା ଓଡ଼ିଆ ଦମ୍ପତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ଦୁଇ ତିନିଦିନ ତଳେ ସେମାନଙ୍କର ମୃତ୍ୟୁ ହୋଇଥିବା ବେଳେ ଗତ ସୋମବାର ସେମାନଙ୍କର ମୃତଦେହ ଉଦ୍ଧାର କରାଯାଇଛି । ସେମାନେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି । ଏହି ଯୋଡ଼ି ହେଉଛନ୍ତି ଓଡ଼ିଶାର ୨୫ ବର୍ଷୀୟା ସୀମା ନାୟକ ଓ ୨୩ ବର୍ଷୀୟ ରାକେଶ ନାୟକ । ରାକେଶ ଏକ ସିକ୍ୟୁରିଟି ସର୍ଭିସ୍ ଫାର୍ମରେ କାମ କରନ୍ତି । ସେହିପରି ସୀମା ସୁପର ମାର୍କେଟ ଅଞ୍ଚଳରେ ଚାକିରି କରୁଥିଲେ ।



ଦୁଇଦିନ ପୂର୍ବରୁ ଦୁହେଁ ମୃତ୍ୟୁବରଣ କରିଥିଲେ ମଧ୍ୟ ସୋମବରେ ଏହି ଘଟଣା ସମ୍ନାକୁ ଆସିଥିଲା । ବନ୍ଦ ଘରୁ କୌଣସି ଚଳପ୍ରଚଳ ନହେବା ସହ ଦୁର୍ଗନ୍ଧ ହେବା କାରଣରୁ ପଡୋଶୀ ପୁଲିସକୁ ସୂଚନା ଦେଇଥିଲେ । ରାକେଶ ନିୟମିତ ମଦ୍ୟପାନ କରୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା ▶ପୃଷ୍ଠା-୭

## ପୁଲିସ ଏସ୍ଆଇ ନିଯୁକ୍ତି ଦୁର୍ନୀତି

# ତଦନ୍ତ କରିବ ସିବିଆଇ

### ସୁପାରିସ କଲେ ମୁଖ୍ୟମନ୍ତ୍ରୀ

### ଆନ୍ତଃରାଜ୍ୟ ଅପରାଧୀ ସଂଗଠନଙ୍କ ସଂପୃକ୍ତିର ଖୋଲିବ ରହସ୍ୟ

■ **ଭୁବନେଶ୍ୱର,୨୨।୧୦(ସମିସ):** ବହୁ ଚର୍ଚ୍ଚିତ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ଦୁର୍ନୀତି ଘଟଣାରେ ସିବିଆଇ ତଦନ୍ତ ହେବ । ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି । ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥିବାର ସୁରାକ ମିଳିଛି । ଏହା ସହିତ ଏହି ଦୁର୍ନୀତିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି । ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ଖୁଲାସା କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରିବା ପାଇଁ ନିର୍ଣ୍ଣୟ ନେଇଛନ୍ତି ।

ଏହି ହାଇପ୍ରୋଫାଇଲ୍ ଘଟଣାରେ ପ୍ରଥମେ ଏସ୍ଆଇ ଲିଖିତ ପରୀକ୍ଷାର ଉତ୍ତର ଘୋଷିବା ପାଇଁ ଯାଉଥିବା ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଆନ୍ଧ୍ରରୁ ଗିରଫ କରାଯାଇଥିଲା । ଏହାପରେ ଧୀରେ ଧୀରେ ଏହି ନିଯୁକ୍ତି କେଲେଙ୍କାରୀକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିଥିଲା । ଏହା ପୂର୍ବରୁ ହୋଇଥିବା ଅନେକ ପରୀକ୍ଷାରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲେ ହେଁ, ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଏସବୁକୁ ଟପିଯାଇଛି । ପୁଲିସ ଏସ୍ଆଇ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ଥିବା ପଞ୍ଚସଫ୍ଟ କଂପାନୀର ମାଲିକ ଶଙ୍କର ପୃଷ୍ଟି ଏଯାଏଁ ଫେରାର ରହିଥିବାରୁ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି । ଯେଉଁଥିପାଇଁ ୧୬ ମାସର ସରକାରଙ୍କ ଛବି ଉପରେ ଏକ ବଡ଼ ସନ୍ଦେହ ସୃଷ୍ଟି ହୋଇଛି ।

ଏହି ଦୁର୍ନୀତିରେ ଅନେକ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠିଛି । ଆରମ୍ଭରୁ ନିଯୁକ୍ତି ଚୟନ ଦାୟିତ୍ୱରେ ଥିବା ଓପିଆର୍‌ବିର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଓପିଆର୍‌ବିଠାରୁ ▶ପୃଷ୍ଠା-୭

### ଶଙ୍କର ଓ ପତ୍ନୀଙ୍କ ଆଗୁଆ ଜାମିନ ଖାରଜ


■ **କଟକ, ୨୨।୧୦ (ସମିସ):** ବହୁଚର୍ଚ୍ଚିତ ଓଡିଶା ପୁଲିସ ଏସଆଇ (ସବ୍‌ଇନ୍ସପେକ୍ଟର) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହି କଲେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀ ମୁଖ୍ୟ ଶଙ୍କର ପୃଷ୍ଟି ଓ ପତ୍ନୀ ଦୀପ୍ତିମୟୀ ସାହୁଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଉଭୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବ୍ରହ୍ମପୁର ଗୋଲନ୍ଥରା ଥାନାରେ ରୁଜୁ ମାମଲାରେ ଉଭୟ ଆଗୁଆ ଜାମିନ ଆବେଦନ କରିଥିଲେ । ତେବେ ଦୀପ୍ତିମୟୀଙ୍କୁ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉକି ଉଭୟ ଶଙ୍କର ଓ ଦିପ୍ତିମୟୀ ଏବେ ବି ଫେରାର ▶ପୃଷ୍ଠା-୭

# ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

### ପାଣିପାଗ ବିଭାଗର ନିର୍ଦ୍ଦେଶ ଅନୁପାଳନ କରିବାକୁ କୃଷି ସଚିବଙ୍କ ପରାମର୍ଶ

■ **ଭୁବନେଶ୍ୱର, ୨୨।୧୦ (ସମିସ):** ବଙ୍ଗୋପସାଗରରୁ ଗୋଟିଏ ଲଘୁଚାପ ଯାଉ ଯାଉ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି । ସମ୍ଭାବ୍ୟ ଲଘୁଚାପ ଆଜି ରାତି କିମ୍ବା ଗୁରୁବାର ସକାଳ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ । ଏହି ଲଘୁଚାପ କେତେ ଘନୀଭୂତ ହେବ, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ନେଇ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ ଜାରି କରୁଛନ୍ତି । ତେଣୁ ଆଇଏମ୍‌ଡି ମଧ୍ୟ ଲଘୁଚାପ ସୃଷ୍ଟି ଉପରେ ନଜର ରଖିଥିବା ଜଣାପଡ଼ିଛି । ପୂର୍ବରୁ ଏହି ଲଘୁଚାପ ଘନୀଭୂତ ହେବା ନେଇ ପୂର୍ବାନୁମାନ କରାଯାଇଥିଲା । ମାତ୍ର ଏବେ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ କରୁଥିବାରୁ ଆଇଏମ୍‌ଡି ପାଇଁ ମଧ୍ୟ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛି ।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ସୁଦୃଶ ଲଘୁଚାପ ରୂପେ ତାମିଲନାଡୁ ଉପକୂଳରେ କେନ୍ଦ୍ରୀଭୂତ ରହିଛି । ଆଗକୁ ଏହା ଆରବସାଗର ମୁହାଁ ହୋଇ ଓଡ଼ିଶାଠାରୁ ଦୂରକୁ ଯିବ । ତେବେ ଏହା ପ୍ରଭାବରେ ବୁଧବାର ରାଜ୍ୟର ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଗୁରୁବାର ମଧ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସେହିପରି ଦକ୍ଷିଣ ଆଣ୍ଡାମାନସାଗରରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ । ପରବର୍ତ୍ତୀ ▶ପୃଷ୍ଠା-୭




## ଆମେରିକା ସଟ୍‌ଡାଉନ୍

# ୨୨ଦିନ ହେଲା ସରକାରୀ କାର୍ଯ୍ୟ ଠପ୍

### ଫୁଡ୍ ଡେଲିଭରୀ କରୁଛନ୍ତି ସରକାରୀ କର୍ମଚାରୀ

### ଟ୍ରମ୍ପଙ୍କ ପ୍ରସ୍ତାବ ୧୧ ଥର ପାଇଁ ଅଗ୍ରାହ୍ୟ

### ପହିଲା ସୁଦ୍ଧା ନୂତନ ବଜେଟ୍‌କୁ ମିଳିନି ମଞ୍ଜୁରୀ




■ **ୱାଶିଂଟନ୍, ୨୨।୧୦(ଏଜେନ୍ସି):** ଆମେରିକାରେ ଜାରି ରହିଛି ସଟ୍‌ଡାଉନ୍ । ଦୀର୍ଘ ୨୨ ଦିନ ହେବ ଦେଶବ୍ୟାପୀ ସରକାର କାମ କାର୍ଯ୍ୟ ଠପ୍ । ସରକାରୀ କର୍ମଚାରୀଙ୍କୁ ଏଯାଏ ମିଳିନି ଦରମା । କର୍ମଚାରୀଙ୍କୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ଏବଂ ଇଏମ୍ଆଇ ପଇଠ କରିବାରେ ବେଶ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ଏଥିରେ ଅନେକ ସରକାରୀ କର୍ମଚାରୀ ଏବେ ଫୁଡ୍ ଡେଲିଭରୀ କରି ପରିବାର ଚଳାଉଛନ୍ତି । ଆଉ କେତେକ ଅସ୍ଥାୟୀ ଚାକିରି କରି ବଞ୍ଚିବାକୁ ବାଧ ହେଉଛନ୍ତି । ଏହି ସଟ୍‌ଡାଉନ୍‌ରେ ୭,୫୦,୦୦୦ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି । ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ଏବେ ୨୨ତମ ଦିନରେ ପହଞ୍ଚିଛି । ଏହାକୁ ଆମେରିକା ଇତିହାସରେ ଦ୍ୱିତୀୟ ସବୁଠାରୁ ଲମ୍ବା ସଟ୍‌ଡାଉନ୍ କୁହାଯାଉଛି ।

ବର୍ତ୍ତମାନ ଦେଶର ପ୍ରାୟ ୭.୫ ଲକ୍ଷ ସରକାରୀ କର୍ମଚାରୀ ବିନା ଦରମାରେ ଛୁଟିରେ ଅଛନ୍ତି । ଏମିତିକି ସାମରିକ ବାହିନୀ, ପୋଲିସ, ସୀମା ସୁରକ୍ଷା ଏବଂ ବିମାନ ଟ୍ରାଫିକ୍ ନିୟନ୍ତ୍ରକ ଭଳି ଅତ୍ୟାବଶ୍ୟକୀୟ କର୍ମଚାରୀମାନଙ୍କୁ ବିନା ଦରମାରେ କାମ କରିବାକୁ ବାଧ କରାଯାଉଛି । ବିମାନଗୁଡ଼ିକର ଉଡ଼ାଣ ବିଳମ୍ବ ହେଉଥିବାବେଳେ ନିମ୍ନ ଆୟକାରୀ ପରିବାରଗୁଡ଼ିକ ପାଇଁ ଏଭଳି ସମୟରେ ଖାଦ୍ୟ କାର୍ଯ୍ୟକ୍ରମରେ ସହାୟତା ବନ୍ଦ ହେବା ନେଇ ଆଶଙ୍କା ବଢୁଛି । ଦେଶର ଜାତୀୟ ପରମାଣୁ ସୁରକ୍ଷା ସଂସ୍ଥା ଏହାର ୧୪୦୦ କର୍ମଚାରୀଙ୍କୁ ଛୁଟିରେ ପଠାଇଛି । ଶକ୍ତି ▶ପୃଷ୍ଠା-୭

# ୫ ନାମାଙ୍କନ ନାକଚ

■ **ନୂଆପଡା, ୨୨।୧୦ (ସମିସ):** ଆଜି ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଯାଞ୍ଚ ସରିଛି । ମୋଟ ୧୯ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ,ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଓ ତିନି ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ ଏବଂ ଭୁଜବଲ ଆଡ଼ବଙ୍ଗଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି । ଏହାପରେ ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀଙ୍କ ସହ ୧୪ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ,ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସହ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ନାମାଙ୍କନ ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ ଓ ରିଟର୍ଣ୍ଣିଂ ଅଫିସର ସୁର୍ମି ସୋରେନ୍ ଉପସ୍ଥିତ ଥିଲେ ।

**ନୂଆପଡ଼ା ଉପନିର୍ବାଚନ**

# ସ୍ନେହାଙ୍ଗିନୀଙ୍କ ସପକ୍ଷରେ ଆଦିବାସୀଙ୍କ ସଂକଳ୍ପ

■ **ନୂଆପଡା, ୨୨।୧୦ (ସମିସ):** ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ବାହାରିଛନ୍ତି ନୂଆପଡ଼ା ଜିଲ୍ଲାର ଆଦିବାସୀ ସମୂହ । କୋମନାରେ ଏକ ବିଶାଳ ମେଳିରେ ଆଦିବାସୀମାନେ ସ୍ନେହାଙ୍ଗିନୀଙ୍କୁ ବିଜୟୀ କରିବା ନିମନ୍ତେ ସଂକଳ୍ପ କରିଛନ୍ତି । ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲ୍ଲା କୋମନା ବ୍ଲକ୍‌ର ଆଦିବାସୀ ନେତା, ସମାଜସେବୀ ଓ ଜନପ୍ରତିନିଧିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବିଶେଷ ଅତିଥି ଭାବେ ଯୋଗ ଦେଇ ବିଧାନସଭା ଉପ ନିର୍ବାଚନରେ ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆଙ୍କୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଆଦିବାସୀମାନେ ଘୋଷଣା କରିଥିବା ସୂଚନା ଦେଇଛନ୍ତି । ଏହି ଅବସରରେ ସେ ବିଜେପିର ଆଦିବାସୀ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଦଳର ନେତାମାନେ କହିଛନ୍ତି ଯେ ବିଜେପି ଆଦିବାସୀ ଓ ଅନୁସୂଚିତ ଜାତି ସମାଜ ପାଇଁ କିଛି କରିନାହିଁ । ପ୍ରତ୍ୟେକ ବ୍ଲକରେ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ସ୍ଥାପନ କରିବାର ଘୋଷଣା କେବଳ କାଗଜରେ ରହିଯାଇଛି । ଆଦିବାସୀ ମ୍ୟୁଜିୟମ, ଆଇଟିଡ଼ିଏ ସ୍ୱପ୍ନରେ ପରିଣତ ହୋଇଯାଇଛି । ଆଦିବାସୀ ଉପ ଯୋଜନା କାର୍ଯ୍ୟକ୍ରମ ବନ୍ଦ ହୋଇଛି । ଆଦିବାସୀ ଉନ୍ନୟନ ପରିଷଦ ଗଠନ ହୋଇନାହିଁ । ଆଦିବାସୀ ଛାତ୍ରଛାତ୍ରୀଙ୍କ ବୃତ୍ତିକୁ ବିଜେପି ସରକାର ବନ୍ଦ କରିଛନ୍ତି ଓ ଘରୋଇ ଇଂରାଜୀ ବିଦ୍ୟାଳୟରେ ଆଦିବାସୀ ଶିଶୁଙ୍କ ପ୍ରବେଶ ବି ବନ୍ଦ କରାଯାଇଛି । ଆଦିବାସୀ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରୀ ହେଉନାହିଁ, ପଟ୍ଟା ମିଳୁନାହିଁ । ଏସବୁ ବିଜେପି ସରକାରଙ୍କ ▶ପୃଷ୍ଠା-୭




## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ

# ୧୨ ଗିରଫ; ଦୁଇ ମୁଖ୍ୟ ଅଭିଯୁକ୍ତ ଫେରାର୍

### ଗିରଫଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ପୂର୍ବତନ ମେୟର ଓ କର୍ପୋରେଟର

### ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍, ଅଗ୍ରୀମ ନେଇଥିଲେ ୧୦ଲକ୍ଷ: ଏସ୍‌ପି



■ **ବ୍ରହ୍ମପୁର, ୨୨।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସ ବୁଧବାର ୪ଜଣ ସୁପାରୀ କିଲର୍ (ବିହାରୀ) ଙ୍କ ସମେତ ମୋଟ ୧୨ଜଣଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ୪୧ନମ୍ବର ୱାର୍ଡ କର୍ପୋରେଟର ମଳୟ ବିଶୋୟୀଙ୍କ ସମେତ ଅନ୍ୟମାନେ ସାମିଲ ଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ବନ୍ଧୁକ ଜବତ ହୋଇଥିବା ବେଳେ କବାଡ଼ି ଦୋକାନରୁ ଖଣ୍ଡବିଖଣ୍ଡିତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବାବେଳେ ସେମାନଙ୍କ ମଧ୍ୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଉମା ବିଶୋୟୀ ଓ ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ସୁଦର୍ଶନ ଜେନା ଥିବା ଏସ୍‌ପି କହିଛନ୍ତି । ଏହି ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ବିହାରୀ ସୁପାରୀ କିଲର୍‌ଙ୍କୁ ଅଗ୍ରୀମ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା । ତେବେ ବ୍ୟକ୍ତିଗତ କାରଣରୁ ସେମାନେ କାମ ନ କରି ଫେରିଯାଇଥିଲେ । ପରେ ସ୍ଥାନୀୟ ଅପରାଧୀଙ୍କୁ ନେଇ ହତ୍ୟାକାଣ୍ଡ କରାଯାଇଥିଲା । ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଆଗକୁ ଆହୁରି କିଛି କର୍ପୋରେଟରଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି । ସମସ୍ତଙ୍କ ବିରୁଦ୍ଧରେ ୧୦୩(୧)/୬୧(୨)(କ)/୩(୫) ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୫(୧) ▶ପୃଷ୍ଠା-୭

# ରାଜନୈତିକ ଷଡ଼ଯନ୍ତ୍ର ଗନ୍ଧ

■ **ଭୁବନେଶ୍ୱର, ୨୨।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୧୫ ଦିନ ପରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସହ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ମାତ୍ର ପୁଲିସର ଏହି ପଦକ୍ଷେପ ପଛରେ ଷଡ଼ଯନ୍ତ୍ର ଥିବା ଗନ୍ଧ ବାରିଛନ୍ତି ବିଜେଡ଼ିର ବହୁ ବରିଷ୍ଠ ନେତା ଓ ରାଜନୈତିକ ସମୀକ୍ଷକ । ଗତ ବର୍ଷକ ମଧ୍ୟରେ ବିଜେଡିର ଟାଣୁଆ ଯୁବନେତାଙ୍କୁ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳ ନିଶାଣ କରିଛି ଓ ଏହି କ୍ରମରେ ବିକ୍ରମ ମଧ୍ୟ ଶାସକ ଦଳର ଆକ୍ରୋଶର ଶିକାର ହୋଇଛନ୍ତି । ଯେଉଁପରି ଭାବରେ ବିଳମ୍ବିତ ରାତିରେ ବିକ୍ରମଙ୍କୁ ତାଙ୍କ ଘରୁ ପୁଲିସ ଉଠାଇ ନେଇ ବୁଧବାର ସକାଳୁ ତାଙ୍କୁ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଛି, ସେଥିରୁ ଶାସକ ବିଜେପି ଓ ପୁଲିସର ବୁଝାମଣା ସ୍ପଷ୍ଟ । ପୀତବାସ ହତ୍ୟା ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପୃକ୍ତି ସମ୍ପର୍କରେ ବିଜେପିର ଜନୈକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ସମ୍ପର୍କରେ ପୁଲିସ ରହସ୍ୟମୟ ଭାବରେ ନିରବ ଥିବାବେଳେ ବିକ୍ରମଙ୍କ ବନ୍ଧୁଙ୍କ ଘରେ ଅଭିଯୁକ୍ତ ଆଶ୍ରୟ ନେଇଥିବା ଦର୍ଶାଇ ତାଙ୍କୁ ଗିରଫ କରିବା ରହସ୍ୟମୟ ମନେ ହେଉଛି ।


ଗତ ୧୬ ମାସ ମଧ୍ୟରେ ବିଜେପି ସରକାର ରାଜ୍ୟରେ ଯେତେବେଳେ କୌଣସି ଜଟିଳ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି; ସେହି ସମୟରେ ସଂଘଠିତ ଅନ୍ୟ ଏକ ଘଟଣା ରାଜ୍ୟବାସୀଙ୍କୁ ପୂର୍ବ ଘଟଣାରୁ ନଜର ହଟାଇ ନେଇଥିବା ଦେଖାଯାଇଛି । ପ୍ରଥମେ ଏହାକୁ ସଂଯୋଗ ବୋଲି ମନେ କରାଯାଉଥିଲେ ହେଁ କ୍ରମାଗତ ଗୋଟିଏ ପରେ ଗୋଟିଏ ଘଟଣାରେ ଏପରି ଘଟିବା ଆଦୌ କାକତାଳୀୟ ବୋଲି କୁହାଯାଇ ପାରୁନାହିଁ । ପୁଲିସ କାନ୍ଧରେ ବନ୍ଧୁକ ରଖି ଶାସକ ଦଳ ବିରୋଧୀଙ୍କୁ ଦମନ କରିବାକୁ ଉଦ୍ୟମ କରୁଥିବା ଅନେକ ସନ୍ଦେହ କରୁଛନ୍ତି । ▶ପୃଷ୍ଠା-୭

### ନିଶାଣରେ ବିଜେଡି ନେତା

■ **ଭୁବନେଶ୍ୱର, ୨୨।୧୦ (ସମିସ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ସମୟରେ ବିଜେଡି ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ନିଶାଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି । ଗତବର୍ଷ ବିଜେଡିର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଥିଲା । ସାଧାରଣ ଲୋକଙ୍କ ସାମୂହିକ ଦାବି ପୂରଣ ପାଇଁ ଧାରଣା ଦେଇଥିବାବେଳେ ତାଙ୍କୁ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୮୨୪- ବିଶ୍ୱର ପ୍ରଥମ ପ୍ଲାଷ୍ଟିକ୍ ସର୍ଜରୀ ଇଂଲଣ୍ଡରେ କରାଗଲା।
- ୧୯୪୭- ମିଳିତ ଜାତିସଂଘର ପ୍ରଥମ ବୈଠକ ନ୍ୟୁୟର୍କରେ ଅନୁଷ୍ଠିତ ହେଲା।
- ୧୯୫୪- ପଶ୍ଚିମ ଜର୍ମାନୀ ନାଟୋ ସମ୍ମିଳନୀରେ ଭାଗ ନେଲା।
- ୨୦୦୧- ଆପଲ୍ କମ୍ପାନି ତା'ର ଆଇପଡ୍ ବଜାରକୁ ଛାଡ଼ିଲା।
- ୨୦୦୪- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୮୫ ହଜାର ଲୋକ ବାସହ୍ରାସ୍ତ ହେଲେ।



## 'ଧୁରନ୍ଧର'ର ସୁଟିଂ ସାରିଲେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଫିଲ୍ମର ଟିଜର୍ ରିଲିଜ୍ ହେବା ଦିନଠୁ ଦର୍ଶକେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଗତ କିଛି ମାସ ହେଲାଣି ରଣବୀର ଏହାର ସୁଟିଂରେ ବ୍ୟସ୍ତ ଥିଲେ। ଇତିମଧ୍ୟରେ ସେ ତାଙ୍କ ଭାଗର ସୁଟିଂ ସାରି ଦେଇଛନ୍ତି। ଫିଲ୍ମର କାହାଣୀ ଅପରାଧ ଜଗତର ଜଟିଳ ଦୁନିଆ ଉପରେ ଆଧାରିତ। ଏଥିରେ ରଣବୀରଙ୍କର ବେଶ୍ ଦମ୍ଦାର୍ ଚରିତ୍ର ରହିଛି। ଏଥିରେ ସେ ଜଣେ ରଅ ଏଜେଣ୍ଟ ଭୂମିକାରେ ନଜର ଆସିବେ। ଏହି ଚରିତ୍ର ପାଇଁ ରଣବୀର ତାଙ୍କ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ସୁଟିଂ ସେଟ୍‌ରୁ ଭାଇରାଲ ହୋଇଥିବା ଫଟୋ ଓ ଭିଡିଓଗୁଡ଼ିକରେ ସେ ଲମ୍ବା କେଶ ଓ ନିଶଦାଢ଼ିରେ ନଜର ଆସିଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ଧର ଅଛନ୍ତି। ଫିଲ୍ମରେ ରଣବୀରଙ୍କ ସହ ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଆର୍. ମାଧବନ୍, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ଓ ରାକେଶ ବେଦୀ ମଧ୍ୟ ନଜର ଆସିବେ। ତେବେ ଏହାର ପ୍ରମୋସନ୍ ଖୁବ୍‌ଶୀଘ୍ର ଆରମ୍ଭ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏହାସହ ଫିଲ୍ମ ନିର୍ମାତା ଏହାର ପୋଷ୍ଟର, ଗୀତ ଓ ଟିଜର୍ ଜାରି କରିପାରନ୍ତି। ଡିସେମ୍ବର ୫ରେ ଏହା ପରଦାକୁ ଆସିବ।

## କ୍ୟାପ୍ କୁଲିଂରେ ଝଡ଼ିବନି କେଶ




କ୍ୟାନ୍‌ସର (କର୍କଟ) ଆକ୍ରାନ୍ତ ରୋଗୀମାନଙ୍କ ବୃଦ୍ଧିକୁ ରୋକିବା ପାଇଁ ଯେଉଁ ଔଷଧ ପ୍ରୟୋଗ କରାଯାଏ ତାହାକୁ 'କେମୋଥେରାପି' କୁହାଯାଏ। ତେବେ କେମୋଥେରାପି ଯୋଗୁଁ କେଶ ଝଡ଼ିବା ସମସ୍ୟା ଦେଖାଯାଏ। ଯାହାକି ଅତ୍ୟନ୍ତ ସାଧାରଣ ସମସ୍ୟା। ହେଲେ ଏବେର ଏକ ନୂତନ ଗବେଷଣାନୁସାରେ, କେମୋଥେରାପି ସମୟରେ ଏକ ବିଶେଷ ପ୍ରକାର କୁଲିଂ ଡିଭାଇସ୍‌କୁ ବ୍ୟବହାର କରିବା ଦ୍ୱାରା କେଶ ଝଡ଼ା ସମସ୍ୟାକୁ କିଛି ପରିମାଣରେ କମ୍ କରାଯାଇପାରିବ। କେମୋଥେରାପିରେ ଶରୀରରେ କ୍ୟାନସର କୋଷ ସହିତ କିଛି ସୁସ୍ଥ କୋଷ ମଧ୍ୟ ପ୍ରଭାବିତ ହୋଇଥାଏ। ଏହି କାରଣ ଯୋଗୁଁ କେଶ ମୂଳରେ ପ୍ରଭାବ ପଡ଼େ ଏବଂ କେଶ ଝଡ଼େ। ଏପରିକି ଅନେକ ସମୟରେ ରୋଗୀଙ୍କ ସମ୍ପୂର୍ଣ୍ଣ କେଶ ଝଡ଼ିଯାଏ। ଏହାଦ୍ୱାରା ଲୋକେ ଅବସାଦ ମଧ୍ୟରେ ରହନ୍ତି। ବିଶେଷକରି ଛୋଟ ପିଲା ଓ ଯୁବପିଢ଼ିଙ୍କଠାରେ ଏହିସ୍ଥିତି ଗମ୍ଭୀର ହୋଇଥାଏ। ଏଣୁ କରିଥିବା ଗବେଷଣାରେ ଏହି କୁଲିଂ ଡିଭାଇସ୍‌ର ବ୍ୟବହାର କରାଯାଇଛି। ଏହାକୁ ସ୍କାଲପ କୁଲିଂ ବା କୁଲିଂ କ୍ୟାପ୍ ବୋଲି କୁହାଯାଉଛି। ଯେତେବେଳେ ରୋଗୀଙ୍କ ମସ୍ତିଷ୍କର ତ୍ୱଚାକୁ ଥଣ୍ଡା ବା ଶୀତଳ କରାଯାଏ, ସେହି ଭାଗର ରକ୍ତ କୋଶିକା ସଙ୍କୁଚିତ ହୋଇଯାଏ। ଏହାଦ୍ୱାରା କେମୋଥେରାପିର ଔଷଧ କମ୍ ପରିମାଣରେ ମୁଣ୍ଡ ଏବଂ କେଶ ମୂଳରେ ପହଞ୍ଚିପାରିବ। ଫଳସ୍ୱରୂପ କେଶ ମୂଳ କମ୍ ପ୍ରଭାବିତ ହେବ ଏବଂ କେଶ ଝଡ଼ା ସମସ୍ୟା ହ୍ରାସ ପାଇବ। ଏହି ଡିଭାଇସ୍ ମହିଳା ଓ ଛୋଟ ପିଲାଙ୍କ ଲାଗି ମୁଖ୍ୟତଃ ପ୍ରଭାବୀ ସାବ୍ୟସ୍ତ ହୋଇପାରେ। ଗବେଷକଙ୍କ କହିବା କଥା, ଆଗାମୀ ଦିନରେ ଏହି ଟେକ୍ନିକ୍ କ୍ୟାନ୍ସର ହସ୍ପିଟାଲଗୁଡ଼ିକରେ ସହଜରେ ଉପଲବ୍ଧ ହେବ। ଅନ୍ୟପଟେ ଏହି ଟେକ୍ନିକ୍ ଅଧିକରୁ ଅଧିକ ହସ୍ପିଟାଲରେ ପହଞ୍ଚିଲେ, କ୍ୟାନସର ରୋଗୀ କେବଳ ଶାରୀରିକ ଭାବେ ନୁହେଁ, ମାନସିକ ସ୍ତରରେ ମଧ୍ୟ ବଡ଼ ଆଶ୍ୱସ୍ତି ଲାଭ କରିବେ।

## ଫଳ, ପନିପରିବାରୁ କୀଟନାଶକ ଧରିବ ଡିଭାଇସ୍



ବିଟ୍ସ ପିଲାନି ହାଇଦ୍ରାବାଦର ଗବେଷକମାନେ ଏକ ନୂଆ ପୋର୍ଟେବଲ ଡିଭାଇସ୍ ବିକଶିତ କରିଛନ୍ତି। ଏହି ଉପକରଣ ଫଳ ଓ ପନିପରିବାରେ ଥିବା କୀଟନାଶକ ଯାଞ୍ଚ କରିବ। ଏହି ଡିଭାଇସ୍ କେମିଲ୍ୟୁମିନେସିଟର ଉପରେ ଆଧାରିତ। ଏହାକୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ। ଯେକୌଣସି ଫଳ ଓ ପନିପରିବାକୁ ଧୋଇ ସେହି ପାଣିକୁ ଏହି ଡିଭାଇସ୍‌ରେ ରଖିବାକୁ ହେବ। ପାଣି ଯେତେବେଳେ ରାସାୟନିକ ପଦାର୍ଥ ସହ ପ୍ରତିକ୍ରିୟା କରିଥାଏ ସେତେବେଳେ ଏଥିରୁ ଆଲୋକ ବାହାରେ। ଏହି ଆଲୋକରୁ ଜଣାପଡ଼େ ଏଥିରେ କୀଟନାଶକ ଅଛି। ସେହିପରି ଏହି ଡିଭାଇସ୍‌କୁ ଯେକୌଣସି ସ୍ଥାନକୁ ନେବା ସମ୍ଭବ। ଏହାର ଦାମ୍ ୫ ହଜାରରୁ ୧୦ ହଜାର ମଧ୍ୟରେ ରହିଛି। ତେବେ ଡିଭାଇସ୍‌ରେ ଆଲୋକର ତୀବ୍ରତା ଆଧାରରେ କୀଟନାଶକର ମାତ୍ରାକୁ ମପାଯାଇଥାଏ। ପାରମ୍ପରିକ କୀଟନାଶକ ପରୀକ୍ଷାର ଉପାୟ ଜଟିଳ, ସମୟ ସାପେକ୍ଷ ଓ ମହଙ୍ଗା ହୋଇଥାଏ। ତା'ସହ ଏ ଲାଗି ଗବେଷଣାଗାର ସହ ତାଲିମପ୍ରାପ୍ତ ଟେକ୍ନିସିଆନ ଆବଶ୍ୟକ ହୋଇଥାନ୍ତି। ହେଲେ ଏହି ନୂଆ ଉପକରଣ ଏ ସମସ୍ତ ସମସ୍ୟାକୁ ଦୂର କରିପାରିବ। ଡିଭାଇସ୍‌ରେ ଟେଷ୍ଟ ଷ୍ଟ୍ରିପ୍‌ର ଉପଯୋଗ ହୁଏ। ଏହାର ଫିଲଟର ପେପର୍‌ରେ ରାସାୟନିକ ପଦାର୍ଥ ଥାଏ। ଏହାସହିତ ହାଇରିଜୋଲ୍ୟୁସନ କ୍ୟାମେରା, ଇଣ୍ଟିଗ୍ରେଟେଡ୍ ମାଇକ୍ରୋକଣ୍ଟ୍ରୋଲର ଥାଏ। ଯାହାକି ପ୍ରତିକ୍ରିୟାର ଆଲୋକ ସଙ୍କେତକୁ ବିଶ୍ଳେଷଣ କରି ସଠିକ୍ ତଥ୍ୟ ପ୍ରଦାନ କରେ।

## ରବିବାର ଛୁଟି ରହୁଥିବା ଷ୍ଟେସନ



ଭାରତୀୟ ରେଳବାଇ ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ରେଳ ନେଟୱର୍କ। ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନରେ ଯାତ୍ରା କରିଥାନ୍ତି। ଭାରତରେ ଏମିତି ଏକ ଷ୍ଟେସନ୍ ରହିଛି ଯାହା ରବିବାର ଦିନ ଛୁଟି ରୁହେ। ଏହି ଷ୍ଟେସନ୍‌ଟି ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରୁ ପାଖାପାଖି ୩୫ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ କେବଳ ବାଙ୍କୁଡ଼ା-ମାସାଗ୍ରାମ୍ ଯାତ୍ରୀବାହୀ ଟ୍ରେନ୍‌ଟି ଅଟକିଥାଏ। ହେଲେ ରବିବାର ଦିନ ଏହି ଟ୍ରେନ୍‌ଟି ଷ୍ଟେସନକୁ ଆସୁ ନ ଥିବାରୁ ପୂରା ଷ୍ଟେସନଟି ଶୂନ୍‌ଶାନ୍ ଲାଗିଥାଏ। ତେବେ ରବିବାର ଦିନ ଷ୍ଟେସନ ମାଷ୍ଟରଙ୍କୁ ଟ୍ରେନ୍ ଟିକଟ କିଣିବାକୁ ବର୍ଦ୍ଧମାନ ସହର ଯିବାକୁ ପଡୁଥିବାରୁ ଏହିଦିନ ଟିକେଟ୍ କାଉଣ୍ଟର ଏବଂ ସମସ୍ତ ସେବା ବନ୍ଦ ରହିଥାଏ। ତେଣୁ ଏହି ଷ୍ଟେସନଟି ରବିବାର ଦିନ ବନ୍ଦ ରୁହେ। କେବଳ ସେତିକି ନୁହେଁ, ଏହି ଷ୍ଟେସନର କୌଣସି ସରକାରୀ ନାଁ ମଧ୍ୟ ନାହିଁ। ଏବେ ବି ଟିକେଟରେ ପୁରାତନ ସମୟର ନାଁ ରେନାଗର ମୁଦ୍ରିତ ରହିଛି। ୨୦୦୮ ରୁ ଏହି ଷ୍ଟେସନ୍‌ଟି ବିନା ନାମରେ ପରିଚାଳିତ ହେଉଛି।

## ଚାଟ୍‌ଜିପିଟି ବ୍ୟବହାରରେ ମହିଳା ଆଗରେ

ସାଧାରଣତଃ ମହିଳାଙ୍କ ତୁଳନାରେ ପୁରୁଷମାନେ ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ଥାନ୍ତି। ଓପନ ଏଆଇର ରିପୋର୍ଟ ଅନୁସାରେ, ଚାଟ୍‌ଜିପିଟି ବ୍ୟବହାର କରିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଆଗରେ ଅଛନ୍ତି। ଓପନ ଏଆଇ ନାଁକୁ ବିଶ୍ଳେଷଣ କରି ଲିଙ୍ଗ ଆଧାରରେ ଏକଥା ଜାଣିଛି। କ୍ରୁକ୍ ତଥ୍ୟରୁ ଜଣାପଡ଼ିଛି, ଚାଟ୍‌ଜିପିଟି ବ୍ୟବହାର କରିବାରେ ମହିଳାମାନେ ପୁରୁଷଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିରୁ ଏଆଇ ବ୍ୟବହାର କରିବା ଏବେ ସାମନ୍ତେ ଆରମ୍ଭ କରିଦେଲେଣି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତା'ସହ ଏହା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମ୍ୟାନେଜମେଣ୍ଟରେ ଲୋକଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି କରିଛି ବୋଲି ଜଣାପଡ଼ିଛି। ୨୦୨୨ ମସିହା ନଭେମ୍ବରରୁ ଚାଟ୍‌ଜିପିଟି ଲଞ୍ଚ ହେବା ପରଠୁ ଏହାକୁ ୭୦ରୁ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି। ବିଶ୍ୱରେ ପ୍ରତି ୧୦ ଜଣରେ ଜଣେ ବୟସ୍କ ଏଆଇ ବ୍ୟବହାର କରୁଛନ୍ତି। ଓପନ ଏଆଇ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ, ପ୍ରତି ସେକେଣ୍ଡରେ ପ୍ରାୟ ୨୯ ହଜାର ମେସେଜ ଚାଟ୍‌ଜିପିଟିକୁ ପ୍ରେରଣ କରାଯାଏ। ଏହା ଏଆଇର ଲୋକପ୍ରିୟତାକୁ ଦେଖାଉଛି। ତେବେ ଲୋକେ ଇ-ମେଲ୍ ଏବଂ ଆର୍ଟିକିଲ ଲେଖିବା ପାଇଁ ୪୦% ଚାଟ୍‌ଜିପିଟିର ବ୍ୟବହାର କରିଥାନ୍ତି। ଏହାସହ ପରାମର୍ଶ ଓ ମାର୍ଗଦର୍ଶନ ଲାଗି ୨୯ ପ୍ରତିଶତ ଏବଂ ତଥ୍ୟ ସନ୍ଧାନ ପାଇଁ ୨୪ ପ୍ରତିଶତ ଲୋକ ଏହାକୁ ବ୍ୟବହାର କରୁଛନ୍ତି। ଏହାବାଦ୍ କୋଡିଂ ଏବଂ ପ୍ରୋଗ୍ରାମିଂ ମେସେଜ୍ କେବଳ ୪.୨ ପ୍ରତିଶତ ଅଛି। ୧.୯ ପ୍ରତିଶତ ବ୍ୟବହାରକାରୀ ଚାଟ୍‌ଜିପିଟିରେ ସମ୍ପର୍କ ଏବଂ ଭାବନା ବିଷୟରେ ଆଲୋଚନା କରନ୍ତି ଏବଂ ୦.୪ ପ୍ରତିଶତ ବ୍ୟବହାରକାରୀ ଗେମି ବିଷୟଗୁଡ଼ିକୁ ପସନ୍ଦ କରନ୍ତି। ଜୁଲାଇ ୨୦୨୫ ସୁଦ୍ଧା ମହିଳାମାନେ ଚାଟ୍‌ଜିପିଟି ଅଧିକ ବ୍ୟବହାର କରିଥିବା ଜଣାପଡ଼ିଛି। ଚାଟ୍‌ଜିପିଟିର ସର୍ବାଧିକ ସକ୍ରିୟ ବ୍ୟବହାରକାରୀଙ୍କ ମଧ୍ୟରୁ କେବଳ ୪୬ ପ୍ରତିଶତ ୧୮ ରୁ ୨୫ ବର୍ଷ ବୟସର ଅଛନ୍ତି। ସେହିପରି ଏଆଇର ଲୋକପ୍ରିୟତା ନିମ୍ନ ଧରଣର ଆୟ ଏବଂ ମଧ୍ୟମ ଧରଣର ଆୟ ଦେଶଗୁଡ଼ିକରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି।




## ଗାଈ ମୁଣ୍ଡରେ ଚିପ୍

ରୁଷରେ ଗାଈଙ୍କ ମୁଣ୍ଡରେ ଚିପ୍ ପ୍ରତ୍ୟାରୋପଣ କରାଯାଇଛି। ଗାଈଗୁଡ଼ିକ ଅଧିକ କ୍ଷୀର ଦେବା ଉଦ୍ଦେଶ୍ୟରେ ଏପରି କରାଯାଇଛି। ରୁଷର ନେରି କମ୍ପାନି ଏଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଛି। ତେବେ ଗାଈଙ୍କ ମୁଣ୍ଡର ସେହି ଭାଗରେ ଇଲେକ୍‌ଟ୍ରୋଡସ୍ ଲଗାଯାଇଛି, ଯାହାକି ସେମାନଙ୍କର ଭୋକ, ଚାପ ଓ ପ୍ରଜନନ ସହିତ ଜଡ଼ିତ। ଇଲେକଟ୍ରୋଡସ୍ ମାଧ୍ୟମରେ ଇଲେକଟ୍ରିକ୍ ମେସେଜ ପ୍ରେରଣ କରାଯାଇ ଏହି ଅଂଶକୁ ଉତ୍ତେଜିତ କରାଯାଏ। ଏହାଦ୍ୱାରା ଗାଈଙ୍କ ମାନସିକ ଏବଂ ଶାରୀରିକ ସନ୍ତୁଳନ ଉନ୍ନତମାନର ହେବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହିବର୍ଷ ଏପ୍ରିଲରେ ଉକ୍ତ କମ୍ପାନି ଏହାର ପ୍ରୟୋଗ ଆରମ୍ଭ କରିଥିଲା। ଗତ ମାସରେ ୫ଟି ଗାଈଙ୍କଠାରେ ସର୍ଜରି କରାଯାଇଥିଲା। ଗାଈମାନଙ୍କର ମୁଣ୍ଡର ପଛପାଖରେ ଏକ ବିଶେଷ ଷ୍ଟିମୁଲେଟର ଲଗାଯାଇ ଇଲେକଟ୍ରୋଡସ୍‌କୁ ମସ୍ତିଷ୍କ ଭିତରକୁ ନିଆଯାଇଥିଲା। ଏହି ଉପକରଣ ସହାୟତାରେ ଭୋକ, ଚାପ ଏବଂ ପ୍ରଜନନ କ୍ଷମତାକୁ ନିୟନ୍ତ୍ରଣ କରୁଥିବା ଭାଗକୁ ଉତ୍ତେଜିତ କରାଯାଇଥିଲା। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଲା। ଏହି ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ ସଫଳ ରହିଛି।



ସେହିପରି ଏହି ସର୍ଜରୀ ନିଶ୍ଚେତକ ବିନା ଗାଈଙ୍କଠାରେ କରାଯାଇଥିଲା। ତେବେ ସର୍ଜରୀ ପରେ ଗାଈଙ୍କଠାରେ କୌଣସି ଅସୁବିଧା ଦେଖିବାକୁ ମିଳି ନାହିଁ। ଅବଶ୍ୟ ଦୁଗ୍ଧ ଉତ୍ପାଦନକୁ ନେଇ କମ୍ପାନି କୌଣସି ସଠିକ୍ ତଥ୍ୟ ପ୍ରଦାନ କରି ନାହିଁ। ହେଲେ ପୂର୍ବ ତୁଳନାରେ ଗାଈଗୁଡ଼ିକ ଅଧିକ କ୍ଷୀର ଦେଉଥିବା କମ୍ପାନି ପକ୍ଷରୁ କୁହାଯାଇଛି। ଏବେ ଏହି ଟେକ୍ନିକ୍ ଉପରେ ସୁଧାରର ଆବଶ୍ୟକତା ଅଛି। ଯେଭଳି ଏହାକୁ ଭବିଷ୍ୟତରେ ବଡ଼ ସ୍ତରର ଟେକ୍ନୋଲୋଜିରେ ବ୍ୟବହାର କରାଯାଇପାରିବ। ଉକ୍ତ କମ୍ପାନିର କହିବା କଥା, ଗାଈଙ୍କଠାର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାର ପୁରୁଣା ଉପାୟ ପ୍ରଭାବୀ ସାବ୍ୟସ୍ତ ହେଉ ନାହିଁ। ଏଭଳି ସ୍ଥିତିରେ ମସ୍ତିଷ୍କରେ ଇଲେକ୍ଟ୍ରିକ୍ ମେସେଜ ମାଧ୍ୟମରେ ଉତ୍ତେଜିତ କରାଯାଇ ଟେକ୍ନୋଲଜି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ଯାହାକି ଦୁଗ୍ଧ ବ୍ୟବସାୟକୁ ଆହୁରି ବୃଦ୍ଧି କରିବ। ଅନ୍ୟପଟେ ଏହି ଉପାୟ ଗାଈଙ୍କ ଲାଗି ବିପଜ୍ଜନକ ବି ହୋଇପାରେ ବୋଲି କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

■ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

## ସହକାରୀ ପ୍ରାଧ୍ୟାପକ ଓ ଅଧ୍ୟକ୍ଷଙ୍କ ଜାମିନ ଖାରଜ

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଗିରଫ ହୋଇଥିବା ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଆବେଦନକୁ ହାଇକୋର୍ଟଙ୍କ ଖାରଜ କରିଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଚୂଡାନ୍ତ ଚାର୍ଜସିଟ ଦାଖଲ କରିବା ପରେ ଉଭୟ ଆବେଦନକାରୀ ସାନି ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଉଭୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାଲେଶ୍ୱର ଦୌରା ଜଜ୍ ଅଦାଲତରେ ଉଭୟଙ୍କ ଜାମିନ ଖାରଜ ହେବା ପରେ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ, ଛାତ୍ରୀଙ୍କ ଆତ୍ମଦାହ ଘଟଣାକୁ ମୋବାଇଲ ଫୋନରେ ରେକର୍ଡ କରିଥିବା ଅଭିଯୁକ୍ତ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଘଟଣାର ଅବ୍ୟବହିତ ପୂର୍ବରୁ ପୀଡ଼ିତାଙ୍କ ସହ ବାରମ୍ବାର ମୋବାଇଲରେ କଥା ହୋଇଥିବା ଛାତ୍ର ଶୁଭ୍ର ସମ୍ବିତ ନାୟକଙ୍କ ଜାମିନ ଆବେଦନକୁ ହାଇକୋର୍ଟ ମଞ୍ଜୁର କରିଛନ୍ତି। ଉଭୟଙ୍କୁ ୫୦ହଜାର ଟଙ୍କା ଲେଖାଁଏ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ଜାମିନରେ ଛାଡିବା ବେଳେ ଆବଶ୍ୟକ ସର୍ତ୍ତ ରଖିପାରିବେ। ଉଲ୍ଲେଖ ଯୋଗ୍ୟ ଯେ କଲେଜ ଅଧ୍ୟକ୍ଷ ଓ ସହକାରୀ ପ୍ରାଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଗତ ଜୁଲାଇ ୧୨ତାରିଖରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ଜୁଲାଇ୧୪ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ସମ୍ପର୍କରେ ମୃତକଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଏତଲା ଦେବା ପରେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା।

**ଦୁଇ ଅଭିଯୁକ୍ତ ଛାତ୍ରଙ୍କୁ ମିଳିଲା ଜାମିନ**

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ୩ରେ ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି

କଟକ,୨୨।୧୦(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ସରକାରୀ ଓକିଲ ଆଜି ସମୟ ଲୋଡ଼ିଥିବା ବେଳେ ଆସନ୍ତା ନଭେମ୍ବର ୩ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆଜି କେସ୍ ଡାଏରି ଦାଖଲ କରିଛି କ୍ରାଇମବ୍ରାଞ୍ଚ। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତର ସାନି ସ୍ଥିତି ନେଇ ହାଇକୋର୍ଟଙ୍କୁ ରାଜ୍ୟ ସରକାର ଅବଗତ କରିବେ। ବୋର୍ଡର ପୂର୍ବତନ ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତିଙ୍କ ସହିତ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନ ଗୁଡ଼ିକର ଏକତ୍ର ଶୁଣାଣି ହେବ। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରା ଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଋଣ ପରିଶୋଧ ଖିଲାପୀରେ ଯୁଗ୍ମ ଆକାଉଣ୍ଟରୁ ଟଙ୍କା କାଟିବା ବେଆଇନ: ହାଇକୋର୍ଟ

କଟକ,୨୨।୧୦(ସମିସ): ପତ୍ନୀ କରିଥିବା ଋଣ ଅର୍ଥ ପରିଶୋଧ ନ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ରହିଥିବା ଯୁଗ୍ମ ବ୍ୟାଙ୍କ ଜମାଖାତାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସିଧାସଳଖ ଅର୍ଥ କାଟିନେବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଭରତଚନ୍ଦ୍ର ମଲ୍ଲିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

### ୫ ଲକ୍ଷ ଟଙ୍କା ଫେରସ୍ତ ନିର୍ଦ୍ଦେଶ

ବିଶେଷକରି ଆବେଦନକାରୀଙ୍କ ପେନସନ ଅର୍ଥ ଏହି ଆକାଉଣ୍ଟରେ ଜମା ହେଉଥିବାରୁ ଏହା ପେନସନ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ସୁରକ୍ଷା ଏବଂ ଧାରା ୨୧ ଅନୁଯାୟୀ ଆବେଦନକାରୀଙ୍କ ଜୀବିକା ନିର୍ବାହର ମୌଳିକ ଅଧିକାରକୁ ଉଲ୍ଲଂଘନ କରିଛି ବୋଲି କହିଛନ୍ତି ହାଇକୋର୍ଟ। ଏହି ରାୟ ପ୍ରକାଶନ ତାରିଖରୁ ଚାରି ସପ୍ତାହ ମଧ୍ୟରେ କାଟି ନିଆଯାଇଥିବା ୫ ଲକ୍ଷ ଟଙ୍କା ଆବେଦନକାରୀଙ୍କ ଆକାଉଣ୍ଟରେ ଫେରାଇବାକୁ ବ୍ୟାଙ୍କକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ତାଙ୍କ ଆକାଉଣ୍ଟ ମୁକ୍ତ ଭାବରେ ପରିଚାଳନା କରିବାକୁ ଅନୁମତି ଦିଆଯିବ ଏବଂ ଆଇନଗତ ପ୍ରକ୍ରିୟା ପାଳନ ନ କରି ବ୍ୟାଙ୍କ ଭବିଷ୍ୟତରେ ତାଙ୍କ ପେନସନରୁ କୌଣସି ପରିମାଣ ଆଦାୟ କରିବେ ନାହିଁ। ତେବେ ଏହି ରାୟ ଆବେଦନକାରୀଙ୍କର ରହିଥିବା ମୂଳ ଋଣ ଦାୟିତ୍ୱକୁ ସମାପ୍ତ କରିନାହିଁ। ଏଣୁ ବ୍ୟାଙ୍କ ଆଇନଗତ ଉପାୟରେ ବକେୟା ଦେୟ ଆଦାୟ କରିବାକୁ ସ୍ୱାଧୀନତା ରଖିଛି ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ। ତାଙ୍କ ପତ୍ନୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଏକ ପରିବହନ ଋଣ କରିଥିଲେ ଯେଉଁଥିରେ ସ୍ୱାମୀ ଗ୍ୟାରେଣ୍ଟର ରହିଥିଲେ। ପତ୍ନୀ ଋଣ ପରିଶୋଧରେ ଖିଲାପ କରିବାରୁ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ନାମରେ ଥିବା ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ ଆବେଦନକାରୀଙ୍କୁ ଅବଗତ ନକରି ୫ଲକ୍ଷ ଟଙ୍କା ବିନା ନୋଟିସରେ କାଟିନେଇଥିଲା। ଏହା ତାଙ୍କର ପେନସନ ଅର୍ଥ ହୋଇଥିବାରୁ ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ଜଣେ ବ୍ୟକ୍ତି ଋଣ ପରିଶୋଧରେ ଖିଲାପ କରିବାରୁ ଋଣୀ ନଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଥିବା ଏକ ଯୁଗ୍ମ ଆକାଉଣ୍ଟରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଜବତ କରିପାରିବେ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## ଜଙ୍ଗଲରୁ ମିଳିଲା ନିଖୋଜ ମହିଳାଙ୍କ ମୃତଦେହ

### ସ୍ତ୍ରୀକୁ ହତ୍ୟାକରି ସ୍ୱାମୀ ଜଙ୍ଗଲରେ ଫିଙ୍ଗିଥିବା ସନ୍ଦେହ

ଖଇରା,୨୨।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶରତ ଗ୍ରାମରୁ ୬ଦିନ ଧରି ନିଖୋଜ ଥିବା ମାଣିକ ମାଝୀ(୨୬)ଙ୍କ ମୃତଶରୀର ବୁଧବାର ଦିନ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ମାଣିକଙ୍କ ସ୍ୱାମୀ ମଗତ ସୋରେନ ଫେରାର ରହିଛି। ମଗତର ଆକ୍ରମଣରେ ମାଣିକଙ୍କ ମୃତ୍ୟୁ ଘଟିବା ପରେ ମୃତଦେହକୁ ସେ ଜଙ୍ଗଲରେ ଫିଙ୍ଗିଥିବା ଖଇରା ପୁଲିସ ସନ୍ଦେହ ପ୍ରକାଶ କରିଛି। ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ୪ ନାବାଳକ ଝିଅପୁଅଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।

### ବିକ୍ରମ ପଣ୍ଡାଙ୍କ ଗିରଫଦାରୀକୁ ନେଇ ବର୍ଷିଲା ବିଜେଡି

# ରାଜନୈତିକ ଉଦ୍ଦେଶ୍ୟରେ ବିକ୍ରମଙ୍କୁ ଫସାଇ ଦିଆଯାଇଛି

ଭୁବନେଶ୍ୱର,୨୨।୧୦(ସମିସ): ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୁଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଗିରଫଦାରୀ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କୁ ବଞ୍ଚାଇବା ପାଇଁ ବିଜେଡି ଜିଲ୍ଲା ସଭାପତିଙ୍କୁ ଚକ୍ରାନ୍ତ କରି ଫସାଯାଇଛି ବୋଲି ବିଜେଡି ଅଭିଯୋଗ କରିଛି।

ବୁଧବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ଏହି ହତ୍ୟାକାଣ୍ଡରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିଲା। ମାତ୍ର ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି।

ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ଗତ ୧୬ ମାସର ବିଜେପି ଶାସନରେ, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲ୍ଲାରେ ୧୫୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା କେବଳ ଓଡିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱରେ ଚର୍ଚ୍ଚିତ ଘଟଣା ପାଲଟିଥିଲା। ସମଗ୍ର ଜିଲ୍ଲାରେ ବିଜେପି ସରକାର ସମୟରେ ୧୮୨୩ଟି ମହିଳା ନିର୍ଯାତନା ମାମଲା ହୋଇଛି। ଏହାଛଡ଼ା, ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଶୀର୍ଷରେ ପହଁଚିଛି। ଏହି ଚୋରା ବାଲି କାରବାର ନେଇ ଅନେକ ହିଂସାକାଣ୍ଡ ଘଟିଛି। ଏହି ଚୋରା ବାଲି କାରବାରରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହୋଇ ଆସୁଛି।



■ ବିକ୍ରମଙ୍କ ବିରୋଧରେ ପୁଲିସ ପାଖରେ ତିଳେ ମାତ୍ର ପ୍ରମାଣ ନାହିଁ
■ ନୂଆପଡ଼ା ଉପନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଏଭଳି ଚକ୍ରାନ୍ତ
■ ପୀତବାସଙ୍କ ହତ୍ୟା ପ୍ଲଟ୍‌ରୁ ବଳିଗଲା ବିକ୍ରମଙ୍କୁ ଫସାଇବା ପ୍ଲଟ୍

ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଏମିତି କି ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୁତି ଜେନାଙ୍କର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ବିଜେପି ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ, ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟରେ ବିକ୍ରମଙ୍କ ବିରୋଧରେ କୌଣସି ପ୍ରମାଣ ପ୍ରସ୍ତୁତ କରିନାହାନ୍ତି, କେବଳ ଗୁଡ଼ାଏ କାହାଣୀ କହିଛନ୍ତି। ଏହି ଗିରଫଦାରୀକୁ ଆମେ ଦୃଢ଼ ନିନ୍ଦା କରୁଛୁ। ବିଜୁ ଜନତା ଦଳ ଏଭଳି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବ ବୋଲି ସେ କହିଛନ୍ତି।

ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, କେବଳ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତି ଦେଖାଇ ତାଙ୍କୁ ଗିରଫ କରାଯାଇଛି। ପୀତବାସ ପଣ୍ଡାଙ୍କ ହତ୍ୟା ପାଇଁ ତିଆରି ହୋଇଥିବା ପ୍ଲଟ୍‌ଠାରୁ ବିକ୍ରମ ପଣ୍ଡାଙ୍କୁ ଫସାଇବା ପାଇଁ ବିଜେପି ଇଙ୍ଗିତରେ ପୁଲିସ ରଚିଥିବା ପ୍ଲଟ୍ ଅଧିକ ଭୟଙ୍କର ଓ ମାରାତ୍ମକ। ଗଞ୍ଜାମ ଏସ୍‌ପି ଯେଉଁ ୫୦ ଲକ୍ଷ ଟଙ୍କା ଡିଲ୍ କଥା କହିଛନ୍ତି, ତା'ର ମଧ୍ୟ କୌଣସି ମନି ଟ୍ରେଲ୍ ଥିବା କଥା କହି ନାହାନ୍ତି। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ବିରୋଧରେ ହାଇକୋର୍ଟରେ ଚାଲିଥିବା ମିଥ୍ୟା ସତ୍ୟପାଠ ମାମଲାରେ ଓକିଲ ଖର୍ଚ୍ଚ ବିକ୍ରମ ପଣ୍ଡା ବହନ କରୁଛନ୍ତି ବୋଲି ଏସ୍‌ପି କହୁଛନ୍ତି। କିନ୍ତୁ, ଓକିଲ ଖର୍ଚ୍ଚ ବହନ ସହିତ ପୀତବାସ ପଣ୍ଡାଙ୍କ ହତ୍ୟାର କ'ଣ ସଂପର୍କ ରହିଛି, ସେକଥା ସେ ସ୍ପଷ୍ଟ କରି ନାହାନ୍ତି। ଏସ୍‌ପିଙ୍କ କଥାରୁ ସ୍ପଷ୍ଟ ଜଣାପଡୁଛି, ରାଜ୍ୟ ସରକାରଙ୍କ ଇଙ୍ଗିତରେ ମିଛ କାହାଣୀ ସୃଷ୍ଟି କରି ସେ ବିକ୍ରମ ପଣ୍ଡାଙ୍କୁ ଫସାଇବାକୁ ଅପଚେଷ୍ଟା କରିଛନ୍ତି। ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ ଓ ଚୋରା ବାଲି କାରବାର ନେଇ ନିଜ ଦଳ ଭିତର ବିବାଦ ଯୋଗୁଁ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟିଛି ବୋଲି ପୂରା ଗଞ୍ଜାମ ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ମାତ୍ର ନୂଆପଡା ଉପନିର୍ବାଚନକୁ ଆଖି ଆଗରେ ରଖି, ବିକ୍ରମ ପଣ୍ଡାଙ୍କୁ ଫସାଯାଇଛି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଗୋଟିଏ ଫଟୋ ଦେଖାଇ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ଫଟୋରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବସିଥିବା ବେଳେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ପୁଲିସ ଆଇଜି ନୀତି ଶେଖର ମୁଣ୍ଡପୋତି ଛିଡ଼ା ହୋଇଛନ୍ତି। ଡଃ ମହାନ୍ତି କହିଥିଲେ, ବିଜେପି ଶାସନରେ ପୁଲିସ ଅବସ୍ଥା ଏହିପରି ରହିଛି। ଶ୍ରୀ ସାମଲ ମନ୍ତ୍ରିମଣ୍ଡଳର ସଦସ୍ୟ ହୋଇ ନ ଥିଲେ ମଧ୍ୟ ତାଙ୍କ ସମ୍ମୁଖରେ ଜଣେ ପୁଲିସ ଆଇଜି ଅସହାୟ ଅବସ୍ଥାରେ ମୁଣ୍ଡପୋତି ଛିଡ଼ା ହେବା ନିଶ୍ଚିତ ଭାବେ ଆଇନଶୃଙ୍ଖଳାର ଦୟନୀୟ ସ୍ଥିତିକୁ ଦର୍ଶାଉଛି। ତେଣୁ ବିଜେପି ଇଙ୍ଗିତରେ ବିଜେଡି ଜିଲ୍ଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ପୁଲିସ ବିଜେପିର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି। ବିଜେଡି ଏହାର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବ। ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ରଶ୍ମି ପରିଜାଙ୍କ ପୁଅକୁ ଉଠାଇ ନେଲା ପୁଲିସ

ଭୁବନେଶ୍ୱର,୨୨।୧୦(ସମିସ): ଗତକାଲି ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ବିଜେଡି କର୍ମୀ ରଶ୍ମି ପରିଜାଙ୍କ ପୁଅଙ୍କୁ ଆଜି ଉଠାଇ ନେଇଛି ପୁଲିସ। ଆକ୍ରମଣକାରୀକୁ ଗିରଫ କରିବା ପରିବର୍ତ୍ତେ ପୀଡ଼ିତା ବିଜେଡି କର୍ମୀଙ୍କ ପୁଅ ଉପରେ ପୁଲିସ ଅଦଉତି ସାଧୁଛି ବୋଲି ବିଜେଡି ସାଂସଦ ସୁଲତା ଦେଓ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିଜେଡି କର୍ମୀ ରଶ୍ମି ପରିଜା ସୋସିଆଲ ମିଡିଆରେ ସର୍ବଦା ସରକାରଙ୍କ ଦୋଷ ଦୁର୍ବଳତା ବିଷୟରେ ପୋଷ୍ଟ କରନ୍ତି। ଦୀପାବଳି

### ବର୍ଷିଲେ ବିଜେଡି ସାଂସଦ ସୁଲତା ଦେଓ

ଦିନ ତାଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଛି। ପୁଲିସ ସରକାରଙ୍କ ହାତବାରିସୀ ସାଜିଥିବାରୁ ବର୍ତ୍ତମାନ ରଶ୍ମିଙ୍କ ପୁଅ ରାହୁଲ ପରିଜାଙ୍କୁ ପୁଲିସ ଉଠାଇ ନେଇଛି। ସେ ନିଜ ମା'ଙ୍କ ସହିତ ହସ୍ପିଟାଲରେ ରହି ତାଙ୍କ ଦେଖାଶୁଣା କରୁଥିଲେ। ମାତ୍ର ପ୍ରତିପକ୍ଷଙ୍କ ଏଫ୍ଆଇଆର୍ ଆଧାରରେ ପୁଲିସ ତାଙ୍କୁ ଉଠାଇ ନେଇଛି। ଅପରାଧୀଙ୍କୁ ପୁଲିସ ସୁରକ୍ଷା ଦେଉଛି ଓ ବିଜେଡି କର୍ମୀଙ୍କ ଉପରେ ଅତ୍ୟାଚାର ଚଳାଇଛି ବୋଲି ସୁଲତା ଅଭିଯୋଗ କରିଛନ୍ତି।

**ଅପର୍ଣ୍ଣା ହତ୍ୟା ମାମଲା**

## ଡାକ୍ତରଙ୍କ ରିପୋର୍ଟରେ ସାଙ୍ଘାତିକ ତଥ୍ୟ

ଭୁବନେଶ୍ୱର,୨୨।୧୦(ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ ହୋଇଥିବା କନେଷ୍ଟବଳ ସ୍ୱାମୀ ଦୀପକ ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାରେ ମଧ୍ୟ ଛନ୍ଦି ହୋଇଛି। ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ତର୍ଜମା କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ସ୍ୱତନ୍ତ୍ର ଡାକ୍ତରୀ ଦଳ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ତର୍ଜମା କରି ଏକ ରିପୋର୍ଟ ଦେଇଛନ୍ତି। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଦୁର୍ଘଟଣା ଜନିତ ନୁହେଁ ବୋଲି ଡାକ୍ତରଙ୍କ ରିପୋର୍ଟରେ ଉଲ୍ଲେଖ ରହିଛି। ଯଦି କ୍ଷତ ଦୁର୍ଘଟଣା ଜନିତ ନୁହେଁ, ତେବେ ଦୀପକ ହିଁ ତାଙ୍କୁ ହତ୍ୟା କରିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଖୁବଶୀଘ୍ର ଦୀପକକୁ ରିମାଣ୍ଡରେ ନେବା ସହ ମିଛ ଧରା ପରୀକ୍ଷା କରାଯିବ ବୋଲି ପୁଲିସ କହିଛି।

୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକିଶୋରପୁରଠାରେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକ ସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣା ମୃତ୍ୟୁବରଣ କରିଥିଲେ। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇବା ପରେ ପୁଲିସ ଏଫ୍ଆରଟି ନୋ କୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟାକାଣ୍ଡରେ ଦୀପକ ଗିରଫ ହେବାପରେ ଅପର୍ଣ୍ଣାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରି ଭଉଣୀ ରୋଜାଲିନ ଦେଇଥିବା ଏତଲା ଭିତ୍ତିରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ଅପର୍ଣ୍ଣାଙ୍କ ପରିବାରର ୮ ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରାଯାଇଛି। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଦୁଇ ଡାକ୍ତର, ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କୁ ପୁଲିସ ଜେରା କରିଛି। ଏଥିସହିତ ଦୀପକର ଧରମ ଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଥିଲା ପୁଲିସ।

ଏସବୁ ବାଦ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଣିଥରେ ଯାଞ୍ଚ କରିବାକୁ ଡାକ୍ତରଙ୍କ ସହଯୋଗ ଲୋଡ଼ିଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଉକ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ତର୍ଜମା କରିଛନ୍ତି। ଅପର୍ଣ୍ଣାଙ୍କ ଶରୀରରେ ରହିଥିବା କ୍ଷତ ଚିହ୍ନ ମନୁଷ୍ୟକୃତ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ହତ୍ୟା ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ହାତରେ ଏଭଳି ସାଙ୍ଘାତିକ ତଥ୍ୟ ଲାଗିଛି।

ଗତ ସୋମବାର କଟକ ଗ୍ରାମାଞ୍ଚଳ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଝାରପଡ଼ା ଜେଲ ଆସି ଦୀପକକୁ ପଚରାଉଚରା କରିଥିଲା। ଦୀପକ ଦେଇଥିବା ଏଫ୍ଆଇଆର ଓ ପୁଲିସର ତଦନ୍ତ ମଧ୍ୟରେ ଫରକ ଆସୁଥିବାରୁ ପୁଲିସ ତାକୁ ଗୁଡ଼ାଏ ପ୍ରଶ୍ନ କରିଥିଲା। ଏଥିସହିତ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ଦୀପକ ପାଇଥିବା ପ୍ରାୟ କୋଟିଏରୁ ଅଧିକ ଟଙ୍କା କେଉଁଠାରେ ବିନିଯୋଗ କରିଛି, ସେ ବିଷୟରେ ଜାଣିବାକୁ ଉଦ୍ୟମ କରିଥିଲା। ଜେରା ସମୟରେ ପୁଲିସକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବାରୁ ଦୀପକକୁ ରିମାଣ୍ଡରେ ନେବାକୁ ଯୋଜନା କରିଛି କଟକ ଗ୍ରାମାଞ୍ଚଳ ପୁଲିସ। ଅଭିଯୁକ୍ତ ଦୀପକକୁ ରିମାଣ୍ଡରେ ନେବାକୁ ଖୁବଶୀଘ୍ର ଆଠଗଡ଼ କୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ ଦୀପକର ମିଛ ଧରା ପରୀକ୍ଷା କରିବାକୁ ପୁଲିସ ଯୋଜନା କରିଛି।

## ମୋହନାରେ ବନ୍ଧୁକ ତିଆରି କାରଖାନା; ୨ ଗିରଫ



ମୋହନା,୨୨।୧୦(ସମିସ): ଗଜପତି ଜିଲ୍ଲା ମୋହନା ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରି ୧୨ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ମୋହନା ଥାନା

■ ୧୨ ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ
■ ଜିଲ୍ଲା ବାହାରକୁ ଲମ୍ବିଛି ଚେର

ଗୋଲାପାଜୁ ଗ୍ରାମ ଜଙ୍ଗଲରେ ତିନି ବର୍ଷ ଧରି ଏହି ବନ୍ଧୁକ ତିଆରି କାରଖାନା ଚାଲିଥିଲା। ବନ୍ଧୁକ ତିଆରି କରୁଥିବା ଗୋଲାପାଜୁ ଗ୍ରାମର ଘନଶ୍ୟାମ ପ୍ରଧାନକୁ ଗିରଫ କରାଯାଇଥିବାବେଳେ ଜଣେ ବନ୍ଧୁକ କ୍ରେତା ଚିହ୍ନୁରିପଦର ଗ୍ରାମର ହରିଶ୍ଚନ୍ଦ୍ର ମଳିକକୁ ମଧ୍ୟ ପୁଲିସ ଗିରଫ କରିଛି।



କିଛିଦିନ ପୂର୍ବରୁ ପୁଲିସ ହରିଶ୍ଚନ୍ଦ୍ରଠାରୁ ୨ଟି ବନ୍ଧୁକ ଜବତ କରିବା ସହ ଗିରଫ କରିଥିଲା। ଜେରା ପରେ ତାର ସୂଚନା ଆଧାରରେ ପୁଲିସ ବନ୍ଧୁକ ତିଆରି କାରଖାନାର ସନ୍ଧାନ ପାଇବା ସହ ସେଠାରେ ଚଢ଼ଉ କରି ଘନଶ୍ୟାମକୁ ଗିରଫ କରିଥିଲା।

ଗୋଲାପାଜୁ ଗ୍ରାମର ନିକଟ ପାହାଡ଼ ଉପରେ ଏକ କୁଡ଼ିଆରେ ଏହି ମିନି କାରଖାନା ଚାଲିଥିବା ବେଳେ ଘନଶ୍ୟାମ ଅଗ୍ରୀମ ନେଇ ବନ୍ଧୁକ ତିଆରି କରେ। ଗୋଟିଏ ବନ୍ଧୁକ ପିଛା ପାଞ୍ଚ ହଜାର ଟଙ୍କା ନେଉଥିଲା। ଗଜପତି ଜିଲ୍ଲା ସମେତ ଏହି ଦେଶୀ ବନ୍ଧୁକ ଗଞ୍ଜାମ, କନ୍ଧମାଳ ଏବଂ ରାୟଗଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିକ୍ରି କରାଯାଇଥିବା ଗଜପତି ଏସ୍‌ପି ଯତୀନ କୁମାର ପଣ୍ଡା ମୋହନା ଥାନାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବନ୍ଧୁକ ଗୁଡ଼ିକ ମୁଖ୍ୟତଃ ଶିକାର ପାଇଁ ବ୍ୟବହୃତ ହେଉଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ପୁଲିସ କହିଛି।

**ଶିଶୁ ବାଟିକା ବାଟବଣା**

## ସରିବାକୁ ବସିଲାଣି ଶିକ୍ଷାବର୍ଷ; ମିଳିଲାନି ୟୁନିଫର୍ମ

ବଲାଙ୍ଗିର,୨୨।୧୦ (ସମିସ): ସରକାର ଶିକ୍ଷା ସଂସ୍କାର କରୁଛନ୍ତି; ମାତ୍ର ସଂସ୍କାର ପାଇଁ ଯେଉଁ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେବା କଥା ତାହାର ବ୍ୟବସ୍ଥା କରୁନାହାନ୍ତି। ନୂତନ ଜାତୀୟ ଶିକ୍ଷା ଆଇନ ଅନୁସାରେ ରାଜ୍ୟ ସରକାର ଶିଶୁବାଟିକାରେ ବଲାଙ୍ଗିର ଜିଲ୍ଲାର ପ୍ରାୟ ୧୫୬୧୮ ଛାତ୍ରଛାତ୍ରୀଙ୍କ ନାମ ଲେଖାଇଦେଲେ; କିନ୍ତୁ ନାମଲେଖା ପରେ ସରକାର ଆଉ ଧରାଛୁଆଁ ଦେଉନାହାନ୍ତି। ସ୍କୁଲ ଯାଉଥିବା ୫ରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ୟୁନିଫର୍ମ ମିଳୁନାହିଁ କି ସେମାନଙ୍କ ପାଇଁ ସ୍କୁଲରେ ସେବକସେବିକା ନିଯୁକ୍ତି ହୋଇ ନାହାନ୍ତି। କେବଳ ବଲାଙ୍ଗିର ନୁହେଁ; ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି ହୋଇଛି।

ଜାତୀୟ ଶିକ୍ଷା ଆଇନ ଅନୁସାରେ ସରକାର ଚଳିତ ଶିକ୍ଷା ବର୍ଷରୁ ଶିଶୁ ବାଟିକା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ରୁ ୬ ବର୍ଷର ଶିଶୁଙ୍କୁ ବାଟିକାରେ ନାମ ଲେଖାଯିବ। ଏହାପରେ ସେମାନେ ପ୍ରଥମ ଶ୍ରେଣୀରେ ପାଠ ପଢ଼ିବେ। ଶିଶୁ ବାଟିକାରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା, ଡ୍ରପ୍ ଆଉଟ ହାର କମାଇବା ପାଇଁ ନିଷ୍ପତ୍ତି କ୍ରମେ ଛାତ୍ରଛାତ୍ରୀଙ୍କ ମାଗଣାରେ ପୋଷାକ, ପାଠ୍ୟ ସାମଗ୍ରୀ, ଜୋତା, ମୋଜା, ଟି ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଟୋପି, ପରିଚୟପତ୍ର ପ୍ରଦାନ କରିବାକୁ ଯୋଜନା କରାଯାଇଥିଲା। ଜଣେ ଶିଶୁ ପ୍ରତି ସରକାର ପ୍ରାୟ ଏକ ହଜାର ଟଙ୍କାର ଅର୍ଥ ମଧ୍ୟ ମଞ୍ଜୁର କରିଥିଲେ; କିନ୍ତୁ ଆରମ୍ଭ ହେବାର ପ୍ରାୟ ୬ ମାସ ବିତିଯାଇଥିବା ବେଳେ ଶହେ ଟଙ୍କାର ସାମଗ୍ରୀ ଦେଇ ଶିକ୍ଷା ବିଭାଗ ଚୁପ୍ ବସିଛି। ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲାର ପ୍ରାୟ ୧୨ ଶହ ପ୍ରାଥମିକ ବିଦ୍ୟାଳୟରେ ଏହି ଶିଶୁ ବାଟିକା ଆରମ୍ଭ କରାଯାଇଥିଲା। ଆଗଲପୁର ବ୍ଲକର ୮୬୬, ବଲାଙ୍ଗିର ସଦର ଓ ପୌରାଞ୍ଚଳର ୧୦୭୭, ବେଲପଡ଼ା ବ୍ଲକ୍‌ର ୧୬୩୬, ବଙ୍ଗୋମୁଣ୍ଡା ବ୍ଲକର ୧୫୨୬, ଦେଓଗାଁ ବ୍ଲକର ୯୦୭, ଗୁଡ଼ଭେଲା ବ୍ଲକର ୬୫୫, ଖପ୍ରାଖୋଲ ବ୍ଲକର ୧୨୮୫, ଲୋଇସିଂହା ବ୍ଲକର ୭୦୨, ମୁରିବାହାଲ ବ୍ଲକର ୧୪୨୧, ପାଟଣାଗଡ଼ ବ୍ଲକର୧୩୨୮ , ପୁଇଁନ୍ତଲା ବ୍ଲକର ୯୦୪, ସଇଁନ୍ତଲା ବ୍ଲକର ୯୪୫, ଟିଟିଲାଗଡ଼ ବ୍ଲକର ୧୦୦୭ ଓ ତୁରେକେଲା ବ୍ଲକର ୧୩୫୯ ଏହିଭଳି ଭାବେ ଜିଲ୍ଲାରେ ୧୫୬୧୮ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଏହି ଛାତ୍ରଛାତ୍ରୀଙ୍କୁ ଜୁନ୍ ମାସ ଶେଷ ସୁଦ୍ଧା ପ୍ଲେଟ, ପେନ୍‌ସିଲ୍ ବକ୍ସ, ଚକ୍, ଇରେଜର, ସାର୍ପନର ଓ କେୟନ ପ୍ରଦାନ କରାଯାଇଛି। ଏହାର ସରକାରୀ ମୂଲ୍ୟ ଶହେ ଟଙ୍କା ଥିବା ବେଳେ ଉକ୍ତ ସାମଗ୍ରୀ କିଣାରେ ମଧ୍ୟ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପିଲାମାନଙ୍କୁ ଏଯାଏ ୟୁନିଫର୍ମ ଯୋଗାଇ ଦିଆଯାଇ ନାହିଁ। ବିଭାଗୀୟ ଜଣେ ସଂଯୋଜକଙ୍କ କହିବା ଅନୁସାରେ ୟୁନିଫର୍ମ ଓ ଅନ୍ୟ ପୋଷାକ ପାଇଁ ଘୋଷଣା ହୋଇଥିଲା; କିନ୍ତୁ ଏନେଇ ଓପେପା ପାଖରୁ କିଛି ନିର୍ଦ୍ଦେଶ ଆସିନାହିଁ। ଏହାଫଳରେ ତାହା ଦିଆଯାଇନାହିଁ। ତେଣୁ ଶିଶୁମାନେ ନିଜ ଅନୁସାରେ ପୋଷାକ ପିନ୍ଧି ଆସୁଥିବା ଦେଖିବାକୁ ମିଳିଛି। ସେହିପରି ଏହି ଶିଶୁମାନଙ୍କ ଯତ୍ନ ନେବା ପାଇଁ ସରକାର ସେବିକା ନିଯୁକ୍ତି କରିବାକୁ ଘୋଷଣା କରିଥିବା ବେଳେ ତାହା ମଧ୍ୟ ହୋଇନାହିଁ। ପରିଣାମ ସ୍ୱରୂପ, ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ସ୍କୁଲ ଛାଡୁନାହାନ୍ତି। ଏପଟେ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ ଶିଶୁଙ୍କ ଯତ୍ନ ନେବେ ନା ତାଙ୍କ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବେ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ଏହିଭଳି ସ୍ଥିତିରେ ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ସରକାରଙ୍କ ଶିଶୁ ବାଟିକା ବିଭାଗ ଚାଲିଛି। ଯାହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଯୁକ୍ତ ୨ ନାମଲେଖା ପାଇଁ ଚୟନ ହେଲେ ୧୦୫୭୬ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୨।୧୦(ସମିସ): ଯୁକ୍ତ ୨ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ନାମଲେଖା ପାଇଁ ମୋଟ୍ ୧୦,୫୭୬ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ପ୍ରଥମ ଦୁଇଟି ପର୍ଯ୍ୟାୟରେ ଆବେଦନ କରି ନଥିବା ବା ନୂତନ ଭାବେ ଆବେଦନ କରିଥିବା ୮୫୮୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କଳାରେ ନାମଲେଖାଇବା ପାଇଁ ସର୍ବାଧିକ ୬୫୮୪ ଜଣ ପିଲା ମନୋନୀତ ହୋଇବାବେଳେ ବିଜ୍ଞାନରେ ୨୪୩୯, ସଂସ୍କୃତରେ ୯୪୬, ବାଣିଜ୍ୟରେ ୪୧୬ ଓ ଧନ୍ଦାମୂଳକ ଶିକ୍ଷାରେ ନାମଲେଖା ପାଇଁ ୧୯୧ ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୫୩୬୯ ଜଣ ଛାତ୍ର ଥିବାବେଳେ ୫୨୦୭ ଜଣ ଛାତ୍ରୀ ରହିଛନ୍ତି। ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରିବେ। ୨୯ରେ ୱେଟିଂରେ ଥିବା ଛାତ୍ରଛାତ୍ରୀମାନେ ପଞ୍ଜୀକରଣ କରିବାକୁ ଥିବାବେଳେ ୩୦ ତାରିଖରେ ୱେଟିଂ ଲିଷ୍ଟ ମେଧା ତାଲିକା ପ୍ରକାଶ ପାଇବ ଓ ୩୧ ତାରିଖରେ ସେମାନଙ୍କ ନାମଲେଖା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# କଟିଲା ଦିବ୍ୟାଙ୍ଗ ଭତ୍ତା; କୋମାରେ ବାଣୀଶ୍ରୀ ପୋର୍ଟାଲ

ତେନ୍ତୁଳିଖୁଣ୍ଟି,୨୨।୧୦(ସମିସ):

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ପକ୍ଷରୁ ମିଳିଆସୁଥିବା ବିଭିନ୍ନ ପ୍ରକାରର ଭତ୍ତା ଟଙ୍କାରେ କମିଯାଇଛି। ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳି ଆସୁଥିବା ବାଣୀଶ୍ରୀ ପୋର୍ଟାଲ ଚଳିତ ମାସ ଅକ୍ଟୋବର ଶେଷ ହେବାକୁ ବସିଲାଣି, ତଥାପି ଖୋଲିନି। ଏହାକୁ ନେଇ ବହୁ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଳିଥିବା ତଥ୍ୟ ଅନଯାୟୀ ପ୍ରତ୍ୟେକ ୪୦ରୁ ଅଧିକ ବେଞ୍ଚ ମାର୍କ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ପାଠ ପଢ଼ିବା ପାଇଁ ସ୍ୱତନ୍ତ୍ର ଭତ୍ତା ବ୍ୟବସ୍ଥା କରାଯାଇଥିଲା। ୪୦ ପ୍ରତିଶତ ରୁ ୭୪ ଅଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ

## ଭତ୍ତା କମିବା କାହା ସ୍ୱାର୍ଥରେ ?

ଯାତାୟାତ( ଟ୍ରାନ୍ସପୋର୍ଟ ଭତ୍ତା) ପାଇଁ ୧୦ ମାସ ହିସାବରେ ପ୍ରତ୍ୟେକ ବର୍ଷ ୩ ହଜାର ଟଙ୍କା ଏବଂ ୭୫ରୁ ଅଧିକ ଦିବ୍ୟାଙ୍ଗ ମାନଙ୍କୁ "ଏସ୍କଟ ଭତ୍ତା" ୬ ହଜାର ଟଙ୍କା ମିଳିଆସୁଥିଲା। ସେହିପରି "ରିଡର୍ ଭତ୍ତା" ୬ ହଜାର ଟଙ୍କା ମିଳୁଥିଲା। ଚଳିତ ବର୍ଷ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗର ଓସେପା ରାଜ୍ୟ ପ୍ରକଳ୍ପ ଅଧିକାରୀ ଆଇଏଏସ ଅନନ୍ୟା ଦାସଙ୍କ ହସ୍ତାକ୍ଷରରେ ଜାରି କରାଯାଇଥିବା ଚିଠି ସଂଖ୍ୟା-୭୧୪୪ /୨୦୨୫ ତା ୦୯/୦୭/୨୦୨୫ ଅନୁସାରେ ଟ୍ରାନ୍ସପୋର୍ଟ ଭତ୍ତା , ଏସ୍କଟ୍ ଓ ରିଡର୍ ଭତ୍ତା ୧୦୦୦ ଟଙ୍କା ଲେଖାଏଁ କାଟି ଦିଆଯାଇଛି। ସାଧାରଣରେ ଦରଦାମ ବୃଦ୍ଧି ନେଇ ବିଭିନ୍ନ ଭତ୍ତାରେ ବୃଦ୍ଧି ପାଉଥିବା ବେଳେ ଦିବ୍ୟାଙ୍ଗ ମାନଙ୍କ ବିଭିନ୍ନ ପ୍ରକାରର ଭତ୍ତାକୁ କମ୍ କରାଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୩/୨୦୨୪ ଶିକ୍ଷା ବର୍ଷରେ ରାଜ୍ୟରେ ଲକ୍ଷାଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ସର୍ଭେରୁ ଜଣା ପଡ଼ିଛି। ବୁଦ୍ଧିଜୀବି ମହଲ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା "ବାଣୀଶ୍ରୀ" ଭତ୍ତାର ପୋର୍ଟାଲ ଖୋଲି ନଥିବାରୁ ଚଳିତ ବର୍ଷ ଏହି ଭତ୍ତା ମିଳିବା ନେଇ ବିଦ୍ୟାର୍ଥୀଗଣ ସନ୍ଦୀହାନ ଅଛନ୍ତି। ବିଦ୍ୟାର୍ଥୀ ମାନଙ୍କର ବିଭିନ୍ନ ପ୍ରକାରର ପ୍ରତିଯୋଗୀତା ଓ ବ୍ଲକସ୍ତରରେ କାର୍ଯ୍ୟକ୍ରମ ଯଥା କ୍ରୀଡା ପ୍ରତିଯୋଗିତା, ଏସସ୍କରସନ୍ ଭିଜିଟ, ବିଭିନ୍ନ ପ୍ରକାରର ତାଲିମ ପାଇଁ ଆସୁଥିବା ଆର୍ଥିକ ଅନୁଦାନ ପ୍ରଦାନରେ ମଧ୍ୟ ହ୍ରାସ ପାଇଛି। ରାଜ୍ୟରେ ଲକ୍ଷାଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଭତ୍ତା ଟଙ୍କା କମିବା ଅର୍ଥାତ 'ଝିଣ୍ଟିକା ମାରି ବଣି ପୋଷିବା' କାହା ସ୍ୱାର୍ଥରେ ବୋଲି ଆଲୋଚନା ହେଉଛି। ଏହାକୁ ନେଇ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ କାର୍ଯ୍ୟରତ ସଂଗଠନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିପରୀତ ବୁଦ୍ଧି ପରିହାର କରି ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ସଚେତନ ହୋଇ ଉଚିତ ପଦେକ୍ଷପ ନେବାକୁ ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।।

# ବିଦ୍ୟୁତ୍ ସର୍ଟ ସର୍କିଟରେ ଜଳିଗଲା ଡ୍ରେସ୍ ଦୋକାନ



ଗୁଣୁପୁର,୨୨।୧୦(ସମିସ): ଗୁଣୁପୁର ସହରର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାରେ ଥିବା ଆୟାପା ଡ୍ରେସ ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଲକ୍ଷାଧିକ ଟଙ୍କା ଡ୍ରେସ୍ ପୋଡି ନଷ୍ଟ ହୋଇଥିବା ସୂଚନା ରହିଛି। ଗୁଣୁପୁର ଓ ଗୁମୁଡା ଦୁଇଟି ଅଗ୍ନିଶମ ବାହିନୀ ଦୀର୍ଘ ୪ ଘଣ୍ଟାରୁ ଅଧିକ ସମୟ ଧରି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ରହି ନିଆଁକୁ ଆୟତ କରିଥିଲେ। ସଟ୍‌ର୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଥିବା ଅନୁମାନ କରୁଛି ଅଗ୍ନିଶମ ବାହିନୀ। ନିଆଁ ଲାଗିବା ପରେ ତିନି ମହଲା କୋଠା ଉପରେ ଫସି ରହିଥିଲେ ୪ ଜଣ ବ୍ୟକ୍ତି। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କଲା ଅଗ୍ନିଶମ ବାହିନି। ନିଆଁ ଲାଗିବା ନେଇ ଘଟଣାର ଅନୁସନ୍ଧାନ ଚଳାଇଛି ଅଗ୍ନିଶମ ବାହିନୀ।

# ଟ୍ରାକ୍ଟର ମାଲିକ ମହାସଂଘର ବୈଠକ




ଗୁଣୁପୁର,୨୨।୧୦(ସମିସ): ଗୁଣପୁର ଟ୍ରାକ୍ଟର ମାଲିକ ମହାସଂଘର ପ୍ରଥମ ସାଧାରଣ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଏକ ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶତାଧିକ ଟ୍ରାକ୍ଟର ମାଲିକ ଯୋଗ ଦେଇ ଦୈନନ୍ଦିନ ଜୀବନରେ ଟ୍ରାକ୍ଟର ଚଳାଇବା ଓ ବ୍ୟବସାୟ କରିବାରେ ବିଭିନ୍ନ ପ୍ରକାର ସମସ୍ୟା ର ସମ୍ମୁଖୀନ ହେଉଥିବା କହୁଥିଲେ। ଏହି ବୈଠକରେ ଟ୍ରାକ୍ଟର ମାଲିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଲିଗାଲ ଆଡଭାଇଜର ଭାବେ ଆଇନଜୀବୀ ରମେଶ ଲିମା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ ସମସ୍ୟା ସବୁ କିପରି ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ସଂଘର ସଭାପତି ଜଗନ୍ନାଥ ମହାନ୍ତି ଟ୍ରାକ୍ଟର ମାଲିକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ସନ୍ତୋଷ ରଥ ଟ୍ରାକ୍ଟରମାଲିକ ମାନଙ୍କ ସମସ୍ୟା ନେଇ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ବୋଲି ମତବ୍ୟକ୍ତ କରିଥିଲେ। କୋଷାଧ୍ୟକ୍ଷ ପ୍ରତାପ ଯୋଗୀ ଧନ୍ୟବାଦ ପ୍ରଦାନ କରି ସଭା ସାଙ୍ଗ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା

କୋରାପୁଟ,୨୨।୧୦(ସମିସ): କୋରାପୁଟ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଏକ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ରୀମତୀ ବାସନ୍ତିଶ୍ରୀ ପଟ୍ଟନାୟକ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଓ ଏହା ଜୀବନର ସମଗ୍ର ସୁସ୍ଥତାରେ କିପରି ଗୁରୁତ୍ୱ ବହନ କରେ ସେ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଯୋଗ ଅଭ୍ୟାସ, ସଜ୍ଞାୟକ ଚିକିତ୍ସା ଓ ନିଜର ଭାବନା ଗୁଡ଼ିକ ଅନ୍ୟମାନଙ୍କ ସହ ଅଂଶୀଦାର କରିବା ଭଳି ମାନସିକ ଚାପ ଓ ଚିନ୍ତା ହ୍ରାସ କରିବାର କିଛି ପ୍ରକ୍ରିୟା ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମଟି ଛାତ୍ର-ଶିକ୍ଷକ ଓ ଅଧ୍ୟାପକମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ଓ ଉତ୍ସାହ ବର୍ଦ୍ଧକ ରହିଥିଲା

# ମାଳିସାହି କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ



କୋରାପୁଟ,୨୨।୧୦(ସମିସ): କୋରାପୁଟ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ମାଳିସାହି କ୍ଲଷ୍ଟରର ସୁରଭି ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅନ୍ତର୍ଗତ ୧୨ ଟି ବିଦ୍ୟାଳୟରୁ ୧୨୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ ମଧ୍ୟ କରିଥିଲେ। ସମ୍ମାନିତ ଅତିଥି ରୂପେ କୋରାପୁଟ ପୌର ପରିଷଦ ଉପାଧ୍ୟକ୍ଷା ସବିତା ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ଏବଂ ଗୁଣାକକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ସ୍?ତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ସିଆରସିସି ପ୍ରଦୀପକୁମାର ପାତ୍ର ଏହି କାର୍ଯ୍ୟକ୍ରମର ଆୟୋଜନ ଏବଂ ପରିଚାଳନା କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ବିତର୍କ, କୁଇଜ୍, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ରଚନା, ସୃଜନାତ୍ମକ ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଦେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କାଗଜକଳ ସମସ୍ୟା ନେଇ ପେପର ମିଲ କର୍ତ୍ତୃପକ୍ଷଙ୍କ ଉପଜିଲ୍ଲାପାଳଙ୍କୁ ପତ୍ର

ଜୟପୁର,୨୨ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗାଗନାପୁର ସ୍ଥିତ ସେୱା ପେପର ମିଲ ଗତ ୨୦୨୪ ମସିହା ଜୁଲାଇ ମାସର ଉତ୍ପାଦନ ବନ୍ଦ ହୋଇଯାଇଛି। ଏହିପରି କର୍ମଚାରୀ ମାନେ ସେମାନେ କାର୍ଯ୍ୟ କରିଥିବା ବକେୟା ଦରମା ନେଇ ବାରମ୍ବାର ଦାବି କରୁଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ବାଲାରପୁଟ ଇଣ୍ଡଷ୍ଟ୍ରୀ ଏମ୍ପ୍ଲୋଇଜ ୟୁନିୟନ (୨ୟ ସଂଘ) ର ସାଧାରଣ ସମ୍ପାଦକ ସରୋଜ ସାହୁ, କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ ଏବଂ ବରିଷ୍ଠ ସଦସ୍ୟ ରବିନ୍ଦ୍ର କୁମାର ସାହୁ କୋରାପୁଟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରିବା ସହ ବକୟା ଦରମା ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏଥିନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲ୍ଲାପାଳ ଏ. ଶଶ୍ୟା ରେ‡ି କାରାଖାନା କର୍ତ୍ତୃପକ୍ଷଙ୍କୁ ନୋଟିସ କରିଥିଲେ। ଏଥିନେଇ କାରାଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କ ପତ୍ର ମାଧ୍ୟମରେ କାରାଖନା ସମସ୍ୟା ନେଇ ଲିଖିତ ଉପସ୍ଥାପନା କରିଥିବା ବେଳେ ଅତିଶୀଘ୍ର ସମସ୍ୟାର ସମାଧାନ, କାରାଖାନା ପୁନଃ କାର୍ଯ୍ୟକ୍ଷମ ଏବଂ କର୍ମଚାରୀ ମାନଙ୍କ ଦରମା ପ୍ରଦାନ ନେଇ ବ୍ୟବସ୍ଥା କରାଯାଉଥିବା ନେଇ ଉଲ୍ଲେଖ କରିଛନ୍ତି। ଏହିପରି ରାଜ୍ୟ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବେଳେ ଋଣ ପାଇଁ ବ୍ୟାଙ୍କ ଏବଂ ବିନିଯୋଗକାରୀଙ୍କ ସହିତ ଆଲୋଚନା ଜାରି ରହିଥିବା ନେଇ ପତ୍ର ମାଧ୍ୟମରେ ଜଣାଇଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପୋଡ଼ାଗଡ଼,୨୨।୧୦(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟପଞ୍ଚାୟତର ମସ୍ତିପୁଟ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସୁରଭୀ କାର୍ଯ୍ୟକ୍ରମଟି ଝଡିଗୁଡା କ୍ଲଷ୍ଟରର ସିଆରସିସି ତ୍ରିଲକେସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ମୂଖ୍ୟ ଆତିଥି ଭାବେ ଯୋଗଦେଇ ଥିବାବେଳେ ଅନ୍ୟ ଅତିଥି ମାନେ ହେଲେ କୋରାପୁଟ ସାଂସଦ ଙ୍କ ପ୍ରତିନିଧି ବାବୁଲା ବେନୀଆ ସ୍ଥାନୀୟ ସରପଞ୍ଚ ସବିତା ଦାମୀ ପୂର୍ବତନ ସରପଞ୍ଚ ଦୁର୍ଯ୍ୟ ମୁଦୁଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷକ ଶ୍ରୀକାନ୍ତ ବାରିକ ନଗେନ୍ଦ୍ର ଜେନା ମିହିର ବେନିଆ ଯୋଗେଶ ଖିଲ, ସନ୍ତୋଷ ବିସଇ ମମତା ବେନିଆ ବିନଦ ଭୁମିଆ ପ୍ରମୁଖ ଅତିଥି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ପ୍ରତିଯୋଗିତା ଗୁଡିକରେ ବିଜୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସୁଭସ୍ମିତା। ଏଥିରେ ଯେଉଁମାନେ ବିଜୟୀ ହୋଇଛନ୍ତି, ସେମାନେ ଆଗାମୀ ଦିନରେ ବ୍ଲକସ୍ତରରେ ହେବାକୁ ଥିବା ଶିଶୁ ସୁରଭି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ଆଞ୍ଚଳିକ ସାଧନ କେନ୍ଦ୍ର ଝଡିଗୁଡାର ଅଧିକାରୀ କହିଛନ୍ତି।

# ଜୟନ୍ତୀଗିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ୧୧ ରେ

ଜୟପୁର,୨୨। ୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଜୟନ୍ତୀଗିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ଡାକିବା ନେଇ ସମୁଦାୟ ୧୨ଟି ୱାର୍ଡ ମେମ୍ବର ଲିଖିତ ଭାବେ ବିଡି. ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶେଷରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମାସ ୧୧ ତାରିଖରେ ଅନାସ୍ତା ପ୍ରସ୍ତାବ ଗ୍ରହଣ କରିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମସ୍ତ ୱାର୍ଡ ମେମ୍ବର, ସରପଞ୍ଚ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜୟନ୍ତୀଗିରି ଗ୍ରାମପଞ୍ଚାୟତରେ ସମୁଦାୟ ୧୩ ଟି ୱାର୍ଡ ରହିଥିବା ବେଳେ ଜଣେ ୱାର୍ଡ ମେମ୍ବର ନାହାନ୍ତି। ଅନ୍ୟ ୧୨ଟି ୱାର୍ଡ ମେମ୍ବର ମାନେ ସରପଞ୍ଚ ଭଦ୍ର ପୂଜାରୀଙ୍କ ବିରୋଧରେ ଅନାସ୍ତା ପ୍ରସ୍ତାବ ବୈଠକ ଡାକିବା ନେଇ ମିଳିତ ଭାବେ ଦାବି ପତ୍ର ଦେଇଥିଲେ। ସରପଞ୍ଚ ଶ୍ରୀ ପୁଜାରୀ ୱାର୍ଡ ମେମ୍ବର ମାନେ ନିଜ ଅଞ୍ଚଳରେ କୌଣସି ଉନ୍ନତୀମୂଳକ କାର୍ଯ୍ୟ ନେଇ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ସେ ଏଥିପ୍ରତି ଅଣଦେଖା କରୁଛନ୍ତି। ନିଜ ଅଞ୍ଚଳରେ ୱାର୍ଡ ମେମ୍ବର ସାଧାରଣ ଲୋକଙ୍କ ରୋଷର ଶୀକାର ହେଉଛନ୍ତି। ତେଣୁ ତୁରନ୍ତ ସରପଞ୍ଚ ଶ୍ରୀ ପୁଜାରୀଙ୍କ ବିରୋଧରେ ଅନାସ୍ତା ପ୍ରସ୍ତାବ ନେଇ ଭୋଟ ଗ୍ରହଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ ସରପଞ୍ଚଙ୍କ ହଟାଇବାକୁ ତାଙ୍କ ବିରୋଧରେ ୧୦ଟି ଜଣ ୱାର୍ଡ ମେମ୍ବର ଭୋଟ ପ୍ରଦାନ କରିଲେ। ତାଙ୍କୁ ପଦବୀ ହରାଇବାକୁ ପଡିବ ଏବଂ ଆସନ୍ତା ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟୀତ୍ୱ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ସରପଞ୍ଚା ଶ୍ରୀ ପୁଜାରୀ କହିଛନ୍ତି, ଯେ ତାଙ୍କ ସପକ୍ଷରେ ୪ଜଣ ୱାର୍ଡ ମେମ୍ବର ରହିଥିବା ଯୋଗୁଁ ଅନାସ୍ତା ପ୍ରସ୍ତାବ କାଟ୍ ଖାଇବ ଏବଂ ସେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ।

# ଉମାଶଙ୍କରର ସବୁଜ ଦୁନିଆ ଲିମିଟେଡ୍‌ର ବାର୍ଷିକ ଉତ୍ସବ

ନବରଙ୍ଗପୁର/ନନ୍ଦାହାଣ୍ଡି, ୨୨।୧୦(ସମିସ):



ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଡ଼ଙ୍ଗାରଭେଜା ଗ୍ରାମ ପଞ୍ଚାୟତର ସରୁଗୁଡା ନିକଟ ଡେଙ୍ଗାତୋଟା ଗୁଡା ଠାରେ ଉମାଶଙ୍କରର ସବୁଜ ଦୁନିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏନ୍‌ବିଆର୍‌ଆଇ ଡଃ ଅରବିନ୍ଦ କୁମାର ସହାନୀ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜିର ଆୟୋଜିତ ୧୩ ତମ ବାର୍ଷିକ ଉତ୍ସବରେ ଏକ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉମା ଶଙ୍କର ସବୁଜ ଦୁନିଆ ପ୍ରାଇଭେଟ୍ ଲିମିଟେଡର ନୂତନ କାର୍ଯ୍ୟାଳୟ କୋଠା ଏବଂ ବହୁ କୃଷକଙ୍କୁ ନେଇ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଉମା ଶଙ୍କର ସବୁଜ ଦୁନିଆ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ତଥା ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଜିଲ୍ଲା କୃଷିଅଧିକାରୀ ସୁଧୀର ରଞ୍ଜନ ବେହେରା, ଏଡିଓ ଅନିଲ କୁମାର ପ୍ରହରାଜ, ବିଜ୍ଞାନ ବିଶେଷଜ୍ଞ ଲକ୍ଷ୍ମୀ ନାରାୟଣ ବକ୍ସି, ଅରମାସ୍ ସିଓ ରସନ କାର୍ତିକ, ଅବକାରୀ ବିଭାଗୀୟ ଅଧିକାରୀ ଦିଲୀପ କୁମାର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ନବରଙ୍ଗପୁର ଜିଲ୍ଲାର ବିକାଶ ପ୍ରକଳ୍ପ ମାଧ୍ୟମରେ ଅନେକ ଉଦ୍ୟୋଗୀ ତିଆରି କରାଯାଇଛି। ସେଥି ମଧ୍ୟରୁ ଜୈବ ସାର ଉତ୍ପାଦନ ଆଉ ଏକ ସଫଳତା ବୋଲି ମୁଖ୍ୟ ଅତିଥି ,ସମ୍ମାନୀତ ଅତିଥି ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଶେଷଜ୍ଞ ନିଜ ନିଜର ମତ ପ୍ରକାଶ କରିଥିଲେ। ତରଳ ଜୈବ ସାର ଲୋକାର୍ପଣ ଦ୍ୱାରା ନବରଙ୍ଗପୁର ଜିଲ୍ଲା ଓ ଓଡ଼ିଶାର କୃଷକ ମାନଙ୍କୁ ଜୈବିକ ଚାଷ ପାଇଁ ଅଧିକ ପ୍ରେରଣା ମିଳିପାରିବ ବୋଲି କହିଥିଲେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ।

# ସଫେଇ କର୍ମଚାରୀଙ୍କୁ ସୁରକ୍ଷା କିଟ୍ ପ୍ରଦାନ




ଜୟପୁର,୨୨ । ୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସରକାରଙ୍କ ଗାରିମା ଯୋଜନାରେ ସଫେଇ କର୍ମଚାରୀ ମାନଙ୍କୁ ସଫେଇ କାର୍ଯ୍ୟରେ ନିୟୋଜିତ ବେଳେ ନିଜକୁ କୀଟପତଙ୍ଗ ଏବଂ ମଶାମାଛି କାମୁଡାରୁ ସୁରକ୍ଷିତ ନେଇ ସୁରକ୍ଷା କିଟ୍ ପ୍ରଦାନ କରାଯାଇଛି। ଆଜି ଟାଉନ ହଲ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଫେଇ କାର୍ଯ୍ୟରେ ନିୟୋଜିତ ସଫେଇ କର୍ମଚାରୀ, ଝାଡୁଦାର, ସ୍ୱଚ୍ଛସାଥୀ, ସୁପରଭାଇଜର, ଅଟୋ, ମିନି ଭ୍ୟାନ, ଟ୍ରାକ୍ଟର ଚାଳକ ଏବଂ ୩ ଏମସିସି ପ୍ଲାଣ୍ଟ (ୱେଲଥ କେନ୍ଦ୍ର )ରେ କାର୍ଯ୍ୟରତ କର୍ମଚାରୀ, ସୁରକ୍ଷା କର୍ମୀ ପ୍ଲାଣ୍ଟ ମ୍ୟାନେଜର ମାନଙ୍କୁ ସମୁଦାୟ ୪୬୧ ଜଣଙ୍କୁ ଏହି କିଟ୍ ପ୍ରଦାନ କରାଯିବ। ଏଥିରେ ହେଲମେଟ, ଆପ୍ରୋନ, ଗମ୍ ବୁଟ୍ , ଗ୍ଲୋବ୍ସ, ମାସ୍କ , ଚଷମା ଏବଂ ଅନ୍ୟାନ୍ୟ ଶରୀର ଢାଙ୍କିବା ନେଇ ସୁରକ୍ଷା ସାମଗ୍ରୀ ଏହି କିଟ୍ ରେ ରହିଛି। ଏହି ଅବସରରେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେ‡ି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, କାଉନସିଲର ଯଶପାଲ ସିଂ, ସିମାଞ୍ଚଳ ବିଶୋୟୀ, ମଧୁସ୍ମିତା ଓରନ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ବକ୍ତା ମାନେ ସଫେଇ କର୍ମଚାରୀ କାର୍ଯ୍ୟ ପାଇଁ ଆଜି ସହର ସ୍ୱଚ୍ଛ ଓ ସୁରକ୍ଷିତ ରହିଛି ଏବଂ ତେଣୁ ସେମାନଙ୍କ ସୁରକ୍ଷା ପୌରସଂସ୍ଥାର ଦାୟୀତ୍ୱ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ସଫେଇ କର୍ମଚାରୀ ଓ ପୌର କର୍ମଚାରୀ ମାନେ ମିଳିତ ଭାବେ ମଧ୍ୟାହ୍ନଭୋଜନ (ବଡା ଖାନା) ର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ନବରଙ୍ଗପୁର,୨୨।୧୦(ସମିସ): "ମିଶନ ବାତ୍ସଲ୍ୟ ଯୋଜନା' ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଅଶୋକ ମେହେଟା ସମ୍ମିଳନୀ କକ୍ଷରେ "ଶିଶୁ ପାଇଁ ଦିନଟିଏ" ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସନ୍ତୋଷ ପଣ୍ଡା, ଡିଏସଡବ୍ଲୁଓ ଦ୍ରୌପଦି କହଁର, ଏଡିପିଏଚଓ ଡ ମଳୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୁରକ୍ଷା କମିଟି ,ଜିଲ୍ଲା ଟାସ୍କ ଫୋର୍ସ କମିଟି, ବାଲ୍ୟ ବିବାହ ପ୍ରତିରୋଧ କମିଟି ସଭ୍ୟ,ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ଡିସିପିଓ ସୁରେଶ ପଟ୍ଟନାୟକ, ଡିଏସଏସଓ ସୁଧାଂଶୁ ପାତ୍ର, ଡିଆଇପିଆର୍ ଓ ମନୋଜ ବେହେରା, ଡିଏଲ୍‌ଓ ଟୁଡୁ ଛୋଟରାୟ, ସମସ୍ତ ବ୍ଲକ ସିଡିପିଓ, ସ୍ୱେଚ୍ଛାସେବୀ ସଂସ୍ଥା ପିରାମଲ, ଆଭା, ମହିଳା ଓ ଶିଶୁ ସହାୟକ ୟୁନିଟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।ବୈଠକରେ ଶିଶୁ ପାଇଁ ଦିନଟିଏ ପାଳନ ଅବସରରେ ଜିଲ୍ଲାରେ ବାଲ୍ୟ ବିବାହ ପ୍ରତିରୋଧ ଓ ସଚେତନତା,ଶିଶୁ ଶ୍ରମିକ ଉଦ୍ଧାର ,ଶିଶୁର ଅଧିକାର ସୁରକ୍ଷା ଓ ଟାସ୍କଫୋର୍ସ କମିଟିର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୩୦ ଟି ବାଲ୍ୟ ବିବାହ ପ୍ରଭାବିତ ଅଞ୍ଚଳ କୁ ଚିହ୍ନଟ କରି ବାଲ୍ୟ ବିବାହ ପ୍ରତିରୋଧ ଓ ସମ୍ପୂର୍ଣ୍ଣ ଭାବେ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ରୂପେ ଦେଖିବାକୁ ଜିଲ୍ଲା ପ୍ରଶାସନର ଅଧିକାରୀ , ପୋଲିସ ବିଭାଗ , ସରପଞ୍ଚ,ଗ୍ରାମ୍ୟ ମୁଖିଆ,ସମିତି ସଭ୍ୟ ଙ୍କୁ ନେଇ ମିଳିତ ଭାବରେ ଏକ ଦୃଢ଼ ସଚେତନତା ପଦକ୍ଷେପ,ଗ୍ରାମ୍ୟ ସଭା ଓ ବିଶେଷ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସେଭଳି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଶିକ୍ଷା ଓ ମଙ୍ଗଳ ବିଭାଗର ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବାଲ୍ୟ ବିବାହ ପ୍ରତିରୋଧ ସମ୍ପର୍କିତ ଶପଥ ପାଠ କରାଯିବ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ରୋକିବାରେ ସମସ୍ତଙ୍କ ସ୍ୱମନିତ ପ୍ରୟାସ ଓ ବିଶେଷ ସଚେତନତା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ସୂଚନା ଅନୁସାରେ ଜିଲ୍ଲାରେ ଜାନୁଆରି ୨୦୨୫ ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ୩୪୬ ଟି ବାଲ୍ୟ ବିବାହ ରୋକାଯାଇଛି। ୨୦୨୫-୨୬ ରେ ଯୋଜନା ରେ ମୋଟ ୪୮୩୬୧ ଜଣ କିଶୋରୀ କିଶୋର ଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।୨୩୩୦ ଟି ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପ୍ରତି ଶନିବାର ଦିନ ଜୀବନ ଜୀବିକା, ସଚେତନତା, ଶିକ୍ଷା ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଉଛି। ବୈଠକରେ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସହମତ ହୋଇଥିଲେ।

# ଅବକାରୀ ଚଢ଼ଉ, ମଦ ଜବତ

ତେନ୍ତୁଳିଖୁଣ୍ଟି ୨୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନଙ୍କ ସହ ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଅଲମା ଗ୍ରାମରେ ଚଢ଼ଉ କରି ଆସାମୀ ଶିବ ଚଲାନ ନିକଟରୁ ୧୦.୫୫୦ ଲିଟର ବିଅର୍ , ୨.୮୮୦ ଲିଟର ବିଦେଶୀ ମଦ ତଥା ୩ ଲିଟର ବାହାର ଭାଟି ମଦ ଜବତ କରିଛନ୍ତି। ଆସାମୀ ବିରୋଧରେ ଧାରା ୩୫ ରୁଜ୍ଜୁ କରି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। କେସ ନମ୍ବର ୮୧/୨୦୨୫/୨୬ ପ୍ରକାରେ ମକଦ୍ଦମା ରୁଜୁ କରାଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚଳରେ ପାତ୍ରପୁଟ, ଅଞ୍ଚଳଗୁମା, ଝରିଗୁମା, ବାଗନାଗୁଡା, ହିର୍ମିମୁଣ୍ଡା , କଂଗ୍ରା , ଖାତିଗୁଡା , ଦେଓପାଲି , ଗତିପୁଟ ଇତ୍ୟାଦି ଗ୍ରାମରେ ଚଢ଼ଉ କରାଯାଇଥିବା ବେଳେ ପୂର୍ବରୁ ସୂଚନା ପାଇ ମଦ ବିକ୍ରେତା ମାନେ ଆତ୍ମଗୋପନ କରିଥିଲେ। ଚଢ଼ଉରେ ରିସମା ସୁନା ଓ ଅକ୍ରମ ଖାନ ସହଯୋଗ କରିଥିଲେ। ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି।


# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ଜୟପୁର, ୨୨ ।୧୦ (ସମିସ):



ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ କ୍ରମେ ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମାନବ ସମାଜର କଲ୍ୟାଣ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଷୟକୁ ନେଇ ଜିଲ୍ଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଜୟପୁର ବିଇଓ ଚନ୍ଦନ କୁମାର ନାୟକ, ସ୍ଥାନୀୟ ସଂଗଠଙ୍କ ଧିରେନ ମୋହନ ପଟ୍ଟନାୟକ, ହାସ୍ୟ ଅଭିନେତା ରାମନାଥ ତ୍ରିପାଠୀ, ଅବସର ପ୍ରାପ୍ତ ବିଦ୍ୟାଳୟ ନୀରିକ୍ଷକ ଓ ନାଟ୍ୟକାର ଗୋବିନ୍ଦ ଚନ୍ଦ୍ର ସାହୁ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଧନପୁର ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ଜଗଦିଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମିଶ୍ର , ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତିଙ୍କ ଯୋଗଦେଇଥିଲେ। ଆଜିର ଏହ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର ୯ ଟି ଦଳ ବିଦ୍ୟାଳୟ ଦଳଗତ ଭାବେ ଯୋଗ ଦେଇଥିଲେ। ଏଥିରେ କୋରାପୁଟ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ଜୟପୁର ଓଡ଼ିଶା ମାଇନିଙ୍ଗ ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଥିଲେ। ଉଦଯାପନୀ ଉତ୍ସବରେ ଆମନ୍ତ୍ରିତ ଅତିଥିଙ୍କ ସମେତ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ପ୍ରଧାନ ଶିକ୍ଷୟିତ୍ର ଅଭିଷେକ କୁମାର ଭୂଏ ଶ୍ରେଷ୍ଠ ନାଟକ, ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ କୋରାପୁଟ ସରକାରୀ ବାଳିକା ବିଦ୍ୟାଳୟର ଶିକ୍ଷୟତ୍ରୀ ସଙ୍ଗୀତା ସାହୁ, ଶ୍ରେଷ୍ଠ କାହାଣୀ ସିନାପାଇ ଉନ୍ନତୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ମୀନା ସ୍ୱାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ନାଟକ ନବରଙ୍ଗପୁର ଠାରେ ପ୍ରାନ୍ତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୟପୁରର ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନ୍ଦର ରାୟ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ



ଲମତାପୁଟ,୨୨।୧୦(ସମିସ): ଲମତାପୁଟ ବ୍ଲକ୍ ଅନ୍ତର୍ଗତ ହୀରାପୁଟ କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ଟିକରପଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଅଜୟ କୁମାର ଖଣ୍ଡପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଟିକରପଡ଼ା ସରପଞ୍ଚ ଶ୍ରୀମତି ନବୀନା ହନ୍ତାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୧ଟି ବିଦ୍ୟାଳୟରୁ ୧୧୯ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ବିତର୍କ, କୁଇଜ୍, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ରଚନା ,ସୃଜନାତ୍ମକ ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରା ଯାଇଥିଲା। ପ୍ରଧାନ ଶିକ୍ଷକ ତୋଫାନ ଦୁର୍ଗା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଜଗନ୍ନାଥ ଖେମୁଣ୍ଡୁ ଏବଂ ଅନ୍ୟମାନେ ସହାୟତା କରିଥିଲେ।

# ରନ୍ଧନ ଗ୍ୟାସ ସିଲିଣ୍ଡରର ଅଭାବ, ଗ୍ରାହକ ହନ୍ତସନ୍ତ

## ଅବିଭକ୍ତ କୋରାପୁଟ ଜିଲ୍ଲାରେ ସମସ୍ୟା ଜଟିଳ

ଜୟପୁର,୨୨।୧୦(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ ଯୋଗୁଁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଏହିପରି ରନ୍ଧନ ପାଇଁ ଆବଶ୍ୟକ ରହୁଥିବା ଗ୍ୟାସ ସିଲିଣ୍ଡର ଯୋଗାଣ କରିବାରେ ସର୍ବାଧିକ ଗ୍ରାହକ ରହିଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀ ନିକଟରେ ରହିଥିବା ବେଳେ ଅନ୍ୟାନ୍ୟ ଗ୍ୟାସ କମ୍ପାନୀ ଗୁଡିକରେ ମଧ୍ୟ ଅଭାବ ଦେଖାଦେଇଛି। ଏହିପରି ଗ୍ରାହକ ମାନେ ବୁକିଂ କରିବା ସହ ଦୀର୍ଘ ଏକ ସପ୍ତାହ ଅପେକ୍ଷା କରିବା ପରେ ସେମାନଙ୍କୁ ଗ୍ୟାସ ପ୍ରଦାନ କରାଯାଇଛି। ଗତ ଏକ ମାସ ହେଲାଣି ଏହି ସମସ୍ୟା ଲାଗି ରହିଥିବା ବେଳେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ କମ୍ପାନୀ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନଥିବା ନେଇ ସାଧାରଣ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହିପରି ରାୟଗଡା ସ୍ଥିତ ଏଚ୍‌ପି ଗ୍ୟାସ ପ୍ଲାଣ୍ଟରୁ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନିଗିରି, ଗଜପତି, କଳାହାଣ୍ଡି, ନୂଆପଡ ଜିଲ୍ଲା ସମେତ ବଲାଙ୍ଗୀର ଜିଲ୍ଲାର କେତେକାଂଶରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଯୋଗାଣ ହୋଇଥାଏ। କୋରାପୁଟ ଜିଲ୍ଲାକୁ ମାସିକ ୩୦ ହଜାର ମ୍ୟାଟ୍ରିକ ଟନ୍ ଗ୍ୟାସ ଆବଶ୍ୟକ ରହିଛି। କିନ୍ତୁ ବର୍ତ୍ତମାନ ଗତ ଏକ ମାସ ମଧ୍ୟରେ ୧୦ ହଜାର ମେଟ୍ରିକ୍ ଟନ୍ ଗ୍ୟାସ ସିଲିଣ୍ଡର କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ପ୍ରାୟ ୭ରୁ ୮ଟି ଜିଲ୍ଲାରେ ୫ ଲକ୍ଷ



ଗ୍ରାହକ ରହିଥିବା ବେଳେ ନିୟମିତ ଯୋଗାଣରେ ସମସ୍ୟା ହେଉଛି। ବର୍ତ୍ତମାନ କିଛି ଗ୍ୟାସ ସିଲିଣ୍ଡର ରାୟଗଡା ଏବଂ ଅନ୍ୟାନ୍ୟ କିଛିମାତ୍ରାରେ ବିଶାଖପାଟଣା ପ୍ଲାଣ୍ଟରୁ ଯୋଗାଣ କରାଯାଉଛି। କିନ୍ତୁ ଆବଶ୍ୟକ ଅନୁଯାୟୀ ଯୋଗାଣ କରାଯାଉନଥିବା ଯୋଗୁଁ ଗ୍ରାହକ ମାନେ ହନ୍ତସନ୍ତ ହେଉଛି। ଏହିପରି କେବଳ ଜୟପୁର ସହରର ଅନ୍ୟାନ୍ୟ କମ୍ପାନୀ ଅପେକ୍ଷା ଅଧିକ କେବଳ ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀର ପଞ୍ଜିକୃତ ପ୍ରାୟ ୬୦ ହଜାର ଗ୍ରାହକ ରହିଛନ୍ତି। କିନ୍ତୁ ଏହିପରି ଗ୍ରାସ ସିଲିଣ୍ଡର ଯୋଗାଣରେ ବିଳମ୍ବକୁ ନେଇ ଗ୍ରାହକ ମାନେ ଗୋଦାମ ଆସି ଫେରିବା ସହ ଅସନ୍ତୋଷ ପ୍ରକଟ କରୁଛନ୍ତି। ସ୍ଥାନୀୟ ଡିଲର ମାନେ ଗ୍ୟାସ ନଥିବା ନେଇ ନିଜର ଅକ୍ଷମତା ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ରାୟଗଡା ପ୍ଲାଣ୍ଟକୁ ଆସୁଥିବା ଗ୍ୟାସ ବଡ ବଡ ଟ୍ୟାଙ୍କର ମାଧ୍ୟମରେ ଆସୁଥିବା ବେଳେ ନୂତନ ଟେଣ୍ଡର ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇ ନୂତନ ଟ୍ୟାଙ୍କର ନିୟୋଜିତ କରାଯିବ ପ୍ରକ୍ରିୟା ଚାଲିଥିବା ଯୋଗୁଁ ରାୟଗଡା ପ୍ଲାଣ୍ଟରେ ଆବଶ୍ୟକ ଅନୟାୟୀ ଗ୍ୟାସ ପହଞ୍ଚି ପାରୁନଥିବା ନେଇ କମ୍ପାନୀ ପକ୍ଷରୁ ଗତେ ଏକ ମାସ ହେଲାଣି ଏହିପରି କୈଫତ ଦେଇ ଚାଲିଛନ୍ତି। ଅନ୍ୟପକ୍ଷରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ରାୟଗଡା ପ୍ଲାଣ୍ଟ ଉପରେ ନିର୍ଭର କରୁଥିବା ରାଜ୍ୟର ପ୍ରାୟ ୮ଟି ଜିଲ୍ଲାକୁ ପୋଡଶୀ ନିକଟସ୍ଥ ଆନ୍ଧ୍ରପ୍ରଦେଶର ବିଶାଖପାଟଣା ପ୍ଲାଣ୍ଟରୁ ରନ୍ଧନ ସିଲିଣ୍ଡର ଯୋଗାଣ କରିବାକୁ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। କିନ୍ତୁ ସାଧାରଣ ଗ୍ରାହକ ନିଜର ଦୈନନ୍ଦିନ ରନ୍ଧନ କାର୍ଯ୍ୟ ପାଇଁ ନିର୍ଭର କରୁଥିବା ଗ୍ୟାସ ସିଲିଣ୍ଡର ପାଇପାରୁନଥିବା ନେଇ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନର ଅଣଦେଖା ପ୍ରଦର୍ଶନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହିପରି ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀର ସମ୍ବଲପୁର ଆଞ୍ଚଳିକ ମ୍ୟାନେଜର ରମେଶ କୁମାର କହିଛନ୍ତି, ଏହା ଅସ୍ଥାୟୀ ସମସ୍ୟା। ନୂତନ ଗ୍ୟାସ ଭାବେ ୧୬ଟି ନୂତନ ଗ୍ୟାସ ଟ୍ୟାଙ୍କର ଟେଣ୍ଡର ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅତିଶୀଘ୍ର ଏହାର ସମାଧାନ ହୋଇଯିବ ଏବଂ ଯୋଗାଣ ସ୍ୱାଭାବିକ ହେବ।

● ଅଧ୍ୟକ୍ଷା ପଦବୀ ପୂରଣ, ଶିକ୍ଷକ ବଦଳି ବାତିଲ ଦାବି

# ମୂଳ ଅଧିବାସୀ ସଂଘର ପଦଯାତ୍ରା

କୁନ୍ଦୁରା,୨୨।୧୦(ସମିସ): କୁନ୍ଦୁରା ବ୍ଲକ ଠାରେ ବିଭିନ୍ନ ସମସ୍ୟା ନେଇ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ଘେରିଲା ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ। ସଭାପତି ମହେଶ୍ୱର ପେଣ୍ଡିଆ ଏବଂ ସମ୍ପାଦକ ତ୍ରିନାଥ ସମରଥଙ୍କ ନେତୃତ୍ୱରେ ପ୍ରଥମେ ସଂଘ। ସହିଦ ଲକ୍ଷ୍ମଣ ନାୟକ ପଡିଆଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ନାରାବାଜି ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବାଣ୍ଣଆଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡ଼ିସାରିଗୁଡା ଠାରେ ଥିବା ସହକାରୀ ଶିକ୍ଷକ ତ୍ରିନାଥ ହରିଜନଙ୍କୁ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣୀ ଗୁଡା ବଦଳି ବାତିଲ ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ। କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଦେଶ୍ୟ ମୂଳକ ଭାବେ ଜଣେ ଶିକ୍ଷକଙ୍କୁ ବଦଳି କରିଥିବା ବେଳେ ଉକ୍ତ ନିର୍ଦ୍ଦେଶକୁ ବାତିଲ କରି ପୁନଃ କୁନ୍ଦୁରା ବ୍ଲକରେ ଅବସ୍ଥାପିତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିଭଳି ଭାବେ କୁନ୍ଦୁରା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଦ୍ୟାଳୟ ଗୁଡିକରେ ଦୀର୍ଘ ବର୍ଷ ଧରି ରହିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଅନ୍ୟ



ବ୍ଲକ ଗୁଡିକୁ ବଦଳି ନେଇ ଦାବି ହୋଇଛି। ନ ହେଲେ ଆସନ୍ତା ଦିନରେ ପରିବାର ସହ ଆସି ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଛି ସଂଘ। ଏହି ୪ ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହିପରି କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ପ୍ରଶାସନ ପକ୍ଷରୁ ଗତ ଦିନରେ ଭୋଟିଙ୍ଗ ପ୍ରକ୍ରିୟା କରାଯାଇଥିଲା। କୁନ୍ଦୁରା ବ୍ଲକ ଅଧୀନରେ ୧୬ ଗୋଟି ଗ୍ରାମ ପଞ୍ଚାୟତ ରହିଥିବା ବେଳେ ସେଥିମଧ୍ୟରୁ ୨୮ ଜଣ ସରପଞ୍ଚ ଏବଂ ସମିତି ସଭ୍ୟା ସଭ୍ୟ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୋଧରେ ଭୋଟ ଦେଇଥିଲେ। କୁନ୍ଦୁରା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ଆଦିବାସୀ ମହିଳା ରହିଥିବା ବେଳେ ଅନାସ୍ଥା ଭୋଟିଙ୍ଗ ପରେ ଏହି ଦାୟିତ୍ୱ ପୁରୁଷ ଉପାଧ୍ୟକ୍ଷଙ୍କୁ ଦେଇ ପ୍ରଶାସନ ଚୁପ୍ ରହିଛି। କିଛି କୁଚକ୍ରୀ ଗୋଷ୍ଠୀ ଜଣେ ଆଦିବାସୀ ମହିଳାଙ୍କୁ ବାହାର କରି ଉକ୍ତ ଆସନରେ ଆଦିବାସୀ ମହିଳାଙ୍କୁ ଦାୟିତ୍ୱ ପ୍ରଦାନ କରିବା ବଦଳରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ପ୍ରଶାସନ ସହମତି ଜଣାଉଛି, ତାକୁ ବରଦାସ୍ତ କରାଯିବନି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପି ମନସ୍ମିତାଙ୍କ ଅନୁପସ୍ଥିତରେ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମାକାନ୍ତ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା, ଉପ ସଭାପତି ଚନ୍ଦ୍ର ସଗରିଆ, ଦୁର୍ଯ୍ୟୋଧନ ହରିଜନ, ସୁଭଦ୍ରା ଭୂମିଆ, ଧନିରାମ ବାରିକ, ସାଧାରଣ ସଂପାଦକ ଦାମୋଦର ଗଣ୍ଡା, ଘାସି ଭତ୍ରା, ଜଗତ ନାୟକ, ଗୁପ୍ତ ନାୟକ ଏବଂ ପୂର୍ଣ୍ଣ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

● ବିଡିଓଙ୍କ ହସ୍ତକ୍ଷେପ

# ବିଧବା ଶୋଭା ପରଜାଙ୍କୁ ମିଳିଲା ଆବାସ

ଗୁଡାରି,୨୦।୧୦(ସମିସ) ଗୁଡାରୀ ବିଡିଓ ଙ୍କ ହସ୍ତକ୍ଷେପ ପରେ ଅବାସ ମିଳିଲା ବୁଢ଼ିମାଙ୍କୁ. ସୂଚନା ମୁତାବକ ପେଣ୍ଡିଲି ଗ୍ରାମ ପଞ୍ଚାୟତର ଢେପାଗୁଡା ଗ୍ରାମରେ ଗତ ଅଗଷ୍ଟ ମାସରେ



ଲଗାଣ ବର୍ଷା ଯୋଗୁଁ ବିଧବା ମହିଳା ଶୋଭା ପରଜା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ଏହି ଖବର 'ସକାଳ' ଖବର କାଗଜ ରେ ଅଗଷ୍ଟ ମାସରେ ପ୍ରକାଶିତ ହୋଇଥିଲା। ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ଗୁଡାରି ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ ଶୋଭା ପରଜା। ଖବର ପ୍ରକାଶ ପରେ ରାଜସ୍ୱ ନିରକ୍ଷକ ଏବଂ ପିଇଓ ତଦନ୍ତ କରିଥିଲେ । ତଦନ୍ତ ପରେ ଶୋଭା ପରଜା ଙ୍କୁ ଆବାସ ଯୋଜନା ରେ ସାମିଲ କରିବା ନିମନ୍ତେ ବିଡ଼ିଓ ଶୁଚିସ୍ମିତା ବେହେରା ପ୍ରତିଶୃତି ଦେଇଥିଲେ। ବି ଡି ଓ ଙ୍କ ପ୍ରତିଶୃତି ପରେ ୨ମାସ ମଧ୍ୟରେ ଆବାସ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟାଦେଶ ପାଇବା ପରେ ଶୋଭା ଖୁସିବ୍ୟକ୍ତ ହୋଇ ସକାଳ ଖବରକାଗଜ କୁ ଧନ୍ୟବାଦ ଦେଇଛନ୍ତି । ଯଥାଶୀଘ୍ର ଘର କାର୍ଯ୍ୟ ଆରମ୍ଭ କରି ଶାନ୍ତିରେ ଜୀବନ ବିତାଇବି ବୋଲି କହିଛନ୍ତି

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଡାବୁଗାଁ,୨୨।୧୦(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ଡାବୁଗାଁ ବ୍ଲକ୍‌ରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବଡ଼ଓଲମା ଗ୍ରାମ ପଞ୍ଚାୟତଠାରୁ ଗ୍ରାମ ପରିକ୍ରମା କରି ଡାବ୍ରିଗୁଡା(ଭାଲୁଗୁଡା) ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ପଦଯାତ୍ରାରେ ଡାବୁଗାଁ ବିଜେଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ ଓ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା ଓ ଗୁପ୍ତ ବିଶୋୟୀ , ବରିଷ୍ଠ ବିଜେଡି ନେତା ଏମ୍. ଆପ୍ପା ରାଓ, ଦୟାନିଧି ଭତ୍ରା, ରାମ କୁମାର ଗଣ୍ଡ, ରମେଶ ଚନ୍ଦ୍ର ମାଝୀ, ସାଲିମ ଧର ଭତ୍ରା, ବବୁଲ ତ୍ରିପାଠୀ, ଲଇଖନ ପନକା, ଶିବ ପ୍ରସାଦ ମିଶ୍ର, ହିରଣ୍ୟ ମାଝୀ, ଗେଦୁ ପଟ୍ଟନାୟକ, ସୁବାସ ବିଶୋୟୀ, ଉପେନ୍ଦ୍ର ବିଶୋୟୀ, ଜଳନ୍ଧର ବିଶୋୟୀ, ସଦାଶିବ ବିଶୋୟୀ, ଶୁଭଜିତ୍ ବେହୁରିଆ, ସୁକୁ ଭତ୍ରା, ବିପିନ ଡଙ୍ଗରି, ବିଜୟ ଭତ୍ରା, ଟି. ଯୁଗୁନୁ ବାବୁ, ଶୋଭା ହରିଜନ, ଡାବୁଗାଁ ନିର୍ବାଚନମଣ୍ଡଳୀର ଡାବୁଗାଁ, ପାପଡାହାଣ୍ଡି,



କୋଷାଗୁମୁଡା ବ୍ଲକ୍ ବିଜେଡିର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ୱାର୍ଡ ମେମ୍ବର ପମୁଖ ବହୁ କର୍ମୀ, ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ୫୦୦୦ରୁ ଅଧିକ ବିଜେଡି କର୍ମୀ ଉକ୍ତ ପଦଯାତ୍ରାରେ ସାମିଲ ହୋଇ ଗାଁ ଗାଁରେ ବିଜେଡିର ନୀତି ଆଦର୍ଶ ଓ ଜନହିତକର ଯୋଜନା ଉପରେ ଅବଗତ କରାଇଥିଲେ। ଜନସାଧାରଣ ଅବଗତ ହୋଇ ବିଜେଡି ନୀତି ଆଦର୍ଶକୁ ସ୍ୱାଗତ କରି ବିଜେଡି ସୁପ୍ରିମୋ ନବୀନ ବାବୁଙ୍କ ଜୟ ଜୟ ଗାନ କରିଥିଲେ । ଭାଲୁଗୁଡା ଗ୍ରାମର ଶ୍ରୀ ଶ୍ରୀ ସୁନା ଦେଇ ମା'ତେଲେଙ୍ଗାଣୀ ମନ୍ଦିର ପାଶ୍ୱର୍ରେ ଥିବା ପଡିଆରେ ଏକ ବିରାଟ ସଭାର ଆୟୋଜନ କରାଯାଇ ଡାବୁଗାଁ ବିଜେଡି ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲୋକପ୍ରିୟ ବିଧାୟକ ପ୍ରତି ପରିବାରର ମୁଣ୍ଡ ପିଛା ୫ କେଜି ବଦଳରେ ୧୦ କେଜି ଚାଉଳ, ୬୦ ବର୍ଷର ଲୋକଙ୍କୁ ୩୦୦୦ ଟଙ୍କା ପେନସନ୍, ପ୍ରତି ପରିବାରକୁ ସରକାରଙ୍କ ଯୋଜନାରେ ଆବାସ ଗୃହ, ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଇବା ନିମନ୍ତେ ଚେଷ୍ଟା ଅବ୍ୟାହତ ରଖିଥିବା କହିଥିଲେ। ଡାବୁଗାଁ ବିଜେଡି ସଭାପତି ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ସମସ୍ତ ଉପସ୍ଥିତ ମହିଳା ମାନଙ୍କ ପାଇଁ ଉପହାର ସ୍ୱରୂପ ଶାଢୀ ଖଣ୍ଡିଏ ଲେଖାଏଁ ପ୍ରଦାନ କରିଥିଲେ।

# ମଦ ଜବତ, ୨ ଗିରଫ

ପାପଡାହାଣ୍ଡି,୨୨।୧୦(ସମିସ): ଆଜି ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ପାପଡ଼ାହାଣ୍ଡି ଅବକାରୀ ଥାନା ଅଧିକାରୀ ସମୀର ସ୍ୱାଇଁ ଏବଂ କର୍ମଚାରୀ ମାନଙ୍କ ସହ ପାପଡାହାଣ୍ଡି ବ୍ଲକମୈଦଲପୁର ଥାନା ଅନ୍ତର୍ଗତ ଗାଦବାକତରା ଗ୍ରାମ ନିକଟ କାଦମାଲି ପାଦଚଲା ରାସ୍ତାରେ ଅର୍ଜୁନ ଜାନି ୧୮ ଲିଟର ଦେଶୀ ହାତ ରନ୍ଧା ମଦ ନେଇ ଆସୁଥିବା ସମୟରେ ତାଙ୍କ ଠାରୁ ମଦ ଜବତ କରାଯାଇଛି। କେସ ନଂ ୮୨/୨୦୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। କଦାମାଳି ଜଙ୍ଗଲ ରାସ୍ତାରେ ମାର୍କଣ୍ଡ ଦଳାଇ , ସାଇକଲ ଦ୍ୱାରା ଗୋଟିଏ ମୋଟର ଟ୍ୟୁବ୍‌ରେ ୪୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଆଣୁ ଥିବା ବେଳେ ତାଙ୍କଠାରୁ ଜବତ କରାଯାଇ କେସ ନଂ ୧୬୨/୨୦୨୫ ରେ ମକଦ୍ଦମା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ସହ ଉପ ନିରୀକ୍ଷକ ତ୍ରିନାଥ ସୌର, ନାରାୟଣ ମୁଦୁଲି, ରିସମା ସୁନା, ଅକ୍ରମ ଖାନ ଓ ଉତ୍ତମ ସହଯୋଗ କରିଥିଲେ।

● ବିଏସ୍ଏନ୍ଏଲ୍ ସେବା ଏମିତି

# ବିଦ୍ୟୁତ୍ ନାହିଁ ତ ସିଗ୍ନାଲ ଅଫ୍

ଗୁଡାରୀ,୨୨।୧୦(ସମିସ): ସାରା ଦେଶର ଲୋକଙ୍କୁ ସମ୍ପର୍କରେ ଯୋଡୁଥିବା ଭାରତ ସଂଚାର ନିଗମ(ବିଏସଏନ ଏଲ) ଆଜି ତଳ ସ୍ତରକୁ ଗତି କରୁଛି। ଯାହାକୁ ଲୋକେ ଉତ୍କଣ୍ଠାର ସହ ବ୍ୟବହାର କରୁଥିଲେ, ଆଜିର ଦିନରେ ତାକୁ ନାପସନ୍ଦ କରୁଛନ୍ତି ସାଧାରଣ ଗ୍ରାହକ। କାରଣ ଗୁଡାରୀ ସହରରେ ମାସକୁ ୨୦ ଦିନ ଟାୱାରରେ ସିଗ୍ନାଲ ରହୁନି । ସହରରେ କରେଣ୍ଟ ନାହିଁ ତ ଟାୱାର ନାହିଁ। ବାରମ୍ବାର ଟାୱାର ନ ରହିବା ଯୋଗୁଁ ବ୍ୟବହାର କରୁଥିବା ଗ୍ରାହକ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଯେଉଁ ଗ୍ରାହକମାନଙ୍କର ଆଧାର ବ୍ୟାଙ୍କ ଖାତା ସହ ଜଡିତ, ସେମାନେ ଓଟିପି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଶେଷରେ ଟାୱାର ନ ଆସିବା ଫଳରେ ନିରାଶ ହୋଇ ଫେରୁଛନ୍ତି। ଏମିତରେ ଅନେକ ବିଏସ୍ଏନଏଲ ଗ୍ରାହକ ଅସନ୍ତୁଷ୍ଟ ହୋଇ ଅନ୍ୟ ସିମକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛନ୍ତି। ଏହି ବିଭାଗ କେନ୍ଦ୍ର ସରକାର ଅଧିନରେ ପରିଚାଳିତ। ଏଣୁ କର୍ତ୍ତୃପକ୍ଷଙ୍କ ମନମାନି ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ଲାଗି ରହିଛି। ଅନ୍ୟ ପଟେ ବିଏସ୍ଏନ୍ଏଲ ତରଫରୁ ଭିନ୍ନ ଭିନ୍ନ ପ୍ରକାରର ଅଫର ଗ୍ରାହକଙ୍କୁ ଆଣି ଦେବା ହାସ୍ୟାସ୍ପଦର କଥା। କାରଣ ପ୍ରଥମେ ବିଭାଗ ଟାୱାର ଠିକ୍ କରୁ ପରେ ଅଫର ବିଷୟରେ ଚିନ୍ତା କରିବା କଥା ବୋଲି ସାଧାରଣ ଗ୍ରାହକ କହୁଛନ୍ତି। ଏ ସମସ୍ତ ବିଷୟକୁ କୋରାପୁଟ ଏବଂ ଗୁଣପୁରରେ ରହୁଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଯୋଗାଯୋଗ କରିଥିଲେ। ସେମାନଙ୍କ ଫୋନ ବନ୍ଦ ଥିଲା, ଏଣୁ ସରକାର ସମୟ ଥାଉଣୁ ଏହାକୁ ସଜାଡିବା ଆବଶ୍ୟକ। ନଚେତ ରାସ୍ତା କଡ଼ରେ ଥିବା ଟାୱାର ଦେଖିବାକୁ ମିଳିବ। କିନ୍ତୁ ଏହାକୁ ବ୍ୟବହାର କରୁଥିବା ଗ୍ରାହକ ଦେଖିବାକୁ ମିଳିବେ ନାହିଁ ବୋଲି ଲୋକେ କହୁଛନ୍ତି।

# ଗ୍ୟାସ ସିଲିଣ୍ଡର୍ ଅଭାବ, ଲୋକେ ହନ୍ତସନ୍ତ

ଗୁଡାରି, ୨୨।୧୦(ସମିସ): ପ୍ରାୟ ୫ ରୁ ୭ ଦିନ ହେଲାଣି ଗୁଡାରୀ ସହରରେ ଗ୍ୟାସର ଅଭାବ ଦେଖିବାକୁ ମିଳିଛି। ନଗରରେ ଥିବା ଗୋଦାମ ଗୃହରେ ସପ୍ତାହ ହେବ ଇନ୍ଧନ ଗ୍ୟାସ ଆସୁ ଥିବାରୁ ଗ୍ରାହକ ହଇରାଣ ହେଉଛନ୍ତି। ଗୋଦାମରେ ଗ୍ୟାସ ଗଚ୍ଛିତ ନ ଥିବା ହେତୁ ରୋଷେଇ କରିବା ପାଇଁ ମହିଳା ମାନେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସରକାର ପଲ୍ଲୀ ଠୁ ସହର ସମସ୍ତେ ଇନ୍ଧନ ଗ୍ୟାସ ବ୍ୟବହାର କରିବା ପାଇଁ ଉଜ୍ଜଳା ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଜିଲ୍ଲାରେ ଗ୍ୟାସର ଆଭାବ ଦେଖାଦେଇଛି। ଯାହା ଜଣାପଡ଼ିଛି ଗ୍ୟାସ ରିଫିଲିଂ ପ୍ଲାଣ୍ଟରୁ ପର୍ଯ୍ୟାପ୍ତ ପରିମାଣରେ ନହେବା ଫଳରେ ଆଜି ଗ୍ୟାସ ଆସି ପାରୁନାହିଁ। ଗ୍ୟାସ ଲୋଡ ନିମନ୍ତେ ଅଗ୍ରିମ ବିଲ ପୈଠ କରିଥିଲେ ସୁଦ୍ଧା ଗ୍ୟାସ ଆସୁ ନ ଥିବା କହିଛନ୍ତି ଗ୍ୟାସ ଅଫିସ ମ୍ୟାନେଜର। ସହରର ଖାଉଟିଙ୍କୁ ଯେତିକି ପରିମାଣର ଗ୍ୟାସ ଆବଶ୍ୟକ, ଯେତିକି ପରିମାଣ ଆସୁନି । ଯେତିକି ଆସୁଛି ତାହା ସମୁଦ୍ରକୁ ଶଙ୍ଖେ। ଯଦି ଆଗାମୀ ଦିନରେ ଏଭଳି ଗୋଦାମକୁ ଗ୍ୟାସ ନ ଆସେ, ଘରେ ରୋଷେଇ କରି ଖାଇବା ଅସମ୍ଭବ ହୋଇପଡିବ। ତୁରନ୍ତ ଏହାର ସମାଧାନ କରିବା ନିମନ୍ତେ ହିତାଧିକାରୀ ଦାବି ରଖିଛନ୍ତି।

# ଦିଆଲି ପରବରେ ଝୁମିଲେ ଅଞ୍ଚଳବାସୀ

କାକିରିଗୁମା,୨୨।୧୦(ସମିସ): ପ୍ରତିବର୍ଷ ଭଳି ଆଲୋକର ପର୍ବ ଦୀପାବଳୀ ଧୁମ୍‌ଧାମରେ ଲୋକେ ପାଳନ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦଳିତ ସମ୍ପ୍ରଦାୟର ଲୋକ ଏହାକୁ ନିଆରା ଢଙ୍ଗରେ ପରମ୍ପରା ରୀତି ନୀତି ଅନୁଯାୟୀ ଦିଆଲି ପରବ ଭାବେ ପାଳନ କରିଛନ୍ତି। ଲକ୍ଷ୍ମୀପୁର ବ୍ଲକର କାକିରିଗୁମା, କେଲାର, କୁସୁମୁଯୁଗୁଡା, ତୟାପୁଟ, ଚମ୍ପି ଡୁମୁରିପଦର, ଡୁନୁପାର, ପଞ୍ଚଡା, କୁନ୍ଧାର, ମାଟୁଗୁଡା, ନେରକା ଗ୍ରାମରେ ଏହି ପରବ ଦଳିତ ସମ୍ପ୍ରଦାୟର ମୁଖ୍ୟ ପରବ ଭାବରେ ପାଳନ କରିଥାନ୍ତି। ଏହି ପରବ ଦୀର୍ଘ ତିନି ଦିନ ପାଳନ ହୋଇଥାଏ। ପରବ ପରମ୍ପରା ଓ ନିତି ଅନୁଯାୟୀ ଦୀପାବଳି ଦିନକୁ ଉପବାସ ରହି ସଂଧ୍ୟା ସମୟରେ ଘର ଦେବୀଙ୍କୁ ପୂଜା କରିଥାନ୍ତି। ଦ୍ୱିତୀୟ ଦିନରେ ସ୍ୱର୍ଗତଃ ପିତୃ ପୁରୁଷ ମାନଙ୍କୁ ମନେ ପକାଇ ସନ୍ଧ୍ୟାରେ ପୂଜା କରି ଦୀପ ଦାନ କରି ନୂଆ ଚାଉଳ, ନୂଆରେ ଅମଳ କରିଥିବା ପନିପରିବା ପିଠା, ମିଠା ସ୍ୱଦେଶୀ



ଖାଦ୍ୟ ପ୍ରସ୍ତୁତି କରି ପରଲୋକ ଗତ ଓ ଠାକୁରଙ୍କୁ ଭୋଗ ଲାଗି କରିବା ପରେ ଏହି ଖାଦ୍ୟକୁ ନେଇ ପରିବାର ବର୍ଗ ବହୁତ ଆନନ୍ଦର ସହିତ ଖାଇଥାନ୍ତି। ତୃତୀୟ ଦିନରେ ସକାଳୁ ସାହିର ମୁଖ୍ୟ ଓ ପ୍ରତ୍ୟେକ ଘର ମୁଖିଆ ସାହିରେ ଏକାଠି ହେଇ ଏକ ବୈଠକ କରିବା ସହ ଦିଆଲି ପରବର ଶୁଭେଚ୍ଛା ପରସ୍ପରକୁ ଜଣାଇଆନ୍ତି। ସମାଜର ପରମ୍ପରା ଓ ରୀତି ନିତି ଅନୁଯାୟୀ ସାହିର ପ୍ରତ୍ୟେକ ଘରଠାରୁ ବାଲି ଫୁଲ, ହଳଦି, ଚାଉଳ ,ପିଠାପଣା, ସଂଗ୍ରହ କରି ବୈଠକରେ ପ୍ରଦାନ କରି ସମସ୍ତ ଏକାଠି ହେଇ ଆନନ୍ଦ ସହିତ ପରବ ସମ୍ପର୍କରେ ଆଲୋଚନା କରି ସାହିର ମୁଖ୍ୟ ନାଏକ, ଧଙ୍ଗଡା ମାଝୀ ମାନଙ୍କୁ ସମ୍ମାନିତ କରିଥିଲେ।

# କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେଲେ ଯୁବତୀ

ଉମରକୋଟ,୨୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପାନ୍ତ ଅଞ୍ଚଳରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟକୁ କର୍ମ ଯୋଗାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଜଣେ ଉଚ୍ଚ ଶିକ୍ଷିତା ଯୁବତୀ। ବାଇଓ ଡିଗ୍ରେଡବଲ କ୍ୟାରି ବ୍ୟାଗ୍ ଉତ୍ପାଦନ ୟୁନିଟ ସ୍ଥାପନ କରି ସରକାରଙ୍କ ପଲିଥିନ୍ ମୁକ୍ତ ବାର୍ତ୍ତାକୁ ସାକାର କରିବା ପାଇଁ ଏକ ପ୍ରୟାସ କରିବା ସହିତ ନିଜେ ରୋଜଗାର କ୍ଷମ



ହୋଇ ଅନ୍ୟ ୧୦ରୁ ଅଧିକ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୧୨ ନଂ ୱାର୍ଡ ଡଙ୍ଗରିଗୁଡାର ଠିକାଦାର ଅଭୟ ମହନ୍ତଙ୍କ ଝିଅ ରିତୁ ମହନ୍ତ। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳର ଉଚ୍ଚ ଶିକ୍ଷିତ ଯୁବତୀ ରିତୁ ମହାନ୍ତ। କୃଷିବିଜ୍ଞାନରେ ସ୍ନାତକ ହାସଲ କରିବା ପରେ ଚାକିରି ପଛରେ ନ ଦୌଡ଼ି ନିଜେ କିଛି କରିବା ଲକ୍ଷ୍ୟ ପାଇଁ ଏକ ପ୍ରଚେଷ୍ଟା କରିଥିଲେ ଏବଂ ବାପାଙ୍କ ପ୍ରେରଣାରେ ପ୍ରେରିତ ହୋଇ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ପ୍ଲାଷ୍ଟିକ ମୁକ୍ତ କ୍ୟାରି ବ୍ୟାଗ ପ୍ରସ୍ତୁତ କରୁଛନ୍ତି। ଏହି ପ୍ଲାଣ୍ଟରେ କୌଣସି ଧୂଆଁ ବାହାରିବ ନାହି କିମ୍ବା କୌଣସି ଶବ୍ଦ ହେବନାହିଁ। ଏହି କ୍ୟାରୀ ବ୍ୟାଗ ପ୍ରସ୍ତୁତ ପାଇଁ କଞ୍ଚାମାଲ ମକା ଗୁଣ୍ଡରୁ ପ୍ରସ୍ତୁତ ଓ ବର୍ତ୍ତମାନ ଏହା ଗୁଜୁରାଟରୁ ଆମଦାନୀ କରାଯାଉଛି। ଏହି ପ୍ଲାଣ୍ଟରୁ ପ୍ରସ୍ତୁତ କେରି ବ୍ୟାଗ ଶୁନ ପ୍ରତିଶତ ପ୍ଲାଷ୍ଟିକ। ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ। ଏହା ମାଟିରେ ପଡ଼ିଲେ ଦୁଇରୁ ତିନି ମାସ ମଧ୍ୟରେ ମିଶିଯାଏ ଓ ପାଣିରେ ପଡ଼ିଲେ ସଙ୍ଗେ ସଙ୍ଗେ ମିଳେଇଯାଏ। ଏହି ବ୍ୟାଗକୁ ଗାଇ, ଗୋରୁ କିମ୍ବା ଛେଳି ଖାଇଲେ ମଧ୍ୟ ତାଙ୍କ ଶରୀରକୁ କ୍ଷତି କରିବ ନାହିଁ ବୋଲି ରିତୁ ମହନ୍ତ ସୂଚନା ପ୍ରଦାନ କରିଛନ୍ତି। ଦୈନିକ ୮ ଘଣ୍ଟା ପ୍ଲାଣ୍ଟ ଚାଲେ ପ୍ରତିଦିନ ୨ରୁ ୩ କ୍ୱିଣ୍ଟାଲ ଯାଏଁ କେରିବ୍ୟାଗ ଉତ୍ପାଦନ ହୋଇପାରୁଛି। ବର୍ତ୍ତମାନ ଏହି ପ୍ଲାଣ୍ଟରେ ପାଉଚ ଠାରୁ ଆରମ୍ଭ କରି ୨୫ କେଜିଆ ବ୍ୟାଗ ଉତ୍ପାଦନ କରାଯାଉଛି। ଏହି ପ୍ଲାଣ୍ଟରେ ବର୍ତ୍ତମାନ ୧୦ରୁ ଅଧିକ ଲୋକ ରୋଜଗାର ପାଉଛନ୍ତି। ସେଥି ମଧ୍ୟରୁ ୫ ଜଣ ଯୁବତୀ କର୍ମଚାରୀ ରହିଛନ୍ତି। ଉଚ୍ଚଶିକ୍ଷା ଲାଭପରେ ମଧ୍ୟ ଚାକିରି ପଛରେ ନଗୋଡ଼େଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ସ୍ୱାବଲମ୍ବୀ କରୁଛନ୍ତି ଏହି ପ୍ରେରଣା ଅନ୍ୟ ବେକାର ଯୁବକ ଯୁବତୀଙ୍କୁ ପ୍ରେରଣା ଯୋଗାଇବ ଏବଂ ପ୍ଲାଷ୍ଟିକ ମୁକ୍ତ ହୋଇଥିବାରୁ ବିଭିନ୍ନ ସରକାରୀ ଅନୁଷ୍ଠାନ ଗୁଡିକରେ ବ୍ୟବହାର ପାଇଁ ପ୍ରେରିତ କରିବା ସହ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରିଛନ୍ତି।

# ଡମ୍ ସମାଜର ସ୍ୱତନ୍ତ୍ର ଦିଆଲି ପରବ ପାଳିତ



ଲକ୍ଷ୍ମୀପୁର,୨୨।୧୦(ସମିସ): କୋରାପୁଟ ଜିଲ୍ଲା ହେଉଛି ଡମ୍ ସମାଜ ଦ୍ୱିତୀୟ ସଂଖ୍ୟା ଗରିଷ୍ଠତା ଜିଲ୍ଲା। ବର୍ଷକୁ ଥରେ କାର୍ତ୍ତିକ ମାସ ଅମାବାସ୍ୟାରେ ଦିଆଲି ପରବ ସ୍ୱତନ୍ତ୍ର ଭାବେ ପାଳନ କରାଯାଉଥିବା ଦେଖିବାକୁ ମିଳୁଛି। ଉକ୍ତ ପରବ ପାଳନ ପାଇଁ କିଛି ନିୟମାବଳୀ ରହିଛି। ସେହି ନିୟମ ଅନୁସାରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇ ଥାଏ। ଏକ କୁଳ ପଞ୍ଚାୟତ ଡାକି ଗାଁ ଦିୱାଲି ପରବ ପାଳନ ହେବ କି ନାହିଁ ସେ ବିଷୟରେ ଆଲୋଚନା ହୋଇଥାଏ। କାରଣ କୌଣସି ଅଶୁଦ୍ଧ କାମ ଗାଁରେ ହୋଇଥିଲେ ପାଳନ ପାଇଁ ବାରଣ କରାଯାଇଥାଏ। ଯଦି ସବୁ କୁଶଳ ଥାଏ, ତେବେ ଅନୁମତି ବୈଠକ ଜରିଆରେ ପ୍ରଦାନ କରାଯାଇ ଥାଏ। ଦିଆଲିର ଏକ ସପ୍ତାହ ପୂର୍ବରୁ ବାଲିଫୁଲ ପକାଇବାକୁ ଗାଁରେ ବୁଲି ବୁଲି ଲୋକଙ୍କୁ ଅବଗତ କରାଯାଏ। ଉକ୍ତ ଦିନ ଠାରୁ ଆରମ୍ଭ ହୁଏ ଦିଆଲ୍ ପରବର ନିୟମ ନୀତି। ସାଧାରଣରେ ଯେଉଁ ଦିୱାଲି ପାଳନ ହୁଏ, ତାର ଗୋଟିଏ ଦିନ ପରେ ଡମ୍ ସମାଜର ପରବ ପାଳନ ହୁଏ। ସେ ଦିନ ସେମାନେ ନୂଆ ବସ୍ତ୍ର ରେ ହଳଦୀ ଟୀକା ଓ ଅର୍ଣ୍ଣ ପ୍ରସାଦ କରି ପରିବାରର ଯେଉଁ ମାନେ ସ୍ୱର୍ଗବାସ ହୋଇଛନ୍ତି ସେମାନଙ୍କ ନାମରେ ଦିଆ ଯାଇ ଥାଏ। ସେହି ଦିନ ରାତିରେ ପୁଣି ପରିବାରର ଝିଅ ବହୁ ଓ ପୁରୁଷ ଏବଂ ବନ୍ଧୁବାନ୍ଧବ ନାମରେ ମଧ୍ୟ ଅନ୍ନପ୍ରସାଦ କ୍ଷୀରି, ପିଠା,ପଣା କରି ପୂର୍ବ ପୁରୁଷଙ୍କ ନାମରେ ଦିଆ ଯାଏ ଏବଂ ଏସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିୟମକୁ ଅବଲମ୍ବନ କରାଯାଏ। ଏସବୁ ପରେ ତା ପର ଦିନ ଗାଁ ଏକ କୁଳପଞ୍ଚାୟତ ହୁଏ ଏବଂ ଗାଁରେ ଥିବା ବଡ଼ବା ନାଏକ, ଧାଙ୍ଗଡ଼ା ମାଝୀ ମାନଙ୍କୁ ଖଟରେ ବସାଇ ହଳଦୀ ପାଣିରେ ଗାଧୋଇ କାନରେ ବାଲିଫୁଲ ପିନ୍ଧାଇ ସାହି ପରିକ୍ରମା କରା ଯାଏ। ଏଥିରେ ଗାଁର ଝିଅ, ଭଉଣୀ, ମା,ମାଉସୀ ସମସ୍ତେ ସାମିଲ ହୋଇଥାନ୍ତି। ଏଥି ପାଇଁ ଅନେକ ନିୟମ ରହିଛି ସବୁ ପାଳନ କରାଯାଇ ଥାଏ। ଚଳିତ ବର୍ଷ ମଧ୍ୟ ଲକ୍ଷ୍ମୀପୁର, ବୁର୍ଜା, ଡଲିଆମ୍ବା, ବିରିଗୁଡା, କାକିରିଗୁମା, କେଲାର, ଚମ୍ପି, ସିଙ୍ଗାରାମ, ଖାଲକଣା, କୁଟିଙ୍ଗା ଇତ୍ୟାଦି ସବୁ ଗାଁରେ ସୋମ, ମଙ୍ଗଳ ଓ ବୁଧବାର ଦିନ ଦିଆଲି ପରବ ଧୁମ୍‌ଧାମରେ ପାଳନ କରିଥିବା ଦେଖିବାକୁ ମିଳିଛି। ବୁଧବାର ଦିନ ସବୁ ଗାଁ ଉତ୍ସବ ମୁଖର ପାଲଟି ଥିଲା। ତେଣୁ ଡମ୍ ମାନଙ୍କର ଦିଆଲ୍ ପରବକୁ ସତନ୍ତ୍ର ଭାବେ ପାଳନ କରୁ ଥିବା ଦେଖିବାକୁ ମିଳିଥାଏ।

# ୨୫ବର୍ଷ ହେଲା ସେବାରେ ଖାତିଗୁଡା ପୂଜା କମିଟି

ତେନ୍ତୁଳିଖୁଣ୍ଟି ,୨୨।୧୦(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଠାରେ ପୂଜା ପାଇଛନ୍ତି ମା'ଶ୍ୟାମାକାଳୀ। ସୋମବାର ଦିନ ମା'ଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜାର୍ଚ୍ଚନା ପାଇଁ ଇନ୍ଦ୍ରାବତୀ ନଦୀଘାଟ ଠାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ କଳସ ଯାତ୍ରା ମାଧ୍ୟମରେ ଜଳ ସଂଗ୍ରହ କରାଯାଇଥିଲା। ଅର୍ଦ୍ଧରାତ୍ରିରୁ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମା'ଙ୍କ ପୂଜାର୍ଚ୍ଚନାରେ ସକ୍ରିୟ ସହଯୋଗ କରି ଦୀର୍ଘ ୨୫ ବର୍ଷ ଧରି ମଦନମୋହନ ମା'ଙ୍କ ଆଶିଷ ଲାଭ କରୁଛନ୍ତି । ଖାତିଗୁଡା ଗ୍ରାମର ଛବିଳ ଦଳେଇ ଓ ତାଙ୍କ ଧର୍ମ ପତ୍ନୀ ନମିତା ଦଳେଇ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର କର ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ଚଣ୍ଡି ପାଠରେ ଖାତିଗୁଡା ଗ୍ରାମ ପ୍ରକମ୍ପିତ ହୋଇଥିଲା। ଖାତିଗୁଡା ଗ୍ରାମରେ ମା ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଚଳିତ ବର୍ଷ ୨୫ବର୍ଷ ପୂର୍ତ୍ତି ହେଉଥିବା ମଦନ ମହନ ପ୍ରକାଶ କରିଛନ୍ତି।। ସୋମବାର ଓ ମଙ୍ଗଳବାର ମାଙ୍କ ଦର୍ଶନ ପାଇଁ ମଣ୍ଡପରେ



ଶତାଧିକ ଭକ୍ତଙ୍କ ଗହଳି ଜମିଥିଲା। ବୁଧବାର ଭକ୍ତଙ୍କ ପାଇଁ ଅନ୍ନ ଯଜ୍ଞ ଆୟୋଜନ କରିଥିଲେ ମା'ଶ୍ୟାମା କାଳୀ ପୂଜା କମିଟି। ମା ଶ୍ୟାମାକାଳୀ ପୂଜାପୀଠରେ ଆଖପାଖ ଅଞ୍ଚଳ ସହ ଦୂରଦୂରାନ୍ତରୁ ଭକ୍ତଙ୍କ ମା'ଙ୍କ ଦର୍ଶନ ସହ ପ୍ରସାଦ ସେବନରେ ନିଜକୁ ସାମିଲ କରିଥିଲେ। ଆସନ୍ତା ଶୁକ୍ରବାର ଦିନ ମା'ଙ୍କ ଭସାଣି ଯାତ୍ରା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ସମ୍ପାଦକୀୟ



ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ।

-ଜର୍ଜ ୱାଶିଂଟନ୍

ସକାଳ
THE SAKALA

## ଜନତା ଜାଗିଲେଣି

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବୋଚ୍ଚ କ୍ଷମତା ଅଧିକାରୀ ଜନଗଣ। ସେମାନେ ବହୁମତରେ ନେତା ବା ଦଳକୁ ଚୟନ କରିଥା'ନ୍ତି କିଏ ଶାସନ କ୍ଷମତାରେ ରହିବ। ନିର୍ଦ୍ଧାରିତ ମିଆଦ ଶେଷରେ ସେମାନଙ୍କୁ ପୁନର୍ବାର ସୁଯୋଗ ମିଳିଥାଏ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ। ଏସବୁ ସତ୍ତ୍ୱେ କ୍ଷମତାସୀନ ସରକାରର ମିଆଦ ନ ପୁରିଥିଲେ ମଧ୍ୟ ସେମାନଙ୍କ ଆଶା ଓ ଆକାଂକ୍ଷା ଅନୁରୂପ ନହେଲେ ବିକ୍ଷୋଭ ଓ ବିଦ୍ରୋହ ଜନ୍ମ ନିଏ। ତେଣିକି ତାହା 'ଜେନ-ଜେଡ' ହେଉ ବା 'ନୋ କିଙ୍ଗସ୍'। ଏହି ବିଦ୍ରୋହ କ୍ଷମତାର ଅପରିଣାମଦର୍ଶିତାକୁ ପଦାରେ ପକାଇଥାଏ। ଆମେରିକାରେ ଟ୍ରମ୍ପ ପ୍ରଶାସନର କ୍ଷମତାସର୍ବସ୍ୱ ନୀତି, ଗଣମାଧ୍ୟମର ନିରପେକ୍ଷ ହନନ, ପ୍ରବାସୀ ବିରୋଧୀ ପଦକ୍ଷେପ ଓ ସରକାରୀ କାର୍ଯ୍ୟରେ ବିଭ୍ରାଟ ବିରୋଧରେ ପରିଲକ୍ଷିତ ପ୍ରତିବାଦ ଓ ବିକ୍ଷୋଭ ସମଗ୍ର ବିଶ୍ୱ ଜନସମୁଦାୟକୁ ଚମକାଇ ଦେଇଛି। ଦେଶର ୨୭ଟି ସହରରେ ୭୦ ଲକ୍ଷ ନାଗରିକଙ୍କ 'ନୋ କିଙ୍ଗସ' ବିକ୍ଷୋଭ କିଛି କମ କଥା ନୁହେଁ।

ଆମେରିକାର ରାଷ୍ଟ୍ରପତି-ପ୍ରଧାନ ଶାସନ ବ୍ୟବସ୍ଥାରେ ଟ୍ରମ୍ପ ଅଖଣ୍ଡ କ୍ଷମତାର ଅଧିକାରୀ। ଶାସନତାନ୍ତ୍ରିକ କଟକଣା ସତ୍ତ୍ୱେ ରାଷ୍ଟ୍ରପତି ତାଙ୍କର ପ୍ରଭୁତ୍ୱ ଜାହିର କରିପାରିବେ। ପ୍ରଚଳିତ ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଟ୍ରମ୍ପ ତୃତୀୟବାର ରାଷ୍ଟ୍ରପତି ହୋଇପାରିବେନି। ଏହି ୪ ବର୍ଷ ତାଙ୍କ କ୍ଷମତାର ଶେଷ ପର୍ଯ୍ୟାୟ। ତେଣୁ ରିପବ୍ଲିକାନ ପାର୍ଟିର ନେତା ରୂପେ ସେ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ସକାଶେ ସମସ୍ତ କଳବଳ ପ୍ରୟୋଗ କରିଚାଲିଛନ୍ତି। ଏମିତିରେ ଦେଖିବାକୁ ଗଲେ ସମଗ୍ର ବିଶ୍ୱରେ ଆମେରିକା ସର୍ବଶକ୍ତିମାନ ଏବଂ କ୍ରମାଗତ ଭାବେ ନିଜର ପ୍ରାଧାନ୍ୟ ଓ କର୍ତ୍ତୃତ୍ୱ ଅନ୍ୟମାନଙ୍କ ଉପରେ ଜାହିର କରିଚାଲିଛି। ତାହାର ନୀତିନିର୍ଦ୍ଧାରକ ଓ ନିୟାମକ ହେଲେ ଖୋଦ ରାଷ୍ଟ୍ରପତି। ତେଣୁ ଏକ୍ଷେତ୍ରରେ ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଭିନ୍ନ ବାଦ ଓ ବିବାଦରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାର ଦକ୍ଷତା ଥିବା ଜଣେ ବ୍ୟକ୍ତିତ୍ୱ ଆମେରିକାର ରାଷ୍ଟ୍ରପତି ହେବା ଉଚିତ। ପରିସ୍ଥିତି ଏପରି ହୋଇଛି ଯେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଅହଂକାର ଯୋଗୁଁ କେବଳ ଆମେରିକା ବଦନାମ ହୋଇନି, ବିଶ୍ୱର ବାଣିଜ୍ୟ ବ୍ୟବସ୍ଥା ଓ ବଜାର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ନିଜ ଦେଶର ଆଭ୍ୟନ୍ତରୀଣ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ସେ କ୍ଷମତା ଜାହିର କରିବା ସକାଶେ ଗଣତାନ୍ତ୍ରିକ ବ୍ୟବସ୍ଥାର ମୌଳିକ ଅଧିକାରକୁ ମଧ୍ୟ ଖର୍ବ କରିଚାଲିଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଆମେରିକାରେ ସର୍ବକାଳୀନ ସୁଦୀର୍ଘ ସଟଡାଉନ ଲାଗୁହୋଇଛି ଟ୍ରମ୍ପଙ୍କ ଶାସନ କାଳରେ। ଏହା ତାଙ୍କର ଅପରିପକ୍ୱତା ଓ ଅଦୂରଦୃଷ୍ଟିତାର ପରିଚାୟକ। ଏତେ ବଡ଼ ବିକ୍ଷୋଭ ସତ୍ତ୍ୱେ ସେ ଚିନ୍ତିତ ନୁହନ୍ତି। କାରଣ ୪ ବର୍ଷର କ୍ଷମତା ସଂକୁଚିତ ହୋଇଯିବାର ନାହିଁ। ପ୍ରତିବାଦ ଓ ବିକ୍ଷୋଭକାରୀଙ୍କୁ ପରିସ୍ଥିତିର ଗୁରୁତ୍ୱ ଦର୍ଶାଇ ଆଶ୍ୱାସନା ଦେବା ପରିବର୍ତ୍ତେ ସେ ଯେଭଳି ନିଜର ଅହଂକାର ପ୍ରଦର୍ଶନ କରି ସାମାଜିକ ଗଣମାଧ୍ୟମରେ ଉର୍ତ୍ସନା କରିବା ସହ ଏଆଇ ପ୍ରସ୍ତୁତ ଭିଡିଓ ମାଧ୍ୟମରେ ଆପତ୍ତିଜନକ ମନୋଭାବ ଦର୍ଶାଇଛନ୍ତି ତାହା ସମସ୍ତ ସୌଜନ୍ୟକୁ ଅତିକ୍ରମ କରିଛି।

ଏହି ତଥ୍ୟ ଉପସ୍ଥାପନ କଲାବେଳେ ଆମକୁ କହିବାକୁ ପଡୁଛି ଯେ ଏସିଆ ମହାଦେଶରେ ଏକାଧିକ ରାଷ୍ଟ୍ରରେ କ୍ଷମତା ବିରୋଧୀ ଜେନ-ଜେଡ ଆନ୍ଦୋଳନକୁ ଆମେରିକାର ଏହି ବିକ୍ଷୋଭ ବଳ ଯୋଗାଇଛି। କ୍ଷମତାସର୍ବସ୍ୱ ରାଜନୀତି ପରିସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଯେଉଁ ଦମନ ନୀତି ପ୍ରୟୋଗ କରୁଛି ତାହାର ଭୟଙ୍କର ପ୍ରତିକୂଳ ପରିସ୍ଥିତି ପ୍ରତି ଏବହୁଁ ସତର୍କ ହେବା ଉଚିତ। ଶ୍ରେଷ୍ଠ ଶାସନତନ୍ତ୍ର ଗଣତନ୍ତ୍ର ହୋଇଥିବା ବେଳେ ତାହା ପ୍ରତି କ୍ରମେ ଭରସା ତୁଟି ଯାଉଥିବା ପରିଦୃଷ୍ଟ ହେଉଛି।

## କଳିମଞ୍ଜି ସୀମାରେଖା

ପାକିସ୍ତାନର ଆଭ୍ୟନ୍ତରୀଣ ସ୍ଥିତି ଦିନକୁଦିନ ଅଶାନ୍ତ ହୋଇ ପଡୁଥିବା ବେଳେ ଆଫଗାନିସ୍ତାନରେ ଇସଲାମାବାଦର ସାମରିକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଏଠାରେ ମନେ ରଖିବାକୁ ହେବ ଯେ ବିଶ୍ୱର ବୃହତ ଶକ୍ତି ସୋଭିଏତ ରୁଷ ଓ ଆମେରିକା ବିରୋଧରେ ଶେଷପର୍ଯ୍ୟନ୍ତ ନିର୍ଣ୍ଣାୟକ ଲଢ଼େଇ କରି ଯେଉଁ ତାଲିବାନୀ ଆନ୍ଦୋଳନ ଆଫଗାନିସ୍ତାନରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବାକୁ ସମର୍ଥ ହୋଇଛି ସେ ଯେ ପାକିସ୍ତାନକୁ ବରଦାସ୍ତ କରିବ ଏକଥା ନୁହେଁ। ତେଣୁ ତୁରନ୍ତ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଇସଲାମାବାଦ ନେତୃତ୍ୱର ଆତୁରତା ଏହି ଅସ୍ଥାୟୀ ଶାନ୍ତି ଚୁକ୍ତିର ପଥ ପରିଷ୍କାର କରିଛି। ଅସଲରେ ଡୁରାଣ୍ଡ ଲାଇନ୍ ଆନ୍ତର୍ଜାତିକ ସୀମାରେଖାକୁ ନେଇ ଦୁଇରାଷ୍ଟ୍ର ମଧ୍ୟରେ ତୀବ୍ର ମତଭେଦ ରହିଛି। ଆଫଗାନିସ୍ତାନର ବିରୋଧ ଓ ପାକିସ୍ତାନର ସମର୍ଥନକୁ କେନ୍ଦ୍ରକରି ଯେଉଁ ଆତଙ୍କବଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି ତାହାର ପୃଷ୍ଠଭାଗରେ ଅଛି କାବୁଲର ନିରବ ସମର୍ଥନ। ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)ର ସକ୍ରିୟତାକୁ ନିୟନ୍ତ୍ରଣ କରିବାରେ ପାକ୍ ସେନାର ଅସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏମାନଙ୍କ ପଛକୁ ରହିଛି ବିଏଲ୍‌ଓ ଓ ଫିତନା ଅଲ୍ ଖ୍ୱାରିଜ୍‌ର ଧମକପୂର୍ଣ୍ଣ କାର୍ଯ୍ୟକଳାପ। ଏକଥା ସତ ଯେ ଡୁରାଣ୍ଡ ଲାଇନ୍ ବିବାଦ ସଂଶୋଧନ ଏତେ ସହଜ ନୁହେଁ। କାରଣ ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ଏହି ବିବାଦର କଳିମଞ୍ଜିକୁ ନେଇ କେହି ସାଲିସ କରିବା ଅବସ୍ଥାରେ ନାହାନ୍ତି।

ନବେ ଦଶକର ଆରମ୍ଭରୁ ଆମେରିକାର ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ସହାୟତାରେ ପାକିସ୍ତାନରେ ତାଲିମପ୍ରାପ୍ତ ମୁଜାହିଦ୍ଦିନ ଓ ତାଲିବାନ ଗୋଷ୍ଠୀ ସମ୍ପ୍ରତି ଆଫଗାନିସ୍ତାନରେ ଶାସନଭାର ଗ୍ରହଣ କରିଥିବାରୁ ଏବେ ମଧ୍ୟ ଇସାଲାମାବାଦ ବିଶ୍ୱାସ କରେ କାବୁଲ ତାଙ୍କ ଅନୁଗତ କିଲ୍ଲା। ଏକ ଲଢୁଆ ଜାତି ନିଜର ଆତ୍ମସମ୍ମାନ ଓ ସାର୍ବଭୌମତାର ସୁରକ୍ଷା ସକାଶେ କିଛି ବି କରିପାରେ ଏକଥା ବୁଝିବାକୁ ପାକିସ୍ତାନକୁ ନିଶ୍ଚୟ ସମୟ ଲାଗିବ। ଏଥିମଧ୍ୟରେ ଆଫ୍‌ଗାନିସ୍ତନାର ତାଲିବାନ୍ ସରକାର ଇରାନ, ଚୀନ ଓ ଭାରତ ସହ ସୁସଂପର୍କ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଛି। ଚବାହାର ବନ୍ଦର ମଧ୍ୟରେ ବାଣିଜ୍ୟିକ ସଂପର୍କ ସୁଦୃଢ଼ କରିବାକୁ ଆଗେଇ ଆସିଛି ଆଫଗାନିସ୍ତାନ। କ୍ରମେ ତାହାର ପାକିସ୍ତାନ ଉପରେ ନିର୍ଭରଶୀଳତା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଆଫ୍‌ଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ଓ ଭୂ-ରାଜନୈତିକ ସଂପର୍କରେ ପରିଲକ୍ଷିତ ଉନ୍ନତି ପାକିସ୍ତାନ ପାଇଁ ଅସହ୍ୟ ହୋଇପଡ଼ିଛି। କତାର, ସାଉଦୀଆରବ ଓ ତୁର୍କୀର ମଧ୍ୟସ୍ଥତାରେ ଯେଉଁ ଅସ୍ଥାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ତାହାର ଭବିଷ୍ୟତ ଯେ ଅନିଶ୍ଚିତ ଦୁଇଦେଶର ତୁଙ୍ଗ ନେତାଙ୍କ ବୟାନବାଜିରୁ ସ୍ପଷ୍ଟ ବାରି ହୋଇପଡୁଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଟ୍ରମ୍ପଙ୍କ ଇଙ୍ଗିତରେ ଶାନ୍ତି ରାଜିନାମାର ସମସ୍ତ ପ୍ରୟାସ ଗୋଟିକ ପରେ ଗୋଟିଏ ଭୁଶୁଡ଼ି ପଡୁଥିବାବେଳେ ଦୋହା ଚୁକ୍ତିର ପରିଣାମ ଯେ ଅନିଶ୍ଚିତ ଏହା ଏକ ପ୍ରକାର ଥୟ।

ଆଫଗାନିସ୍ତାନ ସରକାରର ଗୃହମନ୍ତ୍ରୀ କଡ଼ା ଚେତାବନୀ ଶୁଣାଇ କହିଛନ୍ତି ଯେ ଯଦି ପାକ୍ ସେନାକୁ ଧର୍ମୀୟ ଫତୱା ଦ୍ୱାରା ଆକ୍ରମଣ ଘୋଷଣା କରାଯିବ ତେବେ ବିଶ୍ୱର କୌଣସି ଶକ୍ତି ସେମାନଙ୍କୁ ରକ୍ଷା କରି ପାରିବନି। ଏଠାରେ ମନେ ରଖିବାକୁ ହେବ ଯେ ପରମାଣୁ ଶକ୍ତିର ପତିଆରା ଜାହିର କରି ଇସଲାମିକ୍ ରାଷ୍ଟ୍ରଙ୍କ ସମର୍ଥନ ଓ ସହଯୋଗ ହାସଲ ସକାଶେ ପାକ୍ ନେତୃତ୍ୱ ପକ୍ଷରୁ ହେଉଥିବା ଉଦ୍ୟମରୁ ସେଭଳି ସୁଫଳ ମିଳିବାର ସମ୍ଭାବନା ଊଣା। ସମୟର ଆବଶ୍ୟକତା ଦୃଷ୍ଟିରୁ ବନ୍ଧୁତାର ହାତ ବଢ଼ାଇଥିବା ବୃହତ୍ ଶକ୍ତି କେତେବେଳେ ହାତଛଡ଼ା କରିଦେବେ ସେଥିପ୍ରତି ଏବହୁଁ ସତର୍କ ରହିବା ଉଚିତ୍।

## ବିପଦ ଓ ବିପଥରେ ଦ୍ୱିତୀୟ ଈଶ୍ୱର

**ଡକ୍ଟର ମାନସ ରଞ୍ଜନ ଶତପଥୀ**

ମାନବ ସେବା ହିଁ ମାଧବ ସେବା। ଏହି ବ୍ରତୀ ହେବାକୁ ଡାକ୍ତରମାନଙ୍କୁ 'ହିପୋକ୍ରାଟିକ ଶପଥ' କରାଇ ଡାକ୍ତରଖାନାରେ ଜନସେବା ପାଇଁ ଭାରତୀୟ ଭେଷଜ ପରିଷଦ ଅନୁମତି ପ୍ରଦାନ କରିଥାଏ। ବିପଦ ସମୟରେ ଜୀବନ ରକ୍ଷା କରି ଡାକ୍ତର 'ଦ୍ୱିତୀୟ ଭଗବାନ' ଆଖ୍ୟା ପାଇଛନ୍ତି। କିନ୍ତୁ ଏହି ଭଗବାନ ଆଜି କର୍ମକ୍ଷେତ୍ରରେ ବିପଦସଙ୍କୁଳ ଓ ଅସୁରକ୍ଷିତ। ୧୪୪ କୋଟି ଭାରତୀୟଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଓ ଡାକ୍ତର କମ ଥିବା ବେଳେ ରୋଗୀଙ୍କ ଅତ୍ୟଧିକ ଆଶା ଡାକ୍ତରଙ୍କ ନିମନ୍ତେ ଅସୁବିଧା ସୃଷ୍ଟି କରୁଛି। ପ୍ରତ୍ୟହ ନୂତନ ରୋଗର ଆବିର୍ଭାବ ଚିକିତ୍ସା କ୍ଷେତ୍ରକୁ ଜଟିଳ କରୁଥିବା ବେଳେ ଏହାର ନିୟନ୍ତ୍ରଣ ଡାକ୍ତର, ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରି ଚାଲୁଛି। ଆଧୁନିକ ମନୁଷ୍ୟ ନିଜର ଜୀବନଶୈଳୀ ବିକୃତ କରିବାରେ ବ୍ୟସ୍ତ ରହିବା ଯୋଗୁଁ ଡାକ୍ତରଖାନାର ମଧ୍ୟ ପ୍ରାଧାନ୍ୟ ବଢ଼ିଚାଲିଛି। ଏହାର ସୁଯୋଗ ନେଇ ସ୍ୱାସ୍ଥ୍ୟ କ୍ଷେତ୍ର ଉଦ୍ୟୋଗ ମାନ୍ୟତା ପାଇଛି। ସରକାରୀ ହାସପାତାଳ ଗୁରୁତ୍ୱ ହ୍ରାସ ଘଟି ବେସରକାରୀ ଉଦ୍ୟୋଗୀଙ୍କ ସ୍ଥାପିତ ଚିକିତ୍ସାଳୟ ବିରାଟ ଆକାରରେ ମୁଣ୍ଡ ଟେକିବାରେ ଲାଗିଛି।

କୌଣସି ବ୍ୟବସ୍ଥାର ବ୍ୟବସାୟକରଣ ହେଲେ ଯେପରି ପ୍ରତିଯୋଗିତା ଓ ଅଣସମ୍ବେଦନତା ଦେଖାଯିବା କଥା ତାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିଦୃଶ୍ୟ ହେଉଛି। ଅନୁରୂପ ବ୍ୟବସ୍ଥାରେ ଅଧୁନା ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପାଇଁ ଆର୍ଥିକ ସ୍ୱଚ୍ଛଳତା କିମ୍ବା ପ୍ରଭାବଶାଳୀ ହେବା ନିହାତି ଆବଶ୍ୟକ ହୋଇପଡ଼ିଛି। ସାମ୍ପ୍ରତିକ ଚିକିତ୍ସାରେ ମାନବ ସେବା ପାଇଁ ଦଲାଲ ନିଯୁକ୍ତି ବଢ଼ି ଚାଲିଛି। କର୍ପୋରେଟ ଡାକ୍ତରଖାନାମାନଙ୍କରେ ବ୍ୟବସାୟ ବୃଦ୍ଧି ଦୃଷ୍ଟିରୁ ଆଶ୍ଚର୍ଯ୍ୟଜନକ ଭାବେ 'ମାର୍କେଟିଙ୍ଗ ଏଜେଣ୍ଟ'(ବ୍ୟବସାୟ ପ୍ରତିନିଧି) ନିଯୁକ୍ତ ଥିବା ବେଳେ ସରକାରୀ ଡାକ୍ତରଖାନାରେ କୁଜି ଦଲାଲ ଡାକ୍ତରୀ ଚିକିତ୍ସାକୁ ନିନ୍ଦିତ କରୁଛି। ବିଭିନ୍ନ ସମୟରେ ସରକାରୀ ଡାକ୍ତରଖାନାମାନଙ୍କରେ ଦଲାଲରାଜ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ। ମଲିମୁଣ୍ଡିଆ ସାଧାରଣ ଜନତାଙ୍କ ବ୍ୟତୀତ କୌଣସି ଭି.ଆଇ.ପି. କିମ୍ବା ସେମାନଙ୍କ ଜ୍ଞାତି ସରକାରୀ ଡାକ୍ତରଖାନା ଚିକିତ୍ସା ନିମନ୍ତେ ବିମୁଖପ୍ରାୟ। ସରକାରୀ ସ୍ୱାସ୍ଥ୍ୟ କାର୍ଡ ଅଥବା ସାଧାରଣ ଲୋକେ ନିଜ ପକେଟରୁ ସୁରକ୍ଷା ନିମନ୍ତେ ସ୍ୱାସ୍ଥ୍ୟ ବୀମା କରୁଥିବାରୁ ସବୁ ବର୍ଗର ଲୋକ ପ୍ରାୟ ଉତ୍ତମ ଚିକିତ୍ସା ଉଦ୍ଦେଶ୍ୟରେ କର୍ପୋରେଟ ହାସପାତାଳକୁ ପ୍ରଥମେ ପସନ୍ଦ କରନ୍ତି। ମୋଟାମୋଟି ଭାବେ ସରକାରୀ ଡାକ୍ତରଖାନା ଆଜି ଧନିକ ଶ୍ରେଣୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଓ ଅବହେଳିତ କହିଲେ ଅତ୍ୟୁକ୍ତି ହେବ ନାହିଁ।

ପରିବର୍ତ୍ତିତ ପରିସ୍ଥିତିରେ ସରକାରୀ ଡାକ୍ତରଖାନା ଚିତ୍ର ଆଜି ଭିନ୍ନ। ଏଠାରେ ସଫାସୁତୁରା ପରିବେଶ, ଚକଚକ ଚଟାଣ, ସମସ୍ତ ୱାର୍ଡ ଶୀତତାପ ନିୟନ୍ତ୍ରିତ ହେବା ସହିତ ମାଗଣା ଔଷଧ ଓ ରୋଗ ନିରୂପଣ ଯନ୍ତ୍ରପାତି ସୁବିଧା ଉପଲବ୍ଧ। ଆବଶ୍ୟକତା ଅନୁଯାୟୀ ଡାକ୍ତର ଅଭାବକୁ ଅସ୍ୱୀକାର କରା ଯାଇ ନ ପାରେ। ସମସ୍ତ ଡାକ୍ତର ଯେ ଉଚ୍ଚାଭିଳାଷୀ କହିବା ଠିକ ହେବ ନାହିଁ। କିନ୍ତୁ ସରକାରଙ୍କ ସୁନ୍ଦର ବେତନପ୍ରାପ୍ତ ଅଧିକାଂଶ ଡାକ୍ତରଙ୍କ ବ୍ୟବସାୟିକ ମନୋଭାବ ଆଜି ସେମାନଙ୍କୁ ଆଲୋଚନାର ଶରବ୍ୟ କରିଛି। ସମସ୍ତ ସୁବିଧା ସରକାର ଯୋଗାଇଥିଲେ ମଧ୍ୟ ସଲାସୁତୁରା ମାଧ୍ୟମରେ ଚିକିତ୍ସାଳୟରୁ ନ୍ୟସ୍ତସ୍ୱାର୍ଥ ଦୃଷ୍ଟିରୁ ବାହାର ପରୀକ୍ଷାଗାରକୁ ପଠାଇ ରୋଗୀକୁ ଅଯଥା ଖର୍ଚ୍ଚାନ୍ତ କରାଇ ଦଲାଲ ପୋଷଣ ନୀତି ଆଜି ସମସ୍ତଙ୍କୁ ଅଛପା ନାହିଁ। ବିଭିନ୍ନ ଔଷଧ କମ୍ପାନୀ ପ୍ରତିନିଧିମାନେ ବିଶେଷ ଭାବେ ରୋଗୀଙ୍କ ଚିକିତ୍ସାକୁ ଗୁଣାତ୍ମକ ଓ ଅର୍ଥନୈତିକ ଭାବେ ପ୍ରଭାବିତ କରୁଥିବା ଯୋଗୁଁ ସରକାରୀ ହାସପାତାଳରେ ସେମାନଙ୍କ ପ୍ରବେଶ ବାରଣ କରାଯାଇଛି। ବ୍ୟବସାୟଖୋର ମନୋବୃତ୍ତି ଯୋଗୁଁ ଶସ୍ତା ଔଷଧ ଉପଲବ୍ଧ ଥିବା ବେଳେ ଅତ୍ୟଧିକ ଦାମୀ ଔଷଧ ଲେଖିବା କେହି କେହି ଚିକିତ୍ସକ ବେଶୀ ପସନ୍ଦ କରନ୍ତି, ଯାହା ରୋଗୀଙ୍କ ପାଇଁ ଏକ ବିଡ଼ମ୍ବନା। ଅତ୍ୟନ୍ତ ଅବହେଳା ପ୍ରଦର୍ଶନ ହେତୁ ଚିକିତ୍ସାରେ ଲିପ୍ତ ଥିବା ଭଗବାନଙ୍କ ଉପରେ ଥିବା ଅତୁଟ ଭରସା ଲୋପ ପାଇବାରେ ଲାଗିଛି।

ମଦର ଟେରେସାଙ୍କ ୧୯୭୯ ମସିହା ନୋବେଲ ଶାନ୍ତି ପୁରସ୍କାର ପରେ ପ୍ରକୃତ ନିଷ୍ପାପର ଜନସେବା କ'ଣ ଲୋକଲୋଚନକୁ ଆସିଥିଲା। ତେଣୁ ବେସରକାରୀ ସଂସ୍ଥାରେ ମିଳୁଥିବା ଚିକିତ୍ସାକୁ ସେବା ଆଖ୍ୟା ଦେଲେ ହୁଏତ ଏହାର ସଂଜ୍ଞା ବଦଳି ଯାଇପାରେ। 'ସେବା' ସାଧାରଣ ଭାବେ ସ୍ୱତଃପ୍ରବୃତ୍ତ ଏବଂ ନିଶୁଳ୍କ ହେବା ଉଚିତ, ଯାହା ଆଜି ମଧ୍ୟ ସରକାର କିମ୍ବା କୌଣସି ଦାତବ୍ୟ ଚିକିତ୍ସାଳୟ ଦ୍ୱାରା ସମ୍ଭବ ହୋଇଥାଏ। ସରକାରୀ ସଂସ୍ଥାରେ ନିଯୁକ୍ତିପ୍ରାପ୍ତ କିଛି ଚିକିତ୍ସକ କାମଚଳା ଚିକିତ୍ସା କରି ରୋଗୀଙ୍କୁ କ୍ଲିନିକ ମୁହାଁ କରିବା ଯୋଗୁଁ ରୋଗୀ କିମ୍ବା ସମ୍ପର୍କୀୟଙ୍କ ଅସନ୍ତୋଷ ବୃଦ୍ଧି ପାଏ। ଅପରପକ୍ଷେ ସରକାରୀ ଡାକ୍ତରଙ୍କ ସଂଖ୍ୟା ଜନସଂଖ୍ୟା ଅନୁପାତରେ ନଗଣ୍ୟ ହେବା ସହିତ ଜନତାଙ୍କର ଡାକ୍ତରଙ୍କଠାରୁ ଅତ୍ୟଧିକ ଆଶା ଅଧିକାଂଶ ସ୍ଥଳେ ଅସନ୍ତୋଷ ଓ ହିଂସା ଭିଆଇଥାଏ। ଏପରି ଅବସ୍ଥାରେ ଯଦି କୌଣସି ବଳବାନ ବା ପ୍ରଭାବଶାଳୀ ରୋଗୀ ଡାକ୍ତରଙ୍କ ଅସହଯୋଗ ଯୋଗୁଁ କ୍ଷତି ଭୋଗେ, ତାହାର ସିଧା ପ୍ରଭାବ ଡାକ୍ତର ଆକ୍ରମଣ ମାଧ୍ୟମରେ ଭୋଗିଥା'ନ୍ତି। ଆଜିକାଲି ଚିକିତ୍ସା ଅବହେଳା ଯୋଗୁଁ ରୋଗୀର ମୃତ୍ୟୁ ଘଟିବା ଖବର ବରାବର ମିଳୁଥିବା ବେଳେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମାଡ଼ ଘଟଣା ଥମୁନାହିଁ। ଯଦିଓ ଆଇନରେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷା ଯୋଗାଇବା ଓ ବର୍ବରତା ପ୍ରଦର୍ଶନ ସ୍ଥଳେ ଦଣ୍ଡ ବ୍ୟବସ୍ଥା ରହିଛି, କିନ୍ତୁ ଉତ୍ତ୍ୟକ୍ତ ଓ ଉଦ୍ଧତ ଜନତା ଏସବୁକୁ ଭ୍ରୂକ୍ଷେପ ନକରି ନିସ୍ତୁକ ପିଟୁଥିବା ଦେଖାଯାଏ। ସାଧାରଣ ଜନତାଙ୍କ ଏତାଦୃଶ ଆଚରଣ ଯୋଗୁଁ କୌଣସି ଡାକ୍ତର ରିସ୍କ ନନେଇ ଭୁବନେଶ୍ୱର କିମ୍ବା କଟକ ଡାକ୍ତରଖାନାକୁ ରେଫର କରିବା ନିରାପଦ ମଣନ୍ତି। କର୍ପୋରେଟ କ୍ଷେତ୍ରରେ 'ବାଉଁସର' ନିଯୁକ୍ତ ହୋଇ ଡାକ୍ତରଙ୍କୁ ରୋଗୀଙ୍କ ରୋଷରୁ ରକ୍ଷା କରନ୍ତି, ଯାହା ସରକାରୀ କ୍ଷେତ୍ରରେ ଦୃଶ୍ୟ ହୁଏ ନାହିଁ।

ଓଡ଼ିଶାରେ ଥିବା ସରକାରୀ ମେଡିକାଲ କଲେଜରେ ପାଠ ପଢ଼ିଥିବା ପ୍ରତ୍ୟେକ ଡାକ୍ତରଙ୍କ ପାଇଁ ସରକାର ରିହାତିଯୁକ୍ତ ଶିକ୍ଷା ପ୍ରଦାନ କରୁଥିବା ବେଳେ ବେସରକାରୀମାନଙ୍କୁ ସରକାର ରିହାତି ମୂଲ୍ୟରେ ଜମି ଯୋଗାଇଛନ୍ତି। ଅତଏବ ସମସ୍ତ ଉଦୀୟମାନ ଡାକ୍ତରଙ୍କର ସରକାର ଓ ଓଡ଼ିଆ ଲୋକଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ବିଡ଼ମ୍ବନା ଯେ ଏହି ଡାକ୍ତରମାନେ ପାଠ ପଢ଼ି ସାରିବା ପରବର୍ତ୍ତୀ ସରକାରୀ ଚିକିତ୍ସା ସେବାକୁ କୁଠାରଘାତ କରି ଭୁବନେଶ୍ୱର କିମ୍ବା କଟକରେ ଭଲ ବ୍ୟବସାୟ କରୁଥିବା କର୍ପୋରେଟ ଡାକ୍ତରଖାନାରେ ନିୟୋଜିତ ହେବାକୁ ଅଧିକାଂଶ ପ୍ରାଧାନ୍ୟ ଦିଅନ୍ତି। ଅନୁରୂପ ଭାବେ 'ଆପେ ବଞ୍ଚିଲେ ବାପାର ନାଁ' ନ୍ୟାୟରେ ସମସ୍ତ ସ୍ୱାସ୍ଥ୍ୟ କ୍ଷେତ୍ର ଆଜି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ସାଧନରେ ବ୍ୟସ୍ତ। ପ୍ରତିଯୋଗିତାମୂଳକ ସମାଜରେ କେବଳ ରୋଗୀ ଆଜି ଆକ୍ରାନ୍ତ ଓ ହନ୍ତସନ୍ତ।

ଡାକ୍ତରଙ୍କ ଚିକିତ୍ସା ପ୍ରଣାଳୀ ଓ ସେବା ଅନ୍ୟ ଯେକୌଣସି ବୃତ୍ତିଠାରୁ ସ୍ୱତନ୍ତ୍ର। ସେମାନେ ଜୀବନ ରକ୍ଷାକାରୀ ହେତୁ ସମାଜରେ ଅଗ୍ରପୂଜ୍ୟ। ପୁରୁଣା ଦିନର ସେଭଳି ଯଦି କିଛି ଡାକ୍ତରଙ୍କୁ ସ୍ମରଣ କରାଯାଏ ତେବେ ଆଜି ମଧ୍ୟ ଡାକ୍ତର ତେଜେଶ୍ୱର ରାଓ, ଡାକ୍ତର ଟିଂଗା ରାଜୁ, ଡାକ୍ତର ଜେ. ପି. ଦାସ, ଡାକ୍ତର ରଘୁ ସାହୁ, ଡାକ୍ତର ଚଣ୍ଡୀ ଦାସ, ଇତ୍ୟାଦି ଲୋକମାନସରେ ସେମାନଙ୍କ ସେବା ମନୋଭାବ, ମହନୀୟତା ଯୋଗୁଁ ଜୀବିତ ଅଛନ୍ତି। ଆଜି ମଧ୍ୟ ସେଭଳି ଅନେକ ଡାକ୍ତର କଟକ ବଡ଼ ମେଡିକାଲଠାରୁ ଆରମ୍ଭ କରି ପୁରପଲ୍ଲୀରେ ଥିବା ଚିକିତ୍ସା କେନ୍ଦ୍ରରେ ଭଗବାନ ସ୍ୱରୂପ କାର୍ଯ୍ୟରତ। ବାପା, ଅଜାଙ୍କଠାରୁ ଶୁଣିବାକୁ ମିଳେ, ପୁରୁଣା ଡାକ୍ତରମାନେ ମାଗଣାରେ ଚିକିତ୍ସା କରୁଥିଲେ ଏବଂ କୌଣସି ପରୀକ୍ଷା ନିରୀକ୍ଷା ନକରି ମଧ୍ୟ ଅତି କମ ଔଷଧରେ ରୋଗ ନିରାକରଣ ଶକ୍ତିଧାରୀ ଥିଲେ। କିନ୍ତୁ ଅଧୁନା ଚିତ୍ର ଓଲଟା। ଭଗବାନଙ୍କ ଦର୍ଶନ ଫିସ୍, ବିଭିନ୍ନ ବାଂଛିତ ଓ ଅବାଂଛିତ ପରୀକ୍ଷା ସହିତ ଦାମୀ ଔଷଧ କିଣିବା ବେଳକୁ ରୋଗୀ ନାକେଦମ ହୋଇ ପଡ଼ିଥାଏ।

କହିବା ବାହୁଲ୍ୟ ଯେ ସାଧାରଣ ସମାଜରେ ମନୁଷ୍ୟ ମାନସିକତାରେ ଦ୍ରୁତ ଅବକ୍ଷୟ ପରିଲକ୍ଷିତ ହେଉଥିବା ବେଳେ 'ଦ୍ୱିତୀୟ ଭଗବାନ' ମଧ୍ୟ ଏପରି ସ୍ଖଳନରୁ ବାଦ ପଡ଼ି ନାହାନ୍ତି। ଭଗବାନ ତାଙ୍କର ପ୍ରତିନିଧି ସ୍ୱରୂପ ଡାକ୍ତରମାନଙ୍କୁ ଜନସମାଜର ମଙ୍ଗଳ ନିମନ୍ତେ ମର୍ତ୍ତ୍ୟଲୋକକୁ ପଠାଇବା କାରଣ ରୋଗବ୍ୟାଧି ବଢ଼ିଲେ ତାଙ୍କର ସୃଷ୍ଟିରେ ଅସନ୍ତୁଳନ, ବ୍ୟତିକ୍ରମ ଓ ବାଧାବିଘ୍ନ ସୃଷ୍ଟି ହେବା ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ଭଗବାନଙ୍କ ଚଳନ୍ତି ସ୍ୱରୂପ ପଥଭ୍ରଷ୍ଟ ଓ ଲକ୍ଷ୍ୟଭ୍ରଷ୍ଟ ହେଲେ ବୋଧେ ଈଶ୍ୱରଙ୍କ ସୃଷ୍ଟିର ଲକ୍ଷ୍ୟ ସାଧନ ହେବା ଅସମ୍ଭବ ହୋଇଉଠିବ। ତଥାପି ଚିକିତ୍ସା କଲାବେଳେ ଏବେ ମଧ୍ୟ ଡାକ୍ତରମାନଙ୍କୁ ଭଗବାନ ମାନିବାକୁ ସମସ୍ତେ ବାଧ୍ୟ। କାରଣ ସେମାନଙ୍କ ବିକଳ୍ପ ନାହିଁ। ତେଣୁ ଡାକ୍ତରମାନଙ୍କୁ ସମ୍ମାନ ଦେଇ ଉତ୍ତମ ପରିବେଶ ଜନତା ଯୋଗାଇଦେଲେ ନିଶ୍ଚୟ ନିରନ୍ତର ଓ ଗୁଣାତ୍ମକ ଚିକିତ୍ସା ଉପଲବ୍ଧ ହୋଇପାରିବ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ)
ନୟାଗଡ଼, ମୋ: ୯୪୩୭୪୭୯୦୪୫

## ଉଚ୍ଚାରଣ ନୁହେଁ, ଆଚରଣ ଜରୁରୀ

**କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ**

ପ୍ରଥିତଯଶା କର୍ମଯୋଗୀ ବରିଷ୍ଠ ବ୍ୟକ୍ତିତ୍ୱମାନେ କନିଷ୍ଠମାନଙ୍କ ପ୍ରକୃତ ଶିକ୍ଷା ବିକାଶ କରନ୍ତି। ତାଙ୍କ ସ୍ୱଚ୍ଛ ସ୍ୱାଭିମାନ ଉଚ୍ଚାରଣ ଓ ଆଚରଣର ସମନ୍ୱୟ ହିଁ ପ୍ରେରଣାପ୍ରଦ ହୋଇଥାଏ, ଯାହାଦ୍ୱାରା କନିଷ୍ଠମାନଙ୍କ ଚିନ୍ତାର ଗୁଣାତ୍ମକ ବିସ୍ତାରିତ ହୁଏ। ଉଦାହରଣ ସ୍ୱରୂପ, ଅଳସୁଆ କେବେ ଆତ୍ମନିର୍ଭରଶୀଳ ହୋଇପାରେ ନାହିଁ - ଏହା କହିବା ସହଜ; ମାତ୍ର ଉଦାହରଣ ସୃଷ୍ଟି କରିବା କଷ୍ଟକର। ବରିଷ୍ଠମାନେ ପରିଶ୍ରମକୁ ନିଜ ଜୀବନରେ ପ୍ରମାଣିତ କରିଥିଲେ ବା କରୁଥିଲେ ତାହା କନିଷ୍ଠମାନଙ୍କୁ ପ୍ରଭାବିତ କରିଥାଏ।

ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ, 'ମହତ ଜନର ଲାଗି ଅଙ୍ଗକାୟା, ପବିତ୍ର ହୁଅଇ କ୍ଷୁଦ୍ର ପ୍ରାଣୀ କାୟା / କ୍ଷଣମାତ୍ର ହେଲେ ସଜ୍ଜନ ସଙ୍ଗତି, ତୁଟେ ସିନା ସତେ ସଂସାର-ଦୁର୍ଗତି।' ଏହି ଦୃଷ୍ଟିରୁ ପାନ ଖାଉ ନଥିବା ବରିଷ୍ଠ ବ୍ୟକ୍ତି ପିଲାଙ୍କୁ ପାନ ଖାଅ ନାହିଁ କହିବା ବୃଥା ହୋଇ ନଥାଏ। ସରଳ ଜୀବନଚର୍ଯ୍ୟା ଏବଂ ଉଚ୍ଚ ଚିନ୍ତନର ଆଦର୍ଶ ମଣିଷ ଆଡ଼ମ୍ବରଶୂନ୍ୟ ପ୍ରଶସ୍ତ ମନର ପରପିଢ଼ି ସୃଷ୍ଟି କରିବା ଅସମ୍ଭବ ହୁଏ ନାହିଁ। କିନ୍ତୁ ଦୁର୍ନୀତିଯୁକ୍ତ ମଣିଷ ଦ୍ୱାରା କ'ଣ ଦୁର୍ନୀତିମୁକ୍ତ ସମାଜ ଗଢ଼ିବା ସମ୍ଭବ ହେବ? କେବେ ବି ନୁହେଁ। ଦୁର୍ନୀତିଯୁକ୍ତ ଅଧିକାରୀ ପ୍ରମୁଖ ଦୁର୍ନୀତିମୁକ୍ତ ସପ୍ତାହ ପାଳନ ବେଳେ ଲାଞ୍ଚ ନ ନେବାକୁ ଶପଥପାଠ କରାଇଲେ ଅଧସ୍ତନ କର୍ମଚାରୀମାନଙ୍କର ଏ ମନ୍ଦ ଅଭ୍ୟାସ କ'ଣ ବଦଳିବ? ସେମାନେ ତ ବରିଷ୍ଠଙ୍କ କଥାକୁ ନୁହେଁ, କାମକୁ ଅନୁସରଣ କରୁଛନ୍ତି! ସେହିପରି କ୍ରୋଧଯୁକ୍ତ ବ୍ୟକ୍ତି କ'ଣ କ୍ରୋଧହୀନ ହେବାକୁ ପରାମର୍ଶ ଦେଇ ବାସ୍ତବତା ସୃଷ୍ଟି କରିପାରିବ?

ଆମ ପାଖରେ ଯେଉଁ ଭଲ ଗୁଣ ନାହିଁ, ତା'କୁ ଉପଦେଶ ଦେଇ ଅନ୍ୟକୁ କହିଲେ କିଛି ଲାଭ ହୁଏ ନାହିଁ। କର୍କଶଭାଷୀ ମଣିଷ ସୌହାର୍ଦ୍ଦ୍ୟପୂର୍ଣ୍ଣ ମଧୁରଭାଷୀ ହେବାକୁ ପରାମର୍ଶ ଦେବ କିପରି? ନୀତିହୀନ ବ୍ୟକ୍ତି ପିଲାଙ୍କୁ ନୀତିବାନ୍ ହେବା ପାଇଁ ପରାମର୍ଶ ଦେବା ହାସ୍ୟାସ୍ପଦ ନୁହେଁ କି? ସଂଯମହୀନ ମଣିଷ ଅନ୍ୟକୁ ଆତ୍ମସଂଯମୀ ହେବା ପାଇଁ ଶିକ୍ଷାଦେବା ଫଳପ୍ରଦ ହେବ କି? ତେଣୁ ପିଲାଙ୍କ ମୌଳିକ ଅଭାବର ସହଭାଗିତା ଏବଂ ସେମାନଙ୍କ ସାମଗ୍ରିକ ବିକାଶର ଚିନ୍ତା କରୁଥିବା ବରିଷ୍ଠମାନେ ପ୍ରଥମେ ଆଦର୍ଶ ଉଦାହରଣ ହେବାକୁ ପଡ଼ିବ। ନିଜର ନିଆରା ସ୍ଥିତି ତିଆରିବାକୁ ହେବ।

ସର୍ବୋପରି ଅସତ୍ ଅନାଦର୍ଶ କର୍ମରେ ଲିପ୍ତ ରହିଥିବା ବ୍ୟକ୍ତି ସତ୍‌କର୍ମ ନ କରି ପ୍ରଶଂସକ ହୋଇ ଅନ୍ୟକୁ ସହଜରେ ଅନୁପ୍ରେରିତ କରିବ କିପରି? ତା'ର ପରାମର୍ଶ ଅନ୍ୟର ବ୍ୟକ୍ତିସତ୍ତାକୁ ଉଜ୍ଜ୍ୱଳ କରିବା ସମ୍ଭବ ହେବ ନାହିଁ। ନିଜ ସ୍ୱାଭିମାନର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରି ନ ଥିବା ବରିଷ୍ଠ ବ୍ୟକ୍ତି କନିଷ୍ଠମାନଙ୍କ ଆଦର୍ଶ ହେବ କିପରି? ଘରୋଇ ସ୍କୁଲରେ ଶିକ୍ଷକତା କରୁଥିବା କିମ୍ବା ନିଜ ପିଲାଙ୍କୁ ପାଠ ପାଉଥିବା ସରକାରୀ ଶିକ୍ଷକ ସ୍ୱଶିକ୍ଷାନୁଷ୍ଠାନର ସମୃଦ୍ଧି କରିବେ କିପରି? ଆଦୌ ସମ୍ଭବ ନୁହେଁ। ସେ କ'ଣ ସମାଜରେ ତାରକା ଶିକ୍ଷକ ରୂପେ ଗଣା ହେବେ? ବ୍ୟବସାୟୀକରଣ ଶିକ୍ଷାବ୍ୟବସ୍ଥା ବିରୋଧୀ ବିପ୍ଲବର ବହ୍ନି ଜାଳି ପାରିବେ କି? ସେହିପରି ଦୁର୍ନୀତିଗ୍ରସ୍ତ ଅଧିକାରୀ ଅବସର ପରେ ଆଧାତ୍ମିକ ନୀତିବାଣୀ କବିତା ଲେଖିବା 'ବଗର ପଞ୍ଝୁକ ପାଳିବା' ପରି ଘଟଣା ନୁହେଁ କି? ଶିଶୁମାନଙ୍କ ପାଇଁ କବିତା ଲେଖି ଉପଦେଶ ଦେଉଥିବା କବି ଓଲଟା ଆଦର୍ଶର ମଣିଷ ହୋଇ ଜଣାଶୁଣା ପାଠକ ପାଖରେ 'ନୀଳବର୍ଣ୍ଣ ଶୃଗାଳ' ରୂପେ ପରିଚିତ ହେବା ସାର ହେବ ହିଁ ହେବ। ଯେତେ ବରିଷ୍ଠ ବ୍ୟକ୍ତି ହେଲେ ବି ଆଦର୍ଶହୀନ ମଣିଷ ଅନ୍ୟର ଚେତନାକୁ ବସ୍ତାରିତ କରି ପ୍ରକୃତ ଶିକ୍ଷା ଦେବାକୁ ସକ୍ଷମ ହେବେ ନାହିଁ।

ଅଧୁନା କଳୁଷିତ ରାଜନୀତି ଦଳମାନଙ୍କ ମାଗଣା ସଭ୍ୟତା ସୃଷ୍ଟିରେ ବିଜୁଳିଠାରୁ ଖାଦ୍ୟଶସ୍ୟ, ରନ୍ଧନ ଗ୍ୟାସ, ସ୍କୁଟର, ମଙ୍ଗଳସୂତ୍ର, ମୋବାଇଲ, ମଦ ଇତ୍ୟାଦି ମାଗାଣାଦେବାକୁ ଇସ୍ତାହାରରେ ବା ବିଜ୍ଞାପନରେ ପ୍ରକାଶ ପାଉଥିବା ସମୟରେ ଯଦି ବରିଷ୍ଠମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ଜରାନିବାସ ଉଦ୍‌ଘାଟନ କରି ମାତା-ପିତା, ପ୍ରମାତା-ପ୍ରପିତାଙ୍କୁ ମାଗଣାରେ ରଖିବାରେ ପ୍ରତିଶ୍ରୁତି ଦେଇ ଅଧିକ ଭୋଟ ହାତେଇ ନେଇ ରାଜ୍ୟ ଶାସନ କରେ, ତେବେ ଭବିଷ୍ୟତରେ ବରିଷ୍ଠ ବ୍ୟକ୍ତିମାନଙ୍କର ଅବସ୍ଥା କ'ଣ ହେବ, କିଏ କହିବ?

ଏ ପରିସ୍ଥିତିରେ ପରିପକ୍ୱ ପ୍ରକୃତ ମଣିଷ ଜାତିର କୁଳପ୍ରଦୀପ ସାଜି ପରପିଢ଼ିର ଚେତନାକୁ ବିସ୍ତାରିତ କରି ପ୍ରକୃତ ଶିକ୍ଷା ପ୍ରଦାନ ପାଇଁ ଆଦର୍ଶ ଉଦାହରଣ ସାଜନ୍ତୁ ବରିଷ୍ଠ ବନ୍ଧୁବୃନ୍ଦ। ଶତ୍ରୁକୁ ଆଦର କରୁଥିବା ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭଲ ପାଉଥିବା ନିଷ୍କଳଙ୍କ ବ୍ୟକ୍ତି ସୃଷ୍ଟି କରନ୍ତୁ। ବିଶୁଦ୍ଧ ବରିଷ୍ଠ ବ୍ୟକ୍ତି ରୂପେ ଦୂରଦର୍ଶୀ, ବିବେକୀ, ବିଚାରବନ୍ତ ନୀତିବାନ୍ ମଣିଷ ଗଢ଼ନ୍ତୁ। ଏଥିରେ ସମାଜର ମଙ୍ଗଳ ହେବ। ଜୀବନ ଜଳିବାଟା ଅନ୍ତୁଡ଼ିରୁ ଆରମ୍ଭ ହୋଇ ମଶାଣିରେ ଶେଷ ହେବା ପୂର୍ବରୁ ସମୟୋଚିତ ମୂଲ୍ୟବୋଧ ଭିତ୍ତିକ ପ୍ରକୃତ ଶିକ୍ଷାର ଅଭାବ ବହୁଦର୍ଶୀ ବରେଣ୍ୟ ବରିଷ୍ଠମାନଙ୍କ ଦ୍ୱାରା ପୂରଣ ହୋଇ ପାରିବ।

(ସଂପାଦକ, 'ସ୍ୱଙ୍ଗପ୍ରଜ୍ଞା')
ଭଣ୍ଡାରିପୋଖରୀ(ଭଦ୍ରକ)
ମୋ: ୯୮୫୩୫୮୯୯୮୯

## ସନ୍ଦୀପନର ଦିବ୍ୟଶକ୍ତି: ସରଳା ଦେବୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ନିଷ୍କ୍ରିୟ, ନିଶ୍ଚେଷ୍ଟ, ପ୍ରସୁପ୍ତ ଅଚେତନ ମଣିଷ ସମାଜରେ ଚେତନାର ଅଗ୍ନିସ୍ଫୁଲିଙ୍ଗ ପ୍ରଜ୍ୱଳିତ କରିଦେବା ସକାଶେ ଅବର୍ଣ୍ଣନୀୟ ଶକ୍ତିମୟୀ ଦିବ୍ୟସତ୍ତାଙ୍କ ଧରାବତରଣ ଘଟିବା ଯେ ପୌରାଣିକ ବା କାଳ୍ପନିକ ନାଟକର ବିଷୟବସ୍ତୁ କେବଳ ନୁହେଁ- ଏହାର ପ୍ରୋଜ୍ୱଳ, ପ୍ରମାଣସିଦ୍ଧ ପବିତ୍ର ପ୍ରତୀକ ହେଉଛନ୍ତି ଉତ୍କଳ-ନନ୍ଦିନୀ ସରଳାଦେବୀ। ସାମ୍ପ୍ରତିକ ସ୍ଥାଣୁ, ଦୁର୍ବଳ, ଅଥର୍ବ, ସ୍ୱାର୍ଥସର୍ବସ୍ୱ ସମାଜ ସହଜରେ ବିଶ୍ୱାସ କରିପାରିବ ନାହିଁ ଯେ ସରଳା ଦେବୀଙ୍କ ପ୍ରତିଟି ମୁହୂର୍ତ୍ତ ଥିଲା କିପରି ସଂଘର୍ଷମୟ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ତ୍ୟାଗ କରିଥିଲେ ସମସ୍ତ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ। କାରାବରଣ କରିଥିଲେ ନିର୍ଭୟ ଚିତ୍ତରେ। ବିଶେଷତଃ ନାରୀସମାଜ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାର ଉତ୍ତପ୍ତ ଭାବ-ବୀଜ ବୁଣିଦେବାରେ ସେ ଯେଉଁ ଆନ୍ତରିକତା ଓ ଗଭୀର ନିଷ୍ଠା ପ୍ରଦର୍ଶନ କରିଦେଲେ ତାହା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷ ପାଇଁ ଥିଲା କ୍ରାନ୍ତିକାରୀ। ସେ କେବଳ ପ୍ରେରଣାଦାତ୍ରୀ ନଥିଲେ। ଥିଲେ ବାସ୍ତବିକ ଅର୍ଥରେ ପ୍ରେରଣା-ଧାତ୍ରୀ।

ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ସ୍ରଷ୍ଟାମାନଙ୍କ ସମ୍ମିଳିତ ପ୍ରଚେଷ୍ଟାରେ 'ବାସନ୍ତୀ' ଉପନ୍ୟାସ ରଚନା ସମ୍ପର୍କରେ ସମସ୍ତେ ଜାଣନ୍ତି। ସେଇ ସ୍ରଷ୍ଟାମାନଙ୍କ ମଧ୍ୟରେ ତାଙ୍କର ଯୋଗଦାନ ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। 'ବାସନ୍ତୀ' ଚରିତ୍ର ଚିତ୍ରଣ ବେଳେ ସେ ଭରି ଦେଇଛନ୍ତି ସେଥିରେ ସେହି ନାରୀ ସ୍ୱାଧୀନତାର ଅଭିମନ୍ତ୍ରିତ ବାକ୍ୟାବଳୀ। ଏପରି ମମତାମୟୀ ଓ ଶକ୍ତିମୟୀ ଚେତନା-ଚାଳିତ ଲେଖନୀ କି ଅନନ୍ୟ ରୀତିରେ ଉଦବୁଦ୍ଧ କରିଦେଇପାରେ ନାରୀ ଓ ପୁରୁଷ ସମାଜକୁ ତାହା ଯଦି ପୁଣିଥରେ ଅନୁଭବ କରିବା ପାଇଁ ଆଜିର ସମାଜରେ ନୂତନ ଆକାଂକ୍ଷା ଜାଗ୍ରତ ହୋଇଉଠନ୍ତା, ସରଳା ଦେବୀଙ୍କ ପୁନଃ ଆବିର୍ଭାବରେ ଆଲୋକିତ ହୋଇଯା'ନ୍ତା ଭୟାକ୍ରାନ୍ତ, ଅତ୍ୟାଚାର ନିପୀଡ଼ିତ ନାରୀ-ଚିତ୍ତରେ ଜମାଟ ବାନ୍ଧିଥିବା ଯୁଗ ଯୁଗର ଅନ୍ଧକାର। ପୁରୁଷ ଚରିତ୍ର ମଧ୍ୟ ପରିଷ୍କୃତ ହୋଇଉଠନ୍ତା ତାଙ୍କ ଶବ୍ଦ-ସ୍ପର୍ଶରେ।

'ଉତ୍କଳୀୟ ନାରୀ ସମସ୍ୟା', 'ନାରୀର ଦାବି', 'ଭାରତୀୟ ମହିଳା ପ୍ରସଙ୍ଗ', 'ବୀର ରମଣୀ', 'ବିଶ୍ୱବିପ୍ଳବିଣୀ' ପ୍ରଭୃତି ପୁସ୍ତକରେ ନିଜର ସ୍ୱାଧୀନ ଚିନ୍ତନ ଓ ମହାନ ନାରୀନେତ୍ରୀଙ୍କ ଉଦାହରଣ ସେ ଯେପରି ପ୍ରାଣବନ୍ତ ଭାଷାରେ ପ୍ରକାଶ କରିବାକୁ ଲାଗିଲେ, ତାହା ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ। ଯେଉଁ ପୁରୁଷପ୍ରଧାନ ସମାଜରେ ନାରୀର ସ୍ୱପ୍ନ, ସଦିଚ୍ଛା, ସ୍ୱାତନ୍ତ୍ର୍ୟ, ସ୍ୱାଭିମାନ ଭୂଲୁଣ୍ଠିତ ହୁଏ ଭୟଙ୍କର ଭାବରେ, ସେହି ସମାଜର କଠୋର ଓ ନିର୍ମମ ପୁରୁଷ ପ୍ରତି ଉଚ୍ଚାରଣ କରିଛନ୍ତି ସେ ଅଗ୍ନିବର୍ଷୀ ବାଣୀ। ତାଙ୍କ ଦ୍ୱାରା ରଚିତ ଲକ୍ଷ୍ମୀବାଈ, ପାନ୍ନାଦେବୀ, କୃଷ୍ଣକୁମାରୀ ପ୍ରମୁଖଙ୍କ ଉପରେ ରଚିତ ଲେଖା ଦିନେ ଉଚ୍ଚଇଂରାଜୀ ସ୍କୁଲରେ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର ପ୍ରତିଭାଶାଳୀ ନାରୀମାନେ ସୁପ୍ରତିଷ୍ଠିତ ହୁଅନ୍ତୁ, ଏହି ଉଚ୍ଚାଭିଳାଷ ସେ ପାଠକ ପାଠିକାଙ୍କ ମଧ୍ୟରେ ଭରିଦେବାକୁ ଚାହିଁଛନ୍ତି। ସୋଭିଏତ ରୁଷିଆରେ ଜାର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ସୋଫିଆ ବାର୍ଦ୍ଦିନାଙ୍କ ଜୀବନୀ ଉପରେ ଆଲୋକପାତ କରିବା ବେଳେ ବାଙ୍କୀରାଣୀ ଶୁକଦେଇଙ୍କ ସାହସିକତାକୁ ସେ ବିସ୍ମରି ଯାଆନ୍ତେ କିପରି? ଓଡ଼ିଶାରେ ବାମାବାଦୀ ଚେତନାର ସେ ହିଁ ପ୍ରବର୍ତ୍ତିକା।

ଆଶ୍ଚର୍ଯ୍ୟ ଲାଗେ ଯେ, ଏପରି ସମୁଚ୍ଚ ଚେତନାର ନାରୀ ପ୍ରତିଭା ଆମ ସାହିତ୍ୟଜଗତରେ ସମୁଜ୍ଜ୍ୱଳ ନକ୍ଷତ୍ର ପରି ତେଜସ୍କ୍ରିୟ କିରଣ ବିକିରଣ କରୁଥିବା ବେଳେ ପାଶ୍ଚାତ୍ୟ ବାମାବାଦୀ ସାହିତ୍ୟ ତତ୍ତ୍ୱଭିତ୍ତିରେ ନାରୀକବି/ଲେଖିକାଙ୍କ ମୂଲ୍ୟାୟନ କରାଯାଏ ସାହିତ୍ୟ ସମୀକ୍ଷକମାନଙ୍କ ଦ୍ୱାରା। ସାହିତ୍ୟ ଛାତ୍ର/ଛାତ୍ରୀମାନଙ୍କ ଉପରେ ଲଦି ଦିଆଯାଏ ପାଶ୍ଚାତ୍ୟ ତତ୍ତ୍ୱ ଅଧ୍ୟୟନ। ନାରୀ ଓ ପୁରୁଷର ବୈବାହିକ ଜୀବନ ଯେ ପାରସ୍ପରିକ ସଦଭାବନା, ବୁଝାମଣା, ପରସ୍ପର ପାଇଁ କଷ୍ଟବରଣ, ସହଯୋଗ ଓ ସଦିଚ୍ଛା ବଳରେ ହୁଏ ରମଣୀୟ ଏହାକୁ ସେ ଯେପରି ଉପଲବ୍ଧି କରିପାରିଛନ୍ତି, ତାହା ପଶ୍ଚିମ ଦେଶଗୁଡ଼ିକରେ କେତେଦୂର ସମ୍ଭବ ହୋଇଛି? ଆମେ ପାଶ୍ଚାତ୍ୟ ନାରୀବାଦୀ ତତ୍ତ୍ୱ ଆଧାରରେ ସାହିତ୍ୟର ମୂଲ୍ୟାୟନ ନକରି ୟୁରୋପୀୟ ଦେଶରେ ଯେଉଁଦିନ ସରଳା ଦେବୀଙ୍କ ସରଳ ତତ୍ତ୍ୱ ହେବ ଅଧ୍ୟୟନ ଓ ଅନୁଶୀଳନର ବିଷୟ, ସେଇଦିନ ପ୍ରକୃତ ନାରୀବାଦ ଚିନ୍ତନରେ ଆସିବ ଆଧୁନିକତା ଓ ପରିପକ୍ୱତା। ସେପରି ପ୍ରେରଣା-ପ୍ରଦୀପ୍ତ ସମୟର ଆବାହକ ହୋଇପାରିବା କେବେ ଆମେ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଉଠିଯିବ ଓପିଆରବି
# ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ପ୍ରତିଷ୍ଠା ହେବ ସ୍ଥାୟୀ ଆୟୋଗ

ଭୁବନେଶ୍ୱର,୨୨।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ନିଯୁକ୍ତି ପରୀକ୍ଷା ପରିଚାଳନା କରିବାରେ ବ୍ୟାପକ ତ୍ରୁଟି ଲୋକଲୋଚନକୁ ଆସିଥିଲା। ପରୀକ୍ଷା ପରିଚାଳନା କରୁଥିବା ଓପିଆରବି ଟେଣ୍ଡର ଦେବା ପରେ ହାତବାନ୍ଧି ବସିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଥିଲା। ଏପରିକି ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଏକ ତୃତୀୟ ପକ୍ଷ କମ୍ପାନୀ ପଞ୍ଚସଫ୍ଟକୁ ମଧ୍ୟ ସବ୍-କଣ୍ଟ୍ରାକ୍ଟ ଦବୋ ସମ୍ପର୍କରେ ଓପିଆର୍‌ବି ଜାଣି ପାରି ନ ଥିଲା। ଓପିଆର୍‌ବିର ଚରମ ବିଫଳତା ପଦାରେ ପଡ଼ିବା ପରେ ପୁଲିସ ସମେତ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ମଧ୍ୟ ଦିଆଯାଇଛି।

ସ୍ଥାୟୀ ଆୟୋଗ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଚାର କରୁଥିବା କହିବା ପରେ ଓପିଆର୍‌ବି ଉଚ୍ଛେଦ ଏକ ପ୍ରକାର ନିଶ୍ଚିତ ହୋଇଛି। ନୂତନ ଭାବେ ଗଠନ ହେବାକୁ ଥିବା ଆୟୋଗ ପୁଲିସ୍ ସମେତ ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କ ପାଇଁ ନିଯୁକ୍ତି ପରୀକ୍ଷା ପରିଚାଳନା କରିବ। ଅର୍ଥାତ୍ ଅବକାରୀ ବିଭାଗ, ଅଗ୍ନିଶମ ବିଭାଗ, ଟ୍ରାଫିକ୍, ଜେଲ୍ ବିଭାଗ ସମେତ ଜଙ୍ଗଲ ବିଭାଗରେ ନିଯୁକ୍ତ ହେଉଥିବା ଫରେଷ୍ଟର ଫରେଷ୍ଟଗାର୍ଡଙ୍କ ନିଯୁକ୍ତି ଏହି ସଂସ୍ଥା କରିବ। ଏହାସହ ଆଇଆର୍‌ବି, ଓଏସ୍ଓପି, ଏସ୍ଏସ୍‌ବି, ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି) ଆଦି ପଦରେ ନିଯୁକ୍ତି ପାଇଁ ଏହି ନୂତନ ସଂସ୍ଥାକୁ ଦାୟିତ୍ୱ ମିଳିବା ନେଇ ଆଶା କରାଯାଉଛି। ହେଲେ କେବେ ସୁଦ୍ଧା ଏହି ନୂତନ ଆୟୋଗ ଗଠନ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନି। ଅପରପକ୍ଷରେ ବିବାଦୀୟ ହୋଇ ପଡ଼ିଥିବା ପୁଲିସ୍ ଏସ୍ଆଇ ପରୀକ୍ଷା କିଏ ପରିଚାଳନା କରିବ ସେ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୈତିକ ଷଡ଼ଯନ୍ତ୍ର...

ରାଜ୍ୟରେ ଶାସନ ବ୍ୟବସ୍ଥା ଭୟଙ୍କର ସ୍ଥିତି ଦେଇ ଗତିକରୁଛି। ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ। ଗଣଦୁଷ୍କର୍ମ ଓ ଦୁଷ୍କର୍ମ ରେକଡର୍‌ରେ ଓଡ଼ିଶା ଜାତୀୟ ସ୍ତରରେ କୁଖ୍ୟାତି ଅର୍ଜିଛି। ଏପରିକି ଆମେରିକା ପ୍ରଶାସନ ଓଡ଼ିଶାକୁ ଏକାକୀ ନ ଆସିବାକୁ ନିଜ ଦେଶର ମହିଳା ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛି। ଶାସନ ବ୍ୟବସ୍ଥାରେ ଶୃଙ୍ଖଳା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ଓ ବୋର୍ଡର୍‌ରେ ଦଳୀୟ ନେତାଙ୍କ ଥଇଥାନ ବିଳମ୍ବକୁ ନେଇ ଦଳୀୟ କନ୍ଦଳ ଭୟଙ୍କର ରୂପ ଧାରଣ କରିଛି। ବିକାଶମୂଳକ କାର୍ଯ୍ୟ ପୁରାପୁରି ବନ୍ଦ ହୋଇଯାଇଛି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ, ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ସରକାର ଓ ଶାସକ ଦଳ ଅଡ଼ୁଆରେ ପଡ଼ିଛନ୍ତି। ଯାହାକୁ ନେଇ ସାଧାରଣରେ ଶାସକ ବିଜେପି ବିରୋଧରେ ରୋଷ ସୃଷ୍ଟି ହୋଇଛି। ଏହି ସମୟରେ ବ୍ୟବସ୍ଥାଗତ ଅପାରଗତାକୁ ଢ଼ାଙ୍କିବା ପାଇଁ ଶାସକ ଦଳ ପାଖରେ ଆଉ କିଛି ବାଟ ନାହିଁ। ତେଣୁ ପୁଲିସ କାନ୍ଧରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି।

ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ସରକାର ଅଡ଼ୁଆରେ ପଡ଼ିଥିବା ସମୟରେ ଏଥିରୁ ନଜର ହଟାଇବା ପାଇଁ ଭୁବନେଶ୍ୱରରେ ଜଣେ ପ୍ରଭାବଶାଳୀ କର୍ପୋରେଟରଙ୍କୁ ଗିରଫ କରି ହଟଚମଟ କରାଯିବାକୁ ଉଦ୍ୟମ କରାଗଲା। ରଥଯାତ୍ରା ବିଭ୍ରାଟ ଓ ଦଳାଚକଟାରେ ଦୁଇଜଣଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ସମୟରେ ବିଏମ୍‌ସିରେ ଜଣେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼ ଘଟଣା ରଥଯାତ୍ରା ପ୍ରସଙ୍ଗକୁ ଗୌଣ କରିବାକୁ ଉଦ୍ୟମ କରାଗଲା। ଓଟିଇଟି କେଲେଙ୍କାରୀ ଓ ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାକୁ ନେଇ ସାରା ରାଜ୍ୟ କମ୍ପିଲା, ଏହି ଘଟଣାରେ ଏଯାଏ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ସରକାରଙ୍କ ବିଶ୍ୱସନୀୟତାକୁ ନେଇ ଯେତେବେଳେ ପ୍ରଶ୍ନବାଚୀ ସୃଷ୍ଟି ହେଲା, ସେହି ସମୟରେ କଟକରେ ଭସାଣୀ ସମୟରେ ସାମ୍ପ୍ରଦାୟିକ ବିଦ୍ୱେଷ ଘଟଣା ଦିଗକୁ ଗଣମାଧ୍ୟମର ଦିଗ ମୋଡ଼ି ଦିଆଗଲା। ଏବେ ନୂଆପଡ଼ା ଉପନିର୍ବାଚନ ସମୟରେ ପୁଣିଥରେ ବନ୍ଧୁକ ରଖି ବିରୋଧୀଙ୍କୁ ନିଶାଣ କରିଛି ଶାସକ ବିଜେପି। ପୀତବାସ ପଣ୍ଡା ହତ୍ୟା ଘଟଣାରେ ସଂପୃକ୍ତ ଥିବା ଦର୍ଶାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଲିସ ଗିରଫ କରିଛି।

ଘଟଣାର ନିରପେକ୍ଷ ତଦନ୍ତ ପରିବର୍ତ୍ତେ ତରବରିଆ ଭାବରେ ରାତି ଅଧରେ ବିକ୍ରମଙ୍କୁ ଘରୁ ଉଠାଇ ନେଇ ସକାଳୁ ତାଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ କୋର୍ଟ ଚାଲାଣ କରିଛି। ଗିରଫଦାରୀ ସମ୍ପର୍କରେ ସୂଚନା ଦେବା ସମୟରେ ବ୍ରହ୍ମପୁର ଏସ୍‌ପିଙ୍କ ଶାରୀରିକ ଭାଷା ପୀତବାସ ହତ୍ୟା ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତି କେବଳ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ପ୍ରମାଣିତ କରିଛି।

### ନିଶାଣରେ ବିଜେଡି...

ଗିରଫ କରାଗଲା। ଏହାପରେ ପରେ କେନ୍ଦୁଝରର ଅନ୍ୟ ଜଣେ ଯୁବ ନେତା ରାଜା ଚକ୍ର ସରକାରଙ୍କ ନିଶାଣ ହେଲେ; ତାଙ୍କ ପରିବହନ ସଂସ୍ଥାରେ ଚଢ଼ଉ କରାଯିବା ସହ ତାଙ୍କୁ ଗିରଫ କରାଗଲା। ସେହିପରି ଦଳର ଅନ୍ୟଜଣେ ଯୁବ ନେତା ତଥା ଭୁବନେଶ୍ୱର ମହାନଗର ନିଗମର ପ୍ରଭାବଶାଳୀ କର୍ପୋରେଟର ଅମରେଶ ଜେନାଙ୍କୁ ଏକ ମାମଲାରେ ଗିରଫ କରି ଜେଲ ପଠାଇ ଦିଆଗଲା। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ବ୍ୟବସାୟିକ ବିବାଦକୁ ନେଇ ବିଜେଡିର ଜଣେ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଗିରଫ କରାଗଲା ଓ ସେ ଏବେ ବି ଜେଲ୍‌ରେ ଅଛନ୍ତି। ଅନୁରୂପ ଭାବରେ ବିଜେଡିର ଅନ୍ୟଜଣେ ନେତା ସୁବ୍ରତ ଛାଟୋଇ ମଧ୍ୟ ଆକ୍ରୋଶର ଶିକାର ହେଲେ। ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଅଭିଯୋଗରେ ଧରା ପଡ଼ିଥିବା ଛାତ୍ରମାନେ ଅନେକ କୋଚିଂ ସେଣ୍ଟରରେ ତାଲିମ ନେଇଥିଲେ ହେଁ କେବଳ ବିଜେଡି ସହ ସମ୍ପୃକ୍ତ ଥିବା ଯୋଗୁଁ ସୁବ୍ରତଙ୍କ କୋଚିଂ ସେଣ୍ଟରରେ ଚଢ଼ଉ କରାଗଲା। ଏହା ପରେ ଏବେ ବିଜେଡିର ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଳି ପଡ଼ି। ରାଜନୈତିକ ଆକ୍ରୋଶ ଯୋଗୁଁ ତାଙ୍କୁ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଯୋଡ଼ି ଗିରଫ କରାଯାଇଥିବା ଅଭିଯୋଗ ହୋଇଛି।

### କେରଳ ହେଲିପ୍ୟାଡ୍‌ରେ...

ଭୂମିକୁ ଛୁଇଁବା ପରେ ଚକ କଂକ୍ରିଟ୍‌ଭିତରେ ଫସି ରହିଥିଲା। ସେଠାର ଉପସ୍ଥିତ ପୁଲିସ ଓ ଅଗ୍ନିସମ କର୍ମଚାରୀମାନେ ଭାରତ ବାୟୁସେନାର ଏହି ଏମ୍ଆଇ-୧୭ ହେଲିକପ୍ଟରକୁ ଧକ୍କା ଦେଇ ଗାତରୁ ବାହର କରିଥିଲେ। ପାଗ ଖରାପ ଥିବାରୁ ଠିକ୍ ରୂପେ ହେଲିପ୍ୟାଡ ତିଆରି ହୋଇପାରି ନଥିଲା ବୋଲି କୁହାଯାଉଛି। ଏହି ଘଟଣା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ଯାଇ ସବରିମାଲା ମନ୍ଦିର ଦର୍ଶନ କରିଥିଲେ। ସେ ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଭଗବାନ ଆୟପ୍ପାଙ୍କ ଦର୍ଶନ କରିଥିଲେ।। ପୂର୍ବରୁ ୧୯୭୦ରେ ଭିଭି ଗିରି ଏହି ମନ୍ଦିର ଆସି ଆୟପ୍ପାଙ୍କ ଦର୍ଶନ କରିଥିଲେ।

### ବେଙ୍ଗାଲୁରୁରେ ଲିଭ୍-ଇନ୍...

ବୋଲି ପ୍ରାଥମିକ ଦଦନ୍ତରୁ ଜଣାପଡ଼ିଛି। ଝଗଡ଼ା ପରେ ରାକେଶ ଆତ୍ମହତ୍ୟା କରିଥିଲେ ଓ ପରେ ସୀମା ମଧ୍ୟ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି ଘଟଣାର ତଦନ୍ତ କରିବା ସହ ପୁଲିସ ଏକ ମାମଲା ରୁଜୁ କରିଛି ଓ ଦୁଇଜଣଙ୍କ ମୃତଦେହାକୁ ବ୍ୟବଚ୍ଛେଦ ପାଇଁ ପଠାଇଦିଆଯାଇଛି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ତଦନ୍ତ କରିବ...

ଆଇଟିଆଇ ଲିମିଟେଡ୍ ପରୀକ୍ଷା କରିବା ପାଇଁ ଟେଣ୍ଡର ପାଇଥିବା ବେଳେ ଏହି ସଂସ୍ଥା ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ପରୀକ୍ଷା ପରିଚାଳନା ପାଇଁ ଠିକା ଦେବା, ପୁଣି ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି କାମ ପାଇଁ ପଞ୍ଚସଫ୍ଟକୁ ସବ୍‌ଲେଟ୍ ଦେବା ଆଦି ପ୍ରସଙ୍ଗ ସାଧାରଣରେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। କାରଣ ବ୍ୟବସ୍ଥା ଅନୁଯାୟୀ ଆଇଟିଆଇ ଲିମିଟେଡ୍ ଠାରୁ ମାତ୍ର ଗୋଟିଏ ସଂସ୍ଥା ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ନେଇପାରିବ। ହେଲେ ଏହା ୩ ଟି ସଂସ୍ଥାରେ ପହଞ୍ଚିଥିବାରୁ ଟେଣ୍ଡର ସର୍ତ୍ତାବଳୀ ଓ ସରକାରୀ ନିୟମର ମଧ୍ୟ ଉଲ୍ଲଂଘନ ହୋଇଥିବା ପରିଲକ୍ଷିତ ହୋଇଛି। ଏସବୁ ପରିପ୍ରେକ୍ଷୀରେ ରାଜ୍ୟ ପୁଲିସର ତଦନ୍ତ ଦ୍ୱାରା ଖୁଲାସା ହୋଇପାରିବ ନାହିଁ ବୋଲି ଅଭିଯୋଗ ହୋଇ ଆସୁଥିଲା। ତେଣୁ ଏହି ମାମଲାକୁ କୌଣସି କେନ୍ଦ୍ରୀୟ ସଂସ୍ଥା ବା ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି ହୋଇ ଆସୁଥିଲା। ଏଣୁ ସିବିଆଇ ତଦନ୍ତ ପରେ ପଞ୍ଚସଫ୍ଟର ନିଯୁକ୍ତି ସମ୍ପର୍କରେ ଓପିଆର୍‌ବି ଅବଗତ ଥିଲା କି ନାହିଁ ତାହା ଏବେ ସ୍ପଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି।

ଏହି ଘଟଣାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଗାନ୍ଧୀମାର୍ଗ ସମେତ ଅନେକ ସ୍ଥାନରେ ଚାକିରି ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କାରଣ ପ୍ରାଥମିକ ଅଭିଯୋଗ ଅନୁଯାୟୀ ପୁଲିସ ଏସ୍ଆଇ ଚାକିରି ପାଇଁ ପ୍ରତି ଆଶାୟୀଙ୍କ ସହିତ ୨୫ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ପ୍ରଥମେ ୧୫ ଲକ୍ଷ ଟଙ୍କା ଦିଆଯିବା ସହ ଚାକିରି ମିଳିବା ପରେ ଆଉ ୧୦ ଲକ୍ଷ ଟଙ୍କାର ଡିଲ୍ କରାଯାଇଥିଲା। ଏବେ ସୁଦ୍ଧା ଟଙ୍କା ଦେଇଥିବା ଶତାଧିକ ଆଶାୟୀ ଗିରଫ ହୋଇ ସାରିଥିଲେ ମଧ୍ୟ ତଥାକଥିତ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ ହୋଇନାହିଁ। ଏହାସହିତ ଅନ୍ୟମାନଙ୍କ ସମ୍ପୃକ୍ତି ମଧ୍ୟ ଏହି ତଦନ୍ତ ପରେ ସ୍ପଷ୍ଟ ହେବାର ସମ୍ଭାବନା ରହିଛି। ମୋଟ୍ ୯୩୩ ପଦରୁ ୩୦୦ ପଦବୀ ବିକ୍ରି ପାଇଁ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରେ ଜଣାପଡ଼ିଛି। ତେଣୁ ରାଜ୍ୟର ଏହି ହାଇପ୍ରୋଫାଇଲ୍ କେଲେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ କରିବା ଦ୍ୱାରା ଅନେକ ବଡ଼ମୁଣ୍ଡଙ୍କ ସମ୍ପୃକ୍ତି ସାମନାକୁ ଆସିବାର ସମ୍ଭାବନା ସୃଷ୍ଟି ହୋଇଛି।

### ଶଙ୍କର ଓ ପତ୍ନୀଙ୍କ...

ଅଛନ୍ତି। ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ତରଫରୁ ଶଙ୍କର ବିରୋଧରେ ଲୁକଆଉଟ ସର୍କୁଲାର ଜାରି କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଟିମ ଚଢଉ ଜାରି ରଖିଥିବା ଜଣାପଡିଛି।

### ଦାନା ବାନ୍ଧୁଛି ଆଉ...

ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଅନ୍ୟପକ୍ଷରେ ପାଣିପାଗ ବିଭାଗ ସୂଚନା ଆଧାରରେ କୃଷି ସଚିବ ଡଃ ଅରବିନ୍ଦ ପାଢ଼ୀ କହିଛନ୍ତି, ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ନେଇ କୌଣସି ସୂଚନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ପାଣିପାଗ ବିଭାଗର ପରାମର୍ଶକୁ ଅନୁପାଳନ କରିବା ପାଇଁ ଡଃ ପାଢ଼ୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। ସମ୍ଭାବ୍ୟ ବର୍ଷା ସ୍ଥିତିକୁ ନଜରରେ ରଖି ଧାନ କେଣ୍ଡାର ୮୫% ପାଚି ଯାଇଥିଲେ, ତାକୁ କାଟି ବେଙ୍ଗଳା କରିବା ବା ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଅମଳଯୁକ୍ତ ହୋଇଥିବା ମକା, ଚିନାବାଦାମ୍, ମୁଗ, ବିରିକୁ ଓପାଡ଼ି ଆଣିବା ସହିତ ପନିପରିବା ନର୍ସରୀରୁ ଜଳ ନିଷ୍କାସନ କରିବା ପାଇଁ ପରାମର୍ଶ ଦିଆଯାଇଛି। ପାଣି ଛାଡ଼ିଲା ପରେ ରୋଗପୋକ ଲାଗିବାର ଆଶଙ୍କା ଥିବାରୁ ତା'ର ମୁକାବିଲା କରିବାକୁ ମଧ୍ୟ ବିଭିନ୍ନ ପଦକ୍ଷେପ ନେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ୧୫୫୩୩୩ ନମ୍ବରରେ ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ବା କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି। ସମ୍ଭାବ୍ୟ ଲଘୁଚାପ ବର୍ଷା ଓ ଫସଲ ସୁରକ୍ଷା ପାଇଁ ବୁଧବାର ବିଭାଗୀୟ ସଚିବ ଡଃ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଆଇଏମ୍‌ଡି ନିର୍ଦ୍ଦେଶିକା ମନୋରମା ମହାନ୍ତି, ଓୟୁଏଟି ଡିନ୍ ଡ. ପ୍ରସନ୍ନଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୨ଦିନ ହେଲା...

ସଚିବ କ୍ରିସ୍ ରାଇଟ୍ କହିଛନ୍ତି ଯେ ଏହା ପୂର୍ବରୁ କେବେ ଘଟିନାହିଁ ଏବଂ ଏହଭଳି ପରିସ୍ଥିତି ପରମାଣୁ ଅସ୍ତ୍ରଶସ୍ତ୍ରର ସୁରକ୍ଷାକୁ ପ୍ରଭାବିତ କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୦ରେ ଆମେରିକା ସଂସଦର ଉଚ୍ଚ ସଦନ ସିନେଟ୍ ପାଣ୍ଠି ବିଲ୍ ଉପରେ ୧୧ ଥର ପାଇଁ ଭୋଟ୍ ହୋଇଥିଲା, କିନ୍ତୁ ସେଥିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବକୁ ପୁଣି ଥରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଆମେରିକାର ଆର୍ଥିକବର୍ଷ ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥାଏ। ଏହି ସମୟ ମଧ୍ୟରେ, ସରକାର ନିର୍ଣ୍ଣୟ କରନ୍ତି ଯେ ସେନା, ସ୍ୱାସ୍ଥ୍ୟସେବା କିମ୍ବା ଶିକ୍ଷା ଭଳି କେଉଁଠାରେ ନିବେଶ କରିବେ। ଯଦି ଏହି ତାରିଖ ସୁଦ୍ଧା ନୂତନ ବଜେଟ୍ ପାସ୍ ନ ହୁଏ, ତେବେ ସରକାରୀ କାର୍ଯ୍ୟ ବନ୍ଦ ହୋଇଯାଏ। ଏହାକୁ ସଟ୍‌ଡାଉନ୍ କୁହାଯାଏ। ଆମେରିକାର ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ ଏବଂ ରିପବ୍ଲିକାନ ମଧ୍ୟରେ ଓବାମା ସ୍ୱାସ୍ଥ୍ୟସେବା ସବ୍‌ସିଡି କାର୍ଯ୍ୟକ୍ରମକୁ ନେଇ ମତଭେଦରେ ରହିଛି। ଡେମୋକ୍ରାଟ୍ ସଦସ୍ୟମାନେ ସ୍ୱାସ୍ଥ୍ୟସେବା ସ୍ୱସିଡି ବୃଦ୍ଧି କରିବାକୁ ଚାହୁଁଥିଲେ। ରିପବ୍ଲିକାନମାନେ ଭୟ କରୁଛନ୍ତି ଯେ ସବ୍‌ସିଡି ବୃଦ୍ଧି କରିବା ଦ୍ୱାରା ଅଧିକ ସରକାରୀ ଖର୍ଚ୍ଚ ଆବଶ୍ୟକ ହେବ, ଯାହା ଅନ୍ୟାନ୍ୟ ସରକାରୀ କାର୍ଯ୍ୟକୁ ପ୍ରଭାବିତ କରିବ। ଆମେରିକା ସଟ୍‌ଡାଉନ୍‌ର ପ୍ରଭାବ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ଉପରେ ସବୁଠାରୁ ଅଧିକ ପଡୁଛି। ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥିବା ସଟ୍ ଡାଉନ୍ ସତ୍ତ୍ୱେ ଟ୍ରାଫିକ୍ କଣ୍ଟ୍ରୋଲର କର୍ମଚାରୀମାନେ ସେମାନଙ୍କ କାମ ଜାରି ରଖିଛନ୍ତି। ଦରମା ବନ୍ଦ ହେବା ଯୋଗୁଁ ହଜାର ହଜାର କର୍ମଚାରୀ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ପରିସ୍ଥିତି ଏତେ ଭୟଙ୍କର ଯେ କଣ୍ଟ୍ରୋଲର କାର୍ଯ୍ୟାଳୟର ଅନେକ କର୍ମଚାରୀ ସେମାନଙ୍କର ନିୟମିତ ସିଫ୍ଟ ପରେ ଦ୍ୱିତୀୟ ଚାକିରି କରିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଉବେର ଚଳାଉଛନ୍ତି, ଫୁଡ୍ ଡେଲିଭରୀ କରୁଛନ୍ତି କିମ୍ବା ରେଷ୍ଟୋରାଁରେ କାମ କରି ଜୀବିକା ନିର୍ବାହ କରୁଛନ୍ତି। ଏପରିକି କେବଳ ରବିବାର ୭୮୦୦ରୁ ଅଧିକ ବିମାନ ବିଳମ୍ବ ହୋଇଥିଲା ଏବଂ ୧୧୭ଟିର ବାତିଲ ହୋଇଥିଲା। ଏଥିରେ ୨୩ ହଜାର ବିମାନର ଉଡ଼ାଣ ବିଳମ୍ବ କେବଳ କର୍ମଚାରୀ ଅଭାବ ଯୋଗୁଁ ହୋଇଥିଲା।

### ସ୍ନେହାଙ୍ଗିନୀଙ୍କ ସପକ୍ଷରେ...

ଆଦିବାସୀ ବିରୋଧୀ ମନୋଭାବ। ସେପଟେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ଆଦିବାସୀ, ମହିଳା, ଗରିବ ଓ ଯୁବ ସମାଜ ପାଇଁ ଏକ ନୂଆ ଦିଗ ଦେଇଛି ଆଦିବାସୀ ହଷ୍ଟେଲ, ମହିଳା ସଶକ୍ତିକରଣ ଓ ଛାତ୍ରବୃତ୍ତି ଯୋଜନା ଆଦି ମାଧ୍ୟମରେ ସେମାନଙ୍କୁ ସଶକ୍ତ କରାଯାଇଛି। ଆଦିବାସୀ ନେତାମାନେ କହିଲେ ଏହି ନିର୍ବାଚନ କେବଳ ଭୋଟର ନୁହେଁ ଏହା ଆମ ସମ୍ମାନ, ଶିକ୍ଷା ଓ ଭବିଷ୍ୟତର ଲଢ଼େଇ। ବିଜେପି ଆମକୁ ଧୋକା ଦେଇଛି, ବିଜେଡି ଆମକୁ ସଶକ୍ତ କରିଛି ବୋଲି ସେ କହିଛନ୍ତି। ସେହିପରି ବିକାଶ, ସମ୍ମାନ ଓ ଆଦିବାସୀ ସଶକ୍ତିକରଣ ପାଇଁ ବିଜେଡିକୁ ଭୋଟଦେବା ବୋଲି ଆଦିବାସୀନେତା ଭାନୁ ପ୍ରତାପ ସିଂ ମାଝୀ ପ୍ରକାଶ କରିଛନ୍ତି। ଏହି ସମାବେଶରେ ତେଜରାଜ ଶବର, ଜୟନ୍ତ ଖମାରି, ସୁରେନ୍ଦ୍ର ଶବର, ଚକ୍ର ଶବର, ପୀତବାସ ଶବର, ରାଜେଶ ଶବର, ଜିତମିତ୍ର ଶବର, ସୁରେନ୍ଦ୍ର ଶବର କୁନା ଦୀପ ପ୍ରମୁଖଙ୍କ ସମେତ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।

### ୧୨ ଗିରଫ; ୨ ମୁଖ୍ୟ...

(କ)/୨୫(୬)/୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡର କାରଣ ସଂପର୍କରେ ଗଣମାଧ୍ୟମକୁ ସୂଚନା ନେଇ ଜିଲ୍ଲା ଏସ୍‌ପି କହିଛନ୍ତି ଯେ ଅକ୍ଟୋବର ୬ ରାତି ପ୍ରାୟ ୧୦ଟାରେ ପୀତବାସଙ୍କୁ ୨ ଅଜଣା ଆତତାୟୀ ବୈକୁଣ୍ଠନଗର ଠାରେ ଗୁଳି କରିଥିଲେ। ୬ଟି ସ୍ୱତନ୍ତ୍ର ପୁଲିସ ଟିମ ଜରିଆରେ ଘଟଣାର ତଦନ୍ତ କରାଯାଇଥିଲା। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ୪ଜଣ ଯୁବକ ଶିଶୁପାଳ କୁମାର ପାଶୱାନ(୨୫), କୁନ୍ଦନ କୁମାର(୨୨), ହିଞ୍ଜିଳି ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ବିପିନ ସ୍ୱାଇଁ(୩୫) ଓ ବାଦଗଡ଼ର ସୀମାଞ୍ଚଳ ନାୟକ(୩୦) ପୀତବାସ ପଣ୍ଡାଙ୍କ ଗତିବିଧି ଉପରେ ନଜର ରଖି ରେକି କରିଥିଲେ। ଉମା ଶଙ୍କର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଯୋଗୀ ରାଉତ ଉପରୋକ୍ତ ୪ ଯୁବକଙ୍କୁ ଆଣିଥିଲେ। ସେମାନେ ସମସ୍ତେ କର୍ପୋରେଟର ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଅଳକାପୁରୀ ଠାରେ ଶୂନ୍ୟ ଦାସଙ୍କ ଘରେ ଭଡ଼ାରେ ରହିଥିଲେ। ଉପରୋକ୍ତ ୪ଜଣ ଯୁବକଙ୍କର ହସ୍ପିଟାଲରେ କିଛି କାମ ଥିବା ଦର୍ଶାଇ ମଳୟ ବିଶୋୟୀ ଶୂନ୍ୟ ଦାସଙ୍କୁ ତାଙ୍କ ଘରେ କିଛିଦିନ ଆଶ୍ରୟ ଦେବାକୁ ଅନୁରୋଧ କରିଥିଲେ। ସେପ୍ଟେମ୍ବର ୧୦ରୁ ୧୪ ପର୍ଯ୍ୟନ୍ତ ସେମାନେ ସେଠାରେ ରହିବା ବେଳେ ଉମା ଓ ଯୋଗୀ ସେମାନଙ୍କୁ ସାକ୍ଷାତ କରିଥିଲେ। ରହିବା ପାଇଁ ଘର ସମେତ ଖାଦ୍ୟ, ବସ୍ତ୍ର ଓ ବୁଲିବାକୁ ବାଇକ୍ ଯୋଗାଇ ଦେଇଥିଲେ। ୧୨ ତାରିଖରେ ଯୋଗୀ ସହିତ ଅନ୍ୟ ୪ଜଣ ରେକି କରିବା ସହିତ ପୀତବାସଙ୍କ ଚାମ୍ବର ଓ ସେ ନିୟମିତ ଯାତାୟାତ କରୁଥିବା ରାସ୍ତା ସହିତ ପୀତବାସଙ୍କୁ ମଧ୍ୟ ଯୋଗୀ ଚିହ୍ନାଇଥିଲେ। ଉମା ବିଶୋୟୀ ଦୁଇଟି ବନ୍ଧୁକ ସହିତ ପୀତବାସଙ୍କୁ ହତ୍ୟା ପାଇଁ ୧୦ଲକ୍ଷ ଟଙ୍କା ଦେଇଥିଲେ। ୧୪ ତାରିଖରେ ପୀତବାସଙ୍କୁ ହତ୍ୟା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ତେବେ ଶିଶୁପାଳ କୁମାର ପାଶୱାନର ଗର୍ଭବତୀ ସ୍ତ୍ରୀଙ୍କର ଦେହ ଖରାପ ହେବାରୁ ବିହାରୀ ଯୁବକମାନେ କାମ ନ କରି ବିହାର ଫେରିଯାଇଥିଲେ। ପରେ ମଳୟ ବିଶୋୟୀଙ୍କ କହିବା ପ୍ରକାରେ ଉମା ବିଶୋୟୀ ଓ ଯୋଗୀ ରାଉତ ପୁନଃ ଯୋଜନା କରି ନିଜ ଗ୍ରାମ ବଛପଲ୍ଲୀର ୨ଜଣ ଯୁବକ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ହତ୍ୟାକାଣ୍ଡ ଘଟାଇବା ପାଇଁ ରାଜି କରାଇଥିଲେ। କୁରୁପତି ବଛପଲ୍ଲୀରୁ ଓ ବସ୍ ଯୋଗେ ଚିଣ୍ଟୁ ବେଙ୍ଗାଲୁରୁରୁ ବ୍ରହ୍ମପୁର ଆସିଥିଲେ। ଯୋଗୀ ରାଉତ ଓ ଉମା ବିଶୋୟୀଙ୍କ ଜରିଆରେ ପ୍ରଶାନ୍ତ ଆଣ୍ଡ କୋ ନାମକ ଏକ ବ୍ୟାଚଲର୍ ରୁମରେ ସେପ୍ଟେମ୍ବର ୨୯ ରୁ ରହିଥିଲେ। ପୁଣି ଯୋଗୀ ସହିତ କୁରୁପତି ଓ ଚିଣ୍ଟୁ ପୀତବାସଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଘଟଣା ଦିନ ଅର୍ଥାତ୍ ଅକ୍ଟୋବର ୬ରେ ଯୋଗୀ ଉଭୟ କୁରୁପତି ଓ ଚିଣ୍ଟୁଙ୍କୁ ଅଳକାପୁରୀ ନେଇ ସେଠାରେ ସେମାନଙ୍କୁ ଫେକ୍ ନମ୍ବର ବିଶିଷ୍ଟ ଏକ ବାଇକ୍, ନୂଆ ସାର୍ଟ ପ୍ୟାଣ୍ଟ ସହିତ ଦୁଇଟି ବନ୍ଧୁକ ଯୋଗାଇଥିଲେ। ଚିଣ୍ଟୁ ବାଇକ୍ ଚଲାଇଥିବା ବେଳେ କୁରୁପତି ପଛରେ ବସିଥିଲା ଏବଂ ବୈକୁଣ୍ଠନଗର ଛକରେ ପୀତବାସଙ୍କ ଆସିବାକୁ ଅପେକ୍ଷା କରିଥିଲେ। ପୀତବାସ ସେଠାରେ ପହଁଞ୍ଚିବା କ୍ଷଣି କୁରୁପତି ଗାଡ଼ିରୁ ଓହ୍ଲାଇ ପୀତବାସଙ୍କୁ ନମସ୍କାର କହି ଅଟକାଇ ଅବିଳମ୍ବେ ଗୁଳି ଚଳାଇଥିଲା। ଗୁଳିକାଣ୍ଡ ଭିଆଇବା ପରେ ସେମାନେ ଲୋଚାପଡ଼ା ଦେଇ ଶୀତଳାପଲ୍ଲୀ ଗ୍ରାମ ନିକଟରେ ପହଁଞ୍ଚିଥିଲେ। ସେଠାରେ ନିଜର ବସ୍ତ୍ର ବଦଳାଇବା ସହିତ ବନ୍ଧୁକକୁ ମାଟି ତଳେ ଲୁଚାଇ ଦେଇଥିଲେ। ତଦନ୍ତ ବେଳେ ସମସ୍ତ ସାମଗ୍ରୀକୁ ପୁଲିସ ଜବତ କରିଛି। ସେହିଭଳି ତଦନ୍ତ ଓ ଅପରାଧୀଙ୍କୁ ଜେରା ସମୟରେ ଗୁଳିକାଣ୍ଡ ଘଟଣାରେ ମଳୟ ବିଶୋୟୀ, ମଦନ ଦଳେଇ, ଉମା ବିଶୋୟୀ ଓ ପିଣ୍ଟୁ ଦାଶଙ୍କର ସିଧାସଳଖ ସମ୍ପୃକ୍ତି ଥିବା ଜଣାପଡିଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ସେମାନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପରୁ ଏହା ସ୍ପଷ୍ଟ ହୋଇଥିବା ପୁଲିସ କହିଛି। ଗୁଳିକାଣ୍ଡ ପରେ କୁରୁପତି ଓ ଚିଣ୍ଟୁ ବାଇକ୍ ଯୋଗେ ୧୬ନଂ. ଜାତୀୟ ରାଜପଥକୁ ଯାଇ ଚାନ୍ଦପୁର ଛକରେ ଥିବା ଏକ ଚା' ଦୋକାନ ନିକଟରେ ବାଇକ୍‌କୁ ଛାଡ଼ି ବସ୍‌ରେ ଭୁବନେଶ୍ୱର ଚାଲି ଯାଇଥିଲେ। ଉଭୟେ ସେଠାରୁ ପୁରୀ ଯାଇ ଏକ ଲଜ୍‌ରେ ରହିଥିଲେ। ପୁରୀରୁ କୁରୁପତି ଜୟପୁର ଯାଇ ସେଠାରେ ସୁନୀଲ ହୋତା ନାମକ ଜଣେ ବ୍ୟକ୍ତିଙ୍କ ଫାର୍ମ ହାଉସରେ ଉଭୟ ଉମା ଓ କୁରୁପତି ଆଶ୍ରୟ ନେଇଥିଲେ। ଉଭୟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଜାଣି ସୁଦ୍ଧା ସୁନୀଲ ସେମାନଙ୍କୁ ୪ଦିନ ପର୍ଯ୍ୟନ୍ତ ଆଶ୍ରୟ ଦେଇଥିଲେ। କୁରୁପତି ଓ ଉମାଙ୍କ ରହଣୀ ମଧ୍ୟରେ ମଳୟ ବିଶୋୟୀ ଓ ମଦନ ଦଳେଇ ବାରମ୍ବାର ସୁନୀଲଙ୍କ ସହିତ କଥା ହୋଇ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ସୁନୀଲ ହୋତା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଛାତ୍ର ଜୀବନରୁ ଜଣେ ବନ୍ଧୁ। ବିକ୍ରମ ଓ ପିଣ୍ଟୁ ସେମାନଙ୍କର ରାଜନୈତିକ, ଆର୍ଥିକ ଓ ବ୍ୟକ୍ତିଗତ କ୍ଷତିକୁ ନେଇ ପୀତବାସଙ୍କୁ କୁଆଡେ ଟାର୍ଗେଟ କରିଥିଲେ ଏବଂ ପୀତବାସଙ୍କୁ ରାସ୍ତାରୁ ହଟାଇଦବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଏସ୍‌ପି କହିଛନ୍ତି।

ସେହିପରି ପୂର୍ବତନ ମେୟର ପିଣ୍ଟୁଙ୍କର ପୀତବାସ ପଣ୍ଡାଙ୍କ ସହିତ ବ୍ୟକ୍ତିଗତ ଶତ୍ରୁତା ଥିଲା। ପିଣ୍ଟୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାର ୧୩ଜଣ ଅଭିଯୁକ୍ତଙ୍କ ପାଇଁ ପୀତବାସ ମାମଲା ଲଢୁଥିଲେ। ସେଥିମଧ୍ୟରୁ ଅନ୍ୟତମ ଅଭିଯୁକ୍ତ ମୌଜ ମିଶ୍ର ଫେରାର ହୋଇ ପିଣ୍ଟୁଙ୍କ ଉପରକୁ ଗୁଳି ଓ ବୋମାମାଡ଼ କରିଥିଲା। ଏଥିରେ ପୀତବାସଙ୍କ ହାତ ଥିବା ପିଣ୍ଟୁ ଅଭିଯୋଗ କରିଥିଲେ। ଏପରିକି ପୀତବାସଙ୍କ ଯୋଗୁଁ ଗତ ସାଧାରଣ ନିର୍ବାଚନରେ ପିଣ୍ଟୁଙ୍କୁ ବିଜେପିରୁ ଟିକଟ ମିଳିପାରି ନ ଥିଲା ବୋଲି କହୁଥିଲେ, ଯାହା ପୀତବାସଙ୍କ ପ୍ରତି ତାଙ୍କର ଥିବା ଶତ୍ରୁତାକୁ ଅଧିକ କରିଥିଲା ବୋଲି ଏସ୍‌ପି କହିଛନ୍ତି।


C-1298
☎- 06645-356292
FAX-06645-250236
Email- municipalitybelpahar@gmail.com

**OFFICE OF THE MUNICIPAL COUNCIL, BELPAHAR.**

"e" PROCUREMENT NOTICE

BID REFERENCE NO. EO/BPHM/03/25-26
BID IDENTIFICATION NO. 2025_ORULB_119779
TENDER CALL NOTICE NO.1855 DT. 18.10.2025.

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Individual Civil Construction works. |
| No of Works | : | 03 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt. 20.10.2025 at 10.00 A.M. to dt. 31.10.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt. 01.11.2025 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum/ corrigendum/ cancellation of tender shall be published in the above website only.

Executive Officer,
Belpahar Municipality

OIPR-13050/11/0022/2526


■ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲା

### ସିବିଆଇ ତଦନ୍ତରେ ହସ୍ତକ୍ଷେପକୁ ଅଗ୍ରାହ୍ୟ କଲେ ହାଇକୋର୍ଟ

କଟକ,୨୨।୧୦(ସମିସ): ବହୁଚର୍ଚ୍ଚିତ ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଇଣ୍ଡିଆ ଲିମିଟେଡ ଲାଞ୍ଚ କାରବାର ମାମଲାରେ ସିବିଆଇ ପକ୍ଷରୁ କରାଯାଇଥିବା ଏତଲା ରଦ୍ଦ ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସିବିଆଇ ତଦନ୍ତ ଜାରି ରହିଥିବା ବେଳେ ଏହାର ଫଳାଫଳକୁ ଅପେକ୍ଷା ନକରି ଏଥିରେ ପ୍ରାକ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ଆଦିତ୍ୟ ଦେବ ଇନଫ୍ରାଟେକ ପ୍ରାଇଭେଟ ଲିମିଟେଡ ଓ ଏହାର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ମହାପାତ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀ ଚାହିଁଲେ ତଦନ୍ତ ସମାପ୍ତ ହେବା ଓ ଚାର୍ଜସିଟ ଦାଖଲ ପରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଲିମିଟେଡର ଗ୍ରୁପ ଜେନେରାଲ ମ୍ୟାନେଜର ଥିବା ଚଞ୍ଚଳ ମୁଖାର୍ଜୀଙ୍କୁ ବେଆଇନ କାର୍ଯ୍ୟାଦେଶ ପାଇଁ ୧୦ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ମାମଲାରେ ଶ୍ରୀ ମୁଖାର୍ଜୀଙ୍କ ସମେତ ଆବେଦନକାରୀ ଦେବଦତ୍ତ ଓ ଅନ୍ୟ ଜଣେ ସନ୍ତୋଷ ମହାରଣାଙ୍କୁ ସିବିଆଇ ଗିରଫ କରିଥିଲା। ସିବିଆଇର ଏତଲା ରଦ୍ଦ ପାଇଁ ଆବେଦନକାରୀ ଓ ତାଙ୍କ କମ୍ପାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ ପ୍ରସଙ୍ଗ

### ଜିଲ୍ଲା ପରିଷଦ ବୈଠକରେ କେହି ବି ଯୋଗଦେଲେନି

ବାରିପଦା, ୨୨।୧୦(ସମିସ): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମୟୂରଭଞ୍ଜ ଜିଲ୍ଲାପରିଷଦର ୯ମ ବୈଠକରେ ଜିଲ୍ଲାର ୨୬ ଜଣ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଯୋଗଦେଇ ନାହାନ୍ତି। ରାଜ୍ୟ ସରକାର ନିକଟରେ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ କ୍ଷମତା ହ୍ରାସ (୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ତଳକୁ ପ୍ରକଳ୍ପ କାର୍ଯ୍ୟରେ ଅନୁମୋଦନ ନ ରଖିବା) ନିଷ୍ପତ୍ତି ପରେ ଏହା ଥିଲା ଜିଲ୍ଲାପରିଷଦର ପ୍ରଥମ ବୈଠକ। ଏଣୁ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇ ଜିଲ୍ଲା ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ସଂଘର ଆହ୍ୱାନକ୍ରମେ କେହି ବି ବୈଠକରେ ଯୋଗ ଦେଇନାହାନ୍ତି ବୋଲି ସଭାନେତ୍ରୀ ତୁଳସୀ ସିକ୍ରା ହାଁସଦା ଓ ସମ୍ପାଦକ ସୁଧନ୍ୟା ନାଏକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ ଉଦଳା ବ୍ଲକ ବ୍ୟତୀତ ୨୪ଟି ବ୍ଲକରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ତେବେ ଆଜିର ପ୍ରତିବାଦରେ ଉଦଳା ଓ ଠାକୁରମୁଣ୍ଡା ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ମଧ୍ୟ ବୈଠକରେ ଯୋଗ ନ ଦେବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି।

### ଲାପ୍‌ଟପ୍ ପାଇବାକୁ ଆବେଦନ ପାଇଁ ଖୋଲିଲା ପୋର୍ଟାଲ୍

ଭୁବନେଶ୍ୱର, ୨୨।୧୦(ସମିସ): ଲାପ୍‌ଟପ୍ ପାଇବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଆବେଦନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଉ ଏକ ସୁଯୋଗ ଦିଆଯାଇଛି। ଏଥିପାଇଁ ଷ୍ଟେଟ୍ ସ୍କୋଲାରସିପ୍ ପୋର୍ଟାଲ୍‌କୁ ପୁଣିଥରେ ଖୋଲାଯାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ନଭେମ୍ବର ୬ ପର୍ଯ୍ୟନ୍ତ ପୋର୍ଟାଲ୍ ଖୋଲା ରହିବ। କେବଳ ଉପଶାସ୍ତ୍ରୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୋଗ୍ୟ ଛାତ୍ରଛାତ୍ରୀମାନେ www.scholarship.odisha.gov.in ୱେବସାଇଟ୍‌ରେ ଆବେଦନ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ପଠାଯିବ।


**AFFIDAVIT**
By virtue of an affidavit sworn before The Executive Magistrate, Sohela vide no. 01 dated 22/10/2025, I, Chaturananda Pradhan @ Padhan, S/o- Late Subash Chandra Pradhan, R/o Vill.- Dhusarbahal, Po./Ps.- Sohela, Dist.- Bargarh state that, I want to change my son's wrongly mentioned name in his aadhaar card i.e **Prayush Kumar Padhan, S/o- Chaturananda Pradhan** to **Prayas Padhan, S/o- Chaturananda Padhan**.

**ହଜିଛି**
ମୁଁ, ସ୍ମୃତି ସାରିକା (୩୧), ସ୍ୱାମୀ: କୁମାରଜିତ୍ ବାନାର୍ଜୀ, ପୁରଣ ପ୍ରଧାନ, ପଞ୍ଚାୟତ ରୋଡ, ବାଳକାଟି, ବାଲିଅନ୍ତା, ଖୋର୍ଦ୍ଧା, ଏତଦ୍‌ଦ୍ୱାରା ଘୋଷଣା କରୁଅଛି କି, ମୋର ଏକ ବିକ୍ରୟ ଦଲିଲ୍ ଯାହାର ନଂ.: ୧୧୦୯୧୩୦୦୧୮୮ ଏବଂ ପଟ୍ଟା ଯାହାର ଖାତା ନଂ.: ୪୫୮/୧୨ ଏବଂ ୪୫୮/୧୧ ବାଳକାଟି-ବାଲିଅନ୍ତା ରାସ୍ତାରେ ତା.୦୩.୧୧.୨୦୨୪ରିଖରେ କେଉଁଠାରେ ହଜିଯାଇଛି। ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳି ପାରି ନାହିଁ, ଯଦି କେହି ଏହାକୁ ପାଆନ୍ତି, ତେବେ ମୋ.୮୮୮୪୯୯୧୯୪୨ରେ ମୋତେ ଜଣାଇବାକୁ ଅନୁରୋଧ।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before the Executive Magistrate, Athgarh, dated- 17 10.2025 I Susanta Kumar Sahoo of village/ Po- Karikol Ps- Athagarh , Dist- Cuttack declare that I have changed the name of my minor Son name from Son Prakash Sahoo to Som Prakash Sahoo. wrongly omited my name in his aadhar card and I declare that my name Susanta Kumar Sahoo mentioned in the aadhar card of my son .Henceforth, he shall be known as Som Prakash Sahoo S/O Susanta Kumar Sahoo for all purposes.

**AFFIDAVIT**
I, Miss. Bidusi Biprava Jena, D/O Sri Umesh Chandra Jena, resident of Village- Daruha (Bhograi), Dist.:Balasore, Odisha declare that my correct name is BIDUSI BIPRAVA JENA. In my foreign medical degree issued by the Urgench Branch of Tashkent Medical Academy, Uzbekistan, my name has been incorrectly printed as "JENA BIPRAVA BIDUSI" instead of "BIDUSI BIPRAVA JENA." Both names refer to one and the same person - myself. Vide Affidavit No. 11099 dated 22/10/2025, sworn before the Executive Magistrate, Balasore.

**AFFIDAVIT**
By virtue of an affidavit sworn before Executive Magistrate, Khordha, No.- 2484, Dated 12.09.2025, I, Itishree Priyadarsini, Address : At- Beruhan, Po.- Kalyanapur, Ps.-Khordha Sadar, Dist.- Khordha, Odisha, Pin-752056, declared that, I have changed my name from **Itishree Priya Darshini Sethi** to **Itishree Priyadarsini**, Henceforth. I shall be known as **Itishree Priyadarsini** for all purposes.

**AFFIDAVIT**
I, Sankar Meher, aged about 46 years, S/o- Hari Meher, resident of Champapur, Champamal, Po- Biramaharajpur, Ps- Biramaharajpur, Dist- Sonapur, Odisha, Pin- 767018 declare by this affidavit No. 2149, dtd- 21/10/2025, that now onwards I shall be known as **SHANKAR MEHER** for all future purposes.

**AFFIDAVIT**
I, Pradeep Panda , S/o- Sridhar Panda, resident of Flat No. C-106, C Block, Utkal Vatika, Canal Road, Jharpada, Bhubaneswar, Khurda, PIN- 751006, Odisha declared by this affidavit No- 575, dtd- 22/10/2025 that now onwards I shall be known as **PRADEEP KUMAR PANDA** for all future purposes.

**AFFIDAVIT**
I, Debashis Mohanty, S/o- Gobinda Chandra Mohanty, resident of At- Balipatana, Po- Balipatana, Dist- Kendrapara PIN-754215, Odisha declared by this affidavit No-864, dtd- 22/10/2025 that now onwards I shall be known as **DEBASISH MOHANTY** for all future purposes

# ପଦ୍ମପୁରରେ ଶ୍ୟାମାକାଳୀଙ୍କ ପୂଜା

ପଦ୍ମପୁର,୨୨।୧୦(ସମିସ):

ରାୟଗଡ଼ା ଜିଲ୍ଲାର ପଦ୍ମପୁର କାଳୀପୂଜା ମଣ୍ଡପ ପଡ଼ିଆରେ ମା' ଶ୍ୟାମାକାଳୀ ପୂଜା ମହାଆଡମ୍ବର ସହକାରେ ପାଳନ କରାଯାଇଅଛି । ପବିତ୍ର ଦିପାବଳୀ ଠାରୁ ମା'ଙ୍କ ବିଲ୍ୱ ବରଣ ଓ କଳସ ସ୍ଥାପନା ପରେ ଘଟସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏକ ସପ୍ତାହ ବ୍ୟାପି ଅନୁଷ୍ଠିତ ପୂଜାରେ ପୁରୋହିତ ଭାବେ ଗଜାମ ଜିଲ୍ଲାର ବଡ଼ବାଡ଼ ଗ୍ରାମର ସୌମ୍ୟରଂଜନ ପାଢ଼ୀ, ବିଶ୍ୱଜିତ ପାଢ଼ୀ, ଅମିତ୍ ପଣ୍ଡା ପ୍ରମୁଖ ପୂଜା ପାଠରେ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ମା'ଙ୍କ ଆଶୀର୍ବାଦ ସହ ଆରତୀ ନିମନ୍ତେ ଶହଶହ ଶ୍ରଦ୍ଧାଳୁ ସମାଗମ ଦେଖିବାକୁ ମିଳିଥିଲା। ରାତିରେ ଗଂଜାମ ଓ ଗଜପତି ଜିଲ୍ଲାରେ ପ୍ରସିଦ୍ଧ ଭାରତଲୀଳା ଓ ରାମାୟଣ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜାରେ ସୁଦୃଶ୍ୟ ତୋରଣ ସାଂଗକୁ ସୁଉଚ୍ଚ ମେଢ଼ ଆକର୍ଷଣୀୟ ହୋଇଛି। ପୂଜା କମିଟି ସଭାପତି ଗୋଦାବରୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ଚିତ୍ତ ରଣା, ବିଦ୍ୟାଧର ଗୌଡ଼, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରକାଶ କଣ୍ଡାଗୀରି, ପ୍ରଶାନ୍ତ କର, ଟୁକୁନା ପାଣିଗ୍ରାହି, ଦେବେନ୍ଦ୍ର ପାଢ଼ୀ, ପ୍ରଳୟ ବେହେରା, ଦୁର୍ଗା ସାହୁ, ଚନ୍ଦନ ସାହୁ, କୁନା ସାହୁ, ଜୁର ସାହୁ, ବିଷ୍ଣୁ ରଥ, ବାଲାଜୀ ସାହୁଙ୍କ ସହ ବହୁ ବ୍ୟକ୍ତି ସହଯୋଗ କରିଥିଲେ। ପଦ୍ମପୁର ପୁଲିସ ତରଫରୁ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପାଇଁ ପୁଲିସ ମୁତୟନ କରାଯାଇଛି।

# ସମୂହ ଗୃହ ପ୍ରବେଶ ସମାରୋହ,ସଚେତନତା ଶିବିର

ରାୟଗଡ଼ା,୨୨।୧୦(ସମିସ):

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) - ୨.୦ ର'ଅଙ୍ଗୀକାର-୨୦୨୫' ଅଭିଯାନ ଅଧୀନରେ ଆଜି ରାୟଗଡ଼ା ପୌର ପରିଷଦର କାଉନ୍‌ସିଲ ହଲ୍ ଠାରେ ଏକ ସାମୂହିକ ଗୃହ ପ୍ରବେଶ ସମାରୋହ ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ପୌର ପରିଷଦର ଅଧ୍ୟକ୍ଷ ପି. ମହେଶ ପଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୨୪ଗୋଟି ୱାଡର୍‌ର ସମସ୍ତ କାଉନସିଲର, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାରେ କାର୍ଯ୍ୟରତ ଟିମ୍ ଲିଡ୍, ସି.ଏଲ.ଟି.ସି., ପୌର ପରିଷଦର, ସିନିୟର ଆସିଷ୍ଟାଣ୍ଟ, ଏମ୍.ଆଇ.ଏସ. କମ୍ପ୍ୟୁଟର ପ୍ରୋଗ୍ରାମର, କମ୍ୟୁନିଟି ଅର୍ଗାନାଇଜର, ଅନ୍ୟାନ କର୍ମଚାରୀବୃନ୍ଦ ଏବଂ ନୂତନ ଭାବେ ଅନୁମୋଦନ ପ୍ରାପ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ ଘରର ଚାବି ବଣ୍ଟନ କରିଥିଲେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏବଂ ସେମାନଙ୍କୁ ନୂତନ ଗୃହ ପ୍ରବେଶ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଗରିବ ହିତାଧିକାରୀଙ୍କୁ ସରକାରଙ୍କ 'ସମସ୍ତଙ୍କ ପାଇଁ ଗୃହ' ଲକ୍ଷ୍ୟକୁ ପୂରଣ କରିବାରେ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି କହିଥିଲେ। ନୂତନ ଭାବେ କାର୍ଯ୍ୟାଦେଶ ପାଇଥିବା ୫୩ ଜଣ ହିତାଧିକାରୀଙ୍କୁ ଶୀଘ୍ର ଗୃହ କାର୍ଯ୍ୟ ଆରମ୍ଭ କରିବା ଏବଂ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସମୟ ଯଥା ୧୨୦ ଦିନ ଏବଂ ୧୮୦ ଦିନ ମଧ୍ୟରେ ଗୃହ କାର୍ଯ୍ୟ ସଂପୂର୍ଣ୍ଣ କରି ଯଥାକ୍ରମେ ୨୦,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କାର ବିଶେଷ ଅନୁଦାନର ସୁବିଧା ନେବା ପାଇଁ ପ୍ରେରିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ କେକ୍ କଟା ଯାଇଥିଲା ଏବଂ ଉପସ୍ଥିତ ହିତାଧିକାରୀ ତଥା ଅନ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ସମସ୍ତେ ମିଶି ଖୁସି ମନାଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଷଦର ଏମ୍.ଆଇ.ଏସ. କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରଦୀପ କୁମାର ଶତପଥି ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଟୁଲି ଆଶ୍ରମ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି



ରାୟଗଡ଼ା,୨୨।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ କୁଟୁଲି ଆଶ୍ରମ ବିଦ୍ୟାଳୟ ଠାରେ ନାକଟି କ୍ଲଷ୍ଟରସ୍ତରୀୟ ସୁରଭି ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶ୍ରୀମତି ଆଦିବାରୀ ମିଣ୍ୟାକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ମିଣ୍ୟାକା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟକୁମାର ଦାସ, ଓ କ୍ଲଷ୍ଟର ସଂଯୋଜକ ରମେଶ ଚନ୍ଦ୍ର ସାହୁ ମଞ୍ଚାସୀନ ହୋଇଥିଲେ। ପ୍ରଧାନଶିକ୍ଷକ ଗୋପୀନାଥ ପରିଚ୍ଛାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅର୍ନ୍ତଗତ ୧୬ଗୋଟି ବିଦ୍ୟାଳୟରୁ ୧୫୦ରୁ ଅଧିକ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ.ପ୍ରବନ୍ଧ ଲିଖନ, କୁଇଜ, ସୃଜନଶୀଳ ଲିଖନ, ସଂଗୀତ, ବକ୍ତୃତା, ଓଡିଆ ହସ୍ତାକ୍ଷର, ଚିତ୍ରକଳା ଓ ଶିଳ୍ପକଳା, ଚିତ୍ରାଙ୍କନ ତଥା ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା।। କାର୍ଯ୍ୟକ୍ରମକୁ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ। କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ମୂରଲୀକ୍ରିଷ୍ଣା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ନାଲା, ଉମାଶଙ୍କର ପଣ୍ଡା, ଲକ୍ଷ୍ମଣ ଶବର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା।

## ମାଲକାନଗିରି ଜିଲ୍ଲା ହସ୍ପିଟାଲ

# ୧୦ ସହକାରୀ ଚକ୍ଷୁ ପରୀକ୍ଷକ ପଦ ଖାଲି

ମାଲକାନଗିରି, ୨୨।୧୦(ସମିସ):




ଏକଦା ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ସେବା ଯୋଗାଇ ଅନେକ ପୁରସ୍କାର ହାସଲ କରିଥିବା ବେଳେ ଆଜି ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଗରିବ ରୋଗୀଙ୍କୁ ସଠିକ ଭାବେ ମିଳୁନି ଚକ୍ଷୁଜନିତି ଚିକିତ୍ସା ସେବା। ଗରିବ ରୋଗୀଙ୍କୁ ମାଗଣାରେ ଚିକିତ୍ସା ବ୍ୟବସ୍ଥା ପ୍ରଦାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟସରକାର ବିଭିନ୍ନ ଯୋଜନା କରିଥିବା କଥା କୁହାଯାଉଥିବା ବେଳେ ମାଲକାନଗିରି ଜିଲ୍ଲାର ଗରିବ ଲୋକଙ୍କ ପାଇଁ କିନ୍ତୁ ଏହା ସତେ ଯେମିତି ସ୍ୱପ୍ନ ହୋଇ ରହିଯାଇଛି। ପୂର୍ବ ଅପେକ୍ଷା ଦିନକୁ ଦିନ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରେ ଲାଗିଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଜିଲ୍ଲାରେ ବିଶେଷ କରି ଚକ୍ଷୁ ବିଭାଗରେ ଦୀର୍ଘ ମାସ ଧରି ୧୦ଟି ସହକାରୀ ଚକ୍ଷୁ ପରୀକ୍ଷକ ତଥା ଟେକ୍ନିସିଆନ ପଦବି ଖାଲି ପଡ଼ିଛି। ଚକ୍ଷୁ ପରୀକ୍ଷା ଓ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ଚକ୍ଷୁ ରୋଗୀ। ପୂର୍ବରୁ ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଏକ ଚକ୍ଷୁ ଚିକିତ୍ସା କେନ୍ଦ୍ରଟିଏ ଥିଲା। ଡାକ୍ତର, ନର୍ସ, ଟେକ୍ନିସିଆନ ଠିକ ଭାବେ ଥିଲେ। ଚକ୍ଷୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବେଡ ମଧ୍ୟ ଥିଲା। ପ୍ରତିବର୍ଷ ସହ ସହ ଚକ୍ଷୁରୋଗୀଙ୍କର ଅପରେସନ ସଫଳତାର ସହ ହେଉଥିବା ବେଳେ ପରବର୍ତ୍ତୀ ସମୟରେ ଜିଲ୍ଲା ହସ୍ପିଟାଲକୁ ନୂତନ ସାତ ମହଲା ବିଲଡିଂକୁ ସ୍ଥାନାନ୍ତର ହେବା ପରେ ଚକ୍ଷୁ ବିଭାଗକୁ ସେଠାକୁ ମଧ୍ୟ ସ୍ଥାନାନ୍ତର କରାଗଲା। କିନ୍ତୁ ପୂର୍ବ ପରି ଏହି ବିଭାଗ ସକ୍ରିୟ ବଦଳରେ ସତେ ଯେମିତି ସ୍ଥାଣୁ ପାଲଟିବାରେ ଲାଗିଲା। ଧିରେ ଧିରେ ଟେକ୍ନିସିଆନ ପଦବି ଖାଲି ପଡିଲା, ଜିଲ୍ଲା ହେଡ୍‌କ୍ୱାଟରରେ ଦୁଇଜଣ ସ୍ୱତନ୍ତ୍ର ଭାବେ ଚକ୍ଷୁ ବିଶେଷଜ୍ଞ ଡାକ୍ତର, ଦୁଇଜଣ ଷ୍ଟାଫ ନର୍ସ, ତିନିଜଣ ସହକାରୀ ଚକ୍ଷୁ ପରୀକ୍ଷକ ରହିବା ସ୍ଥଳରେ ତିନୋଟି ଯାକ ସହକାରୀ ଚକ୍ଷୁ ପରୀକ୍ଷକ ଖାଲି ପଡିଲା। ଏହି ପଦବୀ ଗୁଡିକ ଦୀର୍ଘ ମାସ ଧରି ଖାଲି ପଡିଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ଅନ୍ୟ ବିଭାଗରୁ ଜଣେ ଟେକ୍ନିସିଆନକୁ ଆଣି କାମଚଳା ଭାବେ କାର୍ଯ୍ୟ କରୁଥିବା ଜଣା ପଡିଛି। ଏହି ଜଣେ ବ୍ୟକ୍ତି ମଧ୍ୟ କୌଣସି କାରଣରୁ ଛୁଟିରେ ରହିଲେ ଚକ୍ଷୁ ରୋଗୀ ମାନଙ୍କର ଚକ୍ଷୁ ପରୀକ୍ଷା ହୋଇପାରି ନଥାଏ। ପ୍ରାୟ ସମୟରେ ଅନେକ ଚକ୍ଷୁରୋଗୀ ଚିକିତ୍ସିତ ହୋଇନପାରି ମନଦୁଃଖରେ ଫେରିଯାଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ହସ୍ପିଟାଲ ପରି ସାତଟି ଯାକ ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ମଧ୍ୟ ଅସୁବିଧା ଲାଗିରହିଛି। ସାତଟି ଯାକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହିପରି ପଦବୀ ଗୁଡିକ ଖାଲି ଥିବାରୁ ଚକ୍ଷୁରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଆର୍ଥିକ ସ୍ୱଚ୍ଛଳ ରୋଗୀ ମାନେ କଟକ, କୋରାପୁଟ, ବିସାଖାପାଟଣା ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଗରିବ ରୋଗୀ ମାନେ ଚିକିତ୍ସିତ ହୋଇ ନପାଇ ଭାଗ୍ୟକୁ ଆଦରି ରହୁଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷ ତଥା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜ ବନ୍ଧୁ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲ୍ଲା ହସ୍ପିଟାଲରେ ଡାକ୍ତର, ଷ୍ଟାଫ ନର୍ସ ଠିକ ଭାବେ ଅଛନ୍ତି। ହେଲେ ସହକାରୀ ଚକ୍ଷୁ ପରୀକ୍ଷକ ପଦବି ଖାଲି ପଡିଛି। ଜିଲ୍ଲା ହସ୍ପିଟାଲ ସହିତ ପିଏଚସି ସ୍ତରରେ ମଧ୍ୟ ଏହି ପଦବି ଖାଲି ପଡିଛି। ତୁରନ୍ତ ଏହି ପଦବି ପୁରଣ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଚିଠି ପଠା ଯାଉଛି। ଖୁବ୍‌ଶୀଘ୍ର ଏହି ପଦବି ପୁରଣ ହେବ ବୋଲି ସେ କହିଛନ୍ତି।

# ଟ୍ରେନ୍ ଧକ୍କାରେ ମହିଳା ଗୁରୁତର

ରାୟଗଡ଼ା,୨୨।୧୦(ସମିସ): ରାୟଗଡ଼ା ବ୍ଲକ ପିତାମହଲ ଲେବେଲ କ୍ରସିଂ ନିକଟରେ ଟ୍ରେନ ଧକ୍କାରେ ଆଜି ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ଶେଷଖାଲ ଥାନା ଅନ୍ତର୍ଗତ କନ୍ଧଖିଲମ ଗ୍ରାମର ତୁଳସୀ ଉଲ୍ଲାକା (୩୦) ବୋଲି ଜଣାପଡିଛି।



ମିଳିଥିବା ସୂଚନା ମୁତାବକ, ଟ୍ରେନ୍ ଆସୁଥିବାରୁ ଲେବେଲ କ୍ରସିଂ ଗେଟ୍ ବନ୍ଦ ଥିଲା। ହେଲେ ମହିଳା ଜଣକ ନିୟମ ଉଲ୍ଲଂଘନ କରି ଟ୍ରେନ ଲାଇନ ପାର ହେଉଥିବା ବେଳେ ରାୟଗଡ଼ାରୁ ବିଜୟନଗରମ ଅଭିମୁଖେ ଯାଉଥିବା ମାଲଗାଡ଼ି ଟ୍ରେନଟି ତାଙ୍କୁ ଧକ୍କା ଦେଇଥିଲା। ମାଲଗାଡ଼ି ତାଙ୍କୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ଖବର ପାଇ ରାୟଗଡ଼ା ଓ ଶେଷଖାଲ ପୁଲିସ ମେଡିକାଲରେ ପହଞ୍ଚି ଏହି ଘଟଣା କିପରି ଘଟିଲା ତାହାର ଅନୁଧ୍ୟାନ କରୁଛନ୍ତି।

# ସାଇବର ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୨୨।୧୦ (ସମିସ): ମାଲକାନଗିରି ଜିଲ୍ଲାରେ ସାଇବର ସୁରକ୍ଷା ଦିଗରେ ଲୋକଙ୍କୁ ଅଧିକ ସଚେତନ କରାଇବା ସହ ଏହି ସାଇବର ଲୁଟରୁ କିପରି ଲୋକେ ରକ୍ଷା ପାଇବେ, ସେନେଇ ଜିଲ୍ଲା ପୋଲିସ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜିଲ୍ଲାର ବିଭିନ୍ନ ସାଥାନରେ ସାଇବର ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନ କରାଇବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ବର୍ତ୍ତମାନ ସହରରେ ଥିବା ସାପ୍ତାହିକ ବଜାର ଓ ଜନଗହଳି ସ୍ଥାନରେ ଲୋକଙ୍କୁ ଏଦିଗରେ ସଚେତନ କରାଇବା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଜିଲ୍ଲା ଏସ୍‌ପି ବିନୋଦ ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଦରରେ ଥିବା ସାପ୍ତାହିକ ହାଟରେ ସାଇବର ସୁରକ୍ଷା ଲାଗି ଲୋକଙ୍କୁ ପୋଲିସ ଅଧିକାରୀ ମାନେ ସଚେତନ କରାଉଛନ୍ତି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଥାନା ଆଦିଆରେ ଏହି କାର୍ଯ୍ୟକ୍ରମ ପୂର୍ବରୁ ଅରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ସିଧା ସଳଖ ଲୋକଙ୍କୁ ସଚେତନ କରାଇବା ପାଇଁ ଏପରି ଜନ ଗହଳିପୂର୍ଣ୍ଣ ସ୍ଥାନରେ ପୋଲିସ ପକ୍ଷରୁ ଏପରି ସଚେତନତା ମୂଳକ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳିଛି।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା



ଚିତ୍ରକୋଣ୍ଡା,୨୨।୧୦(ସମିସ): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ସଭାପତି ମାନସ ମାଡକାମିଙ୍କ ଆହ୍ୱାନ କ୍ରମେ ଚିତ୍ରକୋଣ୍ଡା ବ୍ଲକରେ ଜନ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବ୍ଲକର ପପୁଲାର ଗ୍ରାମର ଶିବ ମନ୍ଦିର ଠାରୁ ବିରାଟ ପଦଯାତ୍ରା ବାହାରି ପଟାଲ ସାପ୍ତାହିକ ହାଟପଦା ପର୍ଯ୍ୟନ୍ତ ଯାଇ ସେଠାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ ହୋଇଥିଲା। ବ୍ଲକ ସଭାପତି ରାମଚନ୍ଦ୍ର ଗାଲେଲଙ୍କ ନେତୃତ୍ୱରେ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଓ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଜନସମ୍ପର୍କ ପଦଯାତ୍ରା ପୂର୍ବ ବର୍ଷ ଭଳି ସାରା ରାଜ୍ୟରେ ଅକ୍ଟୋବର ୯ ତାରିଖ ଜୟ ପ୍ରକାଶ ନାରାୟଣଙ୍କ ଜନ୍ମ ଜୟନ୍ତୀ ଠାରୁ ନଭେମ୍ବର ୯ ତାରିଖ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଗାଁ ଓ ସହର ସହରେ ଚାଲୁ ରଖିବା ପାଇଁ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଚାଲୁ ରହିଛି। ଏଥିରେ ଲୋକ ମାନଙ୍କୁ ପଦଯାତ୍ରା ମାଧ୍ୟମରେ ପୂର୍ବ ସରକାରଙ୍କ ଦ୍ୱାରା ହୋଇଥିବା ଯୋଜନା ଲୋକ ମାନଙ୍କ ପାଇଁ କେତେ ସଫଳ ହୋଇଥିଲା, ସେଦିଗରେ ସଚେତନ କରାଯାଉଛି। ବିଶେଷ କରି ବିଜୁ ସ୍ୱାସ୍ଥ୍ୟକାର୍ଡଠୁ ଆରମ୍ଭ କରି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ଜନକଲ୍ୟାଣ ଯୋଜନା, ଯାହାକି ନବୀନ ସରକାରଙ୍କ ସମୟରେ ହୋଇ ଲୋକଙ୍କ ଜୀବନକୁ ସରଳ କରିଥିଲା, ସେନେଇ ସଚେତନ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ମିଛୁଆ ବିଜେପି ସରକାର ନିର୍ବାଚନ ସମୟରେ ସମସ୍ତ ପେନସନ ଧାରୀଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା, ୩୦୦ୟୁନିଟ ବିଦ୍ୟୁତ୍ ମାଗଣା, ସୁଭଦ୍ରା ଯୋଜନା ଏକା ଥରକେ ୫୦ହଜାର ଟଙ୍କା ଭଳି ଅନେକ ମିଥ୍ୟା ପ୍ରତିଶୃତି ଦେଇ ଇଭିଏମ ଜାଲିଆତି କରି ସରକାରକୁ ଆସିଛି। ତେବେ ଅପାରଗ ବିଜେପି ସରକାର ପାଇଁ ଆଜି ଓଡିଶାବାସୀ ହନ୍ତସନ୍ତ ହେଉଛନ୍ତି, ଯାହାକି ନାରୀଟିଏ ରାଜ ରାସ୍ତାରେ ସୁରକ୍ଷିତ ଭାବେ ଚାଲିପାରୁ ନାହିଁ। ସେଭଳି ଛାତ୍ରୀ ମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସୁରକ୍ଷିତ ନୁହନ୍ତି। ପ୍ରତିଦିନ କେଉଁଠି ନା କେଉଁଠି ନାରୀ ବଳାତ୍କାର, ଗଣଦୁଷ୍କର୍ମ ଭଳି ଖବର ଦେଖିବାକୁ ମିଳୁଛି। ଦରଦାମ, ବେକାରୀ ସମସ୍ୟା, ମୋହନ ସରକାର ଆସିବାର ଷୋହଳ ମାସ ଭିତରେ ସମସ୍ତ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଠପ କରି କେବଳ ରଙ୍ଗ ବଦଳାଇବାରେ ଲାଗିପଡିଛନ୍ତି। ଓଡିଶା ରାଜ୍ୟର ରାଜକୋଷରୁ କୋଟି କୋଟି ଟଙ୍କା ନିଜ ଦଳୀୟ ସ୍ୱାର୍ଥ ପାଇଁ ରଙ୍ଗ ମାରି ଓଡିଶାକୁ ବରବାଦ କରିଦେଇଛନ୍ତି ବୋଲି ଦଳୀୟ ନେତୃ ମଣ୍ଡଳୀ ଆଜିର କାର୍ଯ୍ୟକ୍ରମରେ ପ୍ରକାଶ କରିଥିଲେ। ଏହାସହ ଓଡିଶାର ଖଣି ପାଣିକୁ ଲୁଟିବା ପାଇଁ ଯୋଜନା କରାଯାଉଛି। ତାହାକୁ ବିଜୁ ଜନତା ଦଳ କେବେ କରିବାକୁ ଦେବ ନାହିଁ। ଏହି ଜନ ସମ୍ପର୍କ ମାଧ୍ୟମରେ ଗାଁ ଗାଁ ଯାଇ ବିଜେପି ସରକାର ମୁଖା ଖୋଲିବା ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଗତ ସରକାର ସଫଳତା ବିଷୟରେ ଲୋକ ମାନଙ୍କୁ ସଚେତନ କରାଯିବ ବୋଲି ଦଳୀୟ ନେତା ପ୍ରକାଶ କରିଛନ୍ତି। ଏଥିରେ ସମସ୍ତ ଜିଲ୍ଲା ନେତୃମଣ୍ଡଳୀଙ୍କ ସହ ଚିତ୍ରକୋଣ୍ଡା ବ୍ଲକର ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ପ୍ରଭାକର ହନ୍ତାଳ, ଘନଶ୍ୟାମ ମାଡକାମି, କଣ୍ଟେଶ୍ୱର ପଙ୍ଗୀ, ଅର୍ଜୁନ କିର୍ଶନୀ, ସମିତି ସଭ୍ୟ ରାଜକମଲ ପୁରୋହିତ, ବ୍ଲକ କାର୍ଯ୍ୟକାରୀ ସଭାପତି ଶୁକ୍ରା ମୁଦୁଲି, ଦେବେନ୍ଦ୍ର ଦାସ, ରଘୁବର ଖରାଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାମାନଙ୍କ ସହ ପାଞ୍ଚ ହଜାରରୁ ଅଧିକ ଲୋକ ପଦଯାତ୍ରା ଓ ସଭାରେ ଯୋଗ ଦେଇଥିଲେ।

# କୁମ୍ଭାରଢାମୁଣିକୁ ନୂତନ ବ୍ଲକ ଘୋଷଣା ଦାବି ଜୋର ଧରିଲା



ବିଷମ କଟକ ୨୨।୧୦(ସମିସ): ବର୍ତ୍ତମାନ ରାଜ୍ୟର ବିଭିନ୍ନ ଗ୍ରାମପଞ୍ଚାୟତକୁ ବ୍ଲକ ଘୋଷଣା ନେଇ ଦାବି ଜୋର ଧରିଥିବା ବଳେ ରାୟଗଡ଼ା ଜିଲ୍ଲା ବିଷମ କଟକର କୁମ୍ଭାର ଢ଼ାମୁଣିକୁ ନୂତନ ବ୍ଲକ ଘୋଷଣା ନେଇ ଦାବି ଜୋର୍ ଧରିଥିବା ଦେଖିବାକୁ ମିଳିଛି। ଏହି ବାବଦରେ ଦାବି ସମ୍ବଳିତ ଦାବି ପତ୍ର ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଆଜି ବିଷମ କଟକ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରଦାନ କରାଯାଇଛି। ଆଜି ସକାଳେ କୁମ୍ଭାରଢାମୁଣି ସରପଞ୍ଚ କେଶବ କୁମ୍ବୁରୁକାଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷଙ୍କ ଉପସ୍ଥିତିରେ ବିଷମକଟକ ମାଁ ମାର୍କମା ମନ୍ଦିରରେ ପୂଜାର୍ଚ୍ଚନା କରି ବିଷମ କଟକ ତହସିଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ନୂତନ ବ୍ଲକ ନିର୍ମାଣ ନିମନ୍ତେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ରରେ ବିଷମ କଟକ ବ୍ଲକକୁ ବିଭାଜନ କରି ବିଷମ କଟକ ଜିଲ୍ଲାପରିଷଦ "ଖ" ଜୋନ୍ ରେ ରହୁଥିବା ସାହାଡା, ରାଶିକୋଲା, ଡୁମୁରିନେଳି, କଣାବାଇ,ବେଥିଆପଡା, ଥୁଆପାଡି, କୁମ୍ଭାରଢ଼ାମୁଣି, ହାଜାରିଡାଙ୍ଗ ଗ୍ରାମ ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରବି ଚୌଧୁର, ସୁଶାନ୍ତ ତୁଇକା, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ପିଡିକାକା, କଣାବାଇ ସମିତି ରକ୍ଷିତା କଣ୍ଡାଗୋରୀ ସମେତ ବିଭିନ୍ନ ପଞ୍ଚାୟତ ର ଗ୍ରାମ ବାସୀ ଉପସ୍ଥିତ ଥିଲେ। ଭୌଗଳିକ ଅବସ୍ଥିତି ଦୃଷ୍ଟି ରୁ କୁମ୍ଭାରଢାମୁଣିକୁ ବ୍ଲକ ଘୋଷଣା କଲେ ଅନ୍ୟ ଗ୍ରାମ ପଞ୍ଚାୟତବାସୀମାନଙ୍କ ବିକାଶ ସହ ସମସ୍ତ ପଞ୍ଚାୟତକୁ ଗମନାଗମନର ସୁବିଧା ହେବବୋଲି ପ୍ରକାଶ କରିଛନ୍ତି।

## ସ୍ୱାଭିମାନ ଅଞ୍ଚଳରେ ଡିଜିଟାଲ ଇଣ୍ଡିଆର ବିକଳ ଚିତ୍ର

# ଅନଲାଇନ୍ କାର୍ଯ୍ୟ ପାଇଁ ପାହାଡ଼ ଚଢୁଛନ୍ତି ଲୋକେ

ମାଲକାନଗିରି/ଚିତ୍ରକୋଣ୍ଡା, ୨୨।୧୦ (ସମିସ):



ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳରେ ଡିଜିଟାଲ ଇଣ୍ଡିଆର ବିକଳ ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ମୋଇବଲ ନେଟୱାର୍କ ଜନିତ ସମସ୍ୟା ଲାଗି ରହିଥିବା ବେଳେ ସରକାର ମୋବାଇଲ ନେଟୱାର୍କ ସ୍ଥାପନ ଦିଗରେ ଯଥେଷ୍ଟ ପଦକ୍ଷେପ ନେଉ ନଥିବାରୁ ଅଞ୍ଚଳରେ ଲୋକେ ବିଭିନ୍ନ ସରକାରୀ ଅନଲାଇନ କାର୍ଯ୍ୟ ଓ ସେବା ପାଇଁ ବର୍ତ୍ତମାନ ନେଟୱାର୍କ ଅନ୍ୱେଷଣରେ ପାହାଡ ଉପରକୁ ଯାଇ ନେଟୱର୍କ ଆସୁଥିବା ସ୍ଥାନରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ଥିବା ସ୍ୱାଭିମାନ ଅଞ୍ଚଳର ରାଲେଗଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନେଟୱର୍କ ସମସ୍ୟା ଲାଗି ରହିଛି। ତେବେ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ ଡିଜିଟାଲ ଇଣ୍ଡିଆର କଥା କହି ଅନେକ ସରକାରୀ କାର୍ଯ୍ୟକୁ ଅନଲାଇନ ଯୋଗେ କରିବାକୁ ଘୋଷଣା କରିଥିବା ଏହି ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ଲୋକେ ସଠିକ ଭାବେ ସରକାରୀ ସେବା ଓ ବିଭିନ୍ନ କାର୍ଯ୍ୟ କରିବାରୁ ବଞ୍ଚିତ ହେଉଛନ୍ତି। ଖାସ ସେଇଥି ପାଇଁ ରାଲେଗଡା ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ନିଜର ଆଧାର ଅପଡେଟ, ପିଏମ କିଶାନ, କେୱାଇସି ଭଳି ବିଭିନ୍ନ ଅନଲାଇନ କାର୍ଯ୍ୟ ପାଇଁ ବନଝୁଲି ଗ୍ରାମ ନିକଟରେ ଥିବା ପାହାଡ ଉପରକୁ ଯାଇ ସେଠାରେ ଏହି କାର୍ଯ୍ୟ କରୁଛନ୍ତି। ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧଙ୍କ ସହ କେବଳ ଜନ ସାଧାରଣ ନୁହନ୍ତି, ଅନଲାଇନ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀ ମାନେ ମଧ୍ୟ ନିଜ ବିଭିନ୍ନ ଯନ୍ତ୍ରପାତି ସହ ପାହାଡ ଉପରକୁ ଯାଇ ସେଠାରେ ଜରି ପାଲ ଟାଣି ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବା ପରେ ଦୂର ଦୁରାନ୍ତ ଗ୍ରାମରୁ ଲୋକେ ଚାଲି ଚାଲି ଏହି ପାହାଡ ଉପରେ ପହଞ୍ଚି ଅନଲାଇନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହି ଚିତ୍ର କେନ୍ଦ୍ର ସରକାରଙ୍କ ଡିଜିଟାଲ ଇଣ୍ଡିଆ ନାରାକୁ ଉପହାସ କରୁଥିବା ଭଳି ମନେ ହେଉଥିବା ବିକାଶର ଡିଣ୍ଡିମ ପିଟୁଥିବା ସରକାର ସାଧାରଣ ନେଟୱର୍କ ସମସ୍ୟା ଟିକିକ ଦୂର କରିବାରେ ଅସମର୍ଥ ଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ରାସ୍ତା ପାଲଟିଛି ମରଣଯନ୍ତା



କଲ୍ୟାଣସିଂହପୁର,୨୨।୧୦(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ନିୟମଗିରିକୁ ସଂଯୋଗ ରାସ୍ତା ପାଲଟିଛି ମରଣଯନ୍ତା। ପ୍ରାୟ ୧୦ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କଲ୍ୟାଣସିଂହପୁର ଠାରୁ ପାର୍ଶାଲି ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୨କିମି ରାସ୍ତା ତିଆରି କରାଯାଇଥିଲା। ରାସ୍ତା ତିଆରି କରିବା ୫ବର୍ଷ ପରେ ତାର ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୪୦ ଲକ୍ଷ ଟଙ୍କା ରଖାଯାଇଥିଲା। ସେହି ଟଙ୍କାରେ ରାସ୍ତାରେ ରକ୍ଷଣାବେକ୍ଷଣ କରା ନ ଯାଇ ମିଥ୍ୟ ବିଲକରି ଉକ୍ତ ଟଙ୍କାକୁ ଠିକାଦାର ଓ ବିଭାଗୀୟ ଅଧିକାରୀ ମାନେ ଆସୋତ କରିଥିବା ଅଭିଯୋଗ ହୋଇଛି। ଏହାପରେ ଉକ୍ତ ରାସ୍ତାରେ ପ୍ରାୟ ଦୁଇ କିମି ରାସ୍ତା ମରାମତି କରି ଛାଡି ଦିଆଯାଇଛି। ତାହା ମଧ୍ୟ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ସ୍ଥାନେ ସ୍ଥାନେ ଖାଲଖମା ହୋଇ ରହିଛି। ଘାଗୁଡ଼ିମାଳ ଠାରୁ ପାର୍ଶାଲି ପର୍ଯ୍ୟନ୍ତ ପ୍ରାୟ ୯ କିମି ରାସ୍ତା ସମ୍ପୂର୍ଣ୍ଣ ବଡ଼ ବଡ଼ ଖାଲ ଖମା ହୋଇ ରହିଥିବା ବେଳେ କେତେ ସ୍ଥାନରେ ରାସ୍ତା ପାଶ୍ୱର୍ ରୁ ମାଟି ଖସି ଅଣଓସାରିଆ ହୋଇ ଥିବା ଦେଖିବାକୁ ମିଳିଛି। ବର୍ଷା ହୋଇ ସମସ୍ତ ଖାଲରେ ପାଣି ଭର୍ତ୍ତି ହୋଇରହିଛି। ବିପଦ ସଂକୁଳଅବସ୍ଥାରେ ପାର୍ଶାଲି ରାସ୍ତା ଥିବାବେଳେ ସରକାରୀ ଲକ୍ଷ୍ମୀ ବସ, ଅଟୋ, ଟାଟା ମ୍ୟୁଜିକ ଗୁଡିକ ପ୍ରତ୍ୟେକ ଦିନ ଯାତାୟାତ କରୁଛି। ବର୍ତ୍ତମାନ ତାହା ସବୁଦିନ ଖରାପ ହେଉଥିବା ଦେଖିବାକୁ ମିଳୁଛି। ପ୍ରାୟ ସମୟରେ ଗାଡିର କାଟାପ୍ଲେଟ ଭାଙ୍ଗୁଥିବା ନଜରକୁ ଆସୁଛି। ଉକ୍ତ ଅଞ୍ଚଳର ଡଙ୍ଗରିଆ କନ୍ଧ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଲକ୍ଷ୍ମୀ ବସ, ଟାଟା ମ୍ୟାଜିକ୍ ଓ ଅଟୋ ନଥିବାର ବାଧ ହୋଇ ଛୋଟ ପିଲାଙ୍କ ସହ ମହିଳା ମାନେ ଟ୍ରାକ୍ଟରରେ ବସି ଯାଉଥିବା ଦେଖିବାକୁ ମିଳୁଛି। ଅଞ୍ଚଳର ବାଇକ ଆରୋହୀ ମାନେ ଖାଲଖମାରେ ଗାଡ଼ି ପଡି ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହେଉଥିବା ବେଳେ କେତେଲୋକଙ୍କ ଜୀବନ ଚାଲି ଯାଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଏହି ରାସ୍ତାଟି ଲୋକଙ୍କୁ ମରଣଯନ୍ତା ବା ଦୁର୍ଘଟଣା ସ୍ଥଳ ପାଲଟିଛି। କୌଣସି ଏକ ବଡ଼ ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଉକ୍ତ ରାସ୍ତା ମରାମତି କରିବା ପାଇଁ ନିୟମଗିରି ଅଞ୍ଚଳବାସୀ ଦାବି କରୁଛନ୍ତି।

# 'ସ୍କୁଲ ଫେର' ଅଭିଯାନରେ ୧୮୦୦ ପିଲାଙ୍କ ନାମଲେଖା

ମାଲକାନଗିରି, ୨୨।୧୦ (ସମିସ): ସ୍କୁଲ ଛାଡ଼ିଥିବା ପିଲା ତଥା ଡ୍ରପ୍ ଆଉଟ୍ ହାରକୁ ରୋକିବା ପାଇଁ 'ସ୍କୁଲକୁ ଫେର' କାର୍ଯ୍ୟକ୍ରମ ଅଧୀନରେ ମାଲକାନଗିରିରେ ୧୮୦୦ରୁ ଅଧିକ ଛାତ୍ରଛାତ୍ରୀ ପୁଣି ବିଦ୍ୟାଳୟ ମୁହାଁ ହୋଇଛନ୍ତି। ଏନେଇ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ମାଲକାନଗିରି ଜିଲ୍ଲା ପ୍ରଶାସନ ଦ୍ୱାରା ସ୍କୁଲ ଫେରିବା ଅଭିଯାନରେ ଏପର୍ଯ୍ୟନ୍ତ ୧୮୦୦ରୁ ଅଧିକ ପିଲାଙ୍କ ପୁନଃ ନାମ ଲେଖାଯାଇଛି। ଯେଉଁମାନେ ପାଠପଢ଼ା ଛାଡି ଥିଲେ କିମ୍ବା କେବେ ନାମ ଲେଖାଇ ନଥିଲେ, ସେମାନଙ୍କୁ ଚିହ୍ନଟ କରାଯାଇ ଶିକ୍ଷା ପାଇଁ ଦ୍ୱିତୀୟ ସୁଯୋଗ ଦିଆଯାଉଛି। ଜିଲ୍ଲା ପ୍ରଶାସନ ପୂର୍ବରୁ ବିଭିନ୍ନ ବ୍ଲକରେ ଏହି ଶିବିର ସ୍ଥାପନ କରି ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ପଞ୍ଜୀକରଣ କରିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ୧୪ ବର୍ଷରୁ ଅଧିକ ବୟସର ଛାତ୍ରଛାତ୍ରୀ ଯେଉଁମାନେ ଅଧାରୁ ପାଠପଢ଼ା ଛାଡି ଦେଇଥିଲେ, ସେମାନେ ବର୍ତ୍ତମାନ ସିଧାସଳଖ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇପାରିବେ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବୟସ୍କ ଛାତ୍ରଛାତ୍ରୀମାନେ ଶୀଘ୍ର ମୁଖ୍ୟଧାରାର ଶିକ୍ଷାରେ ପୁନଃ ସାମିଲ କରିବା। ଅନେକ ଛାତ୍ରଛାତ୍ରୀ ଦାରିଦ୍ର୍ୟ ଯୋଗୁଁ ପାଠ ଛାଡ଼ିଥିବା ବେଳେ ପରିବାର ସହ କିମ୍ବା ବିଭିନ୍ନ ସ୍ଥାନରେ ମୂଲ ଲାଗୁଥିବା ବେଳେ ସେମାନେ ବର୍ତ୍ତମାନ ପୁନଃ ନାମ ଲେଖାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ମୋଟ ୮୧୧୧ ପିଲାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୦୭୫ ଜଣ ପାଠପଢ଼ା ଛାଡି ଦେଇଥିଲେ। ଓ ୨୦୩୬ ଜଣ କେବେ ସ୍କୁଲ ଯାଇ ନଥିଲେ। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୧୮୯୭ ଜଣ ଛାତ୍ରଛାତ୍ରୀ ପୁନଃ ନାମ ଲେଖାଇଛନ୍ତି। ଏହି ପଦକ୍ଷେପରେ ବଡ଼ ଛାତ୍ରଙ୍କ ପାଇଁ ଶନିବାର ଏବଂ ରବିବାର ଶିକ୍ଷା ଦାନର ବ୍ୟବସ୍ଥା ରହିଥିବା ବେଳେ ଛୋଟ ପିଲାମାନଙ୍କୁ ବୈଦିକ ଶ୍ରେଣୀ ପାଇଁ ବିଭିନ୍ନ ଗ୍ରେଡରେ ରଖାଯାଉଛି। ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଥିବା ଜଣା ପଡିଛି।



# ବୋରିଗୁମ୍ମାରେ ଅବାଧ ନକଲି ଗୁଟ୍ଖା ବିକ୍ରି

ବୋରିଗୁମ୍ମା, ୨୨।୧୦(ସମିସ): ବିଗତ ଦିନରେ ବୋରିଗୁମ୍ମା ସହରରୁ ଜବତ ହୋଇଥିଲା ମାଲ ମାଲ ନକଲି ଗୁଟ୍ଖା ପ୍ୟାକେଟ୍। କିଛି ନକଲି ଓ କିଛି ଅସଲି। ଯାହାକୁ ଜାଣିତ ବା ଅଜାଣତରେ ଖାଉଥିଲେ ଲୋକେ। ବିଭିନ୍ନ ଅଞ୍ଚଳରୁ ଏକ ଲକ୍ଷ ଟଙ୍କାରୁ ଅଧିକ ବିଭିନ୍ନ କମ୍ପାନୀର ଗୁଟ୍ଖା, ଭାଙ୍ଗ, ବିଡ଼ି ଓ ତମାଖୁ ପ୍ୟାକେଟ ବସ୍ତା ଗୁଡିକୁ ଜବତ କରିଥିଲା ଟିମ୍। ଘଟଣାରେ ପ୍ରମୁଖ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଫାଇନ୍ ବାବଦରେ ଆଦାୟ କରାଯାଉଥିବା ବେଳେ ଜବତ ଗୁଟ୍ଖା ଦ୍ରବ୍ୟ ସବୁ ନବରଙ୍ଗପୁର ଓ ନବରଙ୍ଗପୁର ଅଞ୍ଚଳରୁ ଆସୁଥିବା ଜଣାପଡିଥିଲା। ସବୁଠାରୁ ବଡ କଥା ହେଲା କି, ଏଥିରୁ କିଛି ମାଲ ନକଲି ଥିବା ବି ଜଣାପଡିଛି। ଏହାସହ ୮୫ ପ୍ରତିଶତ ପ୍ୟାକେଟଗୁଡ଼ିକରେ ଓ୍ୱାର୍ଣ୍ଣିଂ ଲେବେଲ ନ ଥିବା ଜଣାପଡିଛି। ଫଳରେ ଉକ୍ତ ଦୋକାନକୁ ସିଲ୍ କରାଯାଇଥିଲା। ଜବତ ନକଲି ଗୁଟ୍ଖା ମଧ୍ୟରେ ନକଲି ଦ୍ରବ୍ୟ ମିଶିଥିବା ସନ୍ଦେହରେ ସେ ସବୁକୁ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ମାନ ନିର୍ଦ୍ଧାରଣ ପାଇଁ ତଥା ପରୀକ୍ଷା ପାଇଁ ଭୁବନେଶ୍ୱର ଲାବୋରେଟରୀକୁ ପଠାଯାଇ ବୋଲି ସାଧାରଣରେ ଦାବି ହେଉଛି। ସେପଟେ ଷ୍ଟକ୍ ରଖିଥିବା ବ୍ୟବସାୟୀ କହିଛନ୍ତି ଯେ କଳାହାଣ୍ଡି ଓ ବାହାର ଜିଲ୍ଲାରୁ ସବୁ ଗୁଟ୍ଖା ଆସୁଥିବା ବେଳେ ପୋଲିସ ସବୁ ମାଲ୍ ଜବତ କରିଛି କିନ୍ତୁ ନକଲି ଗୁଟ୍ଖା ନେଇ ଜାଣିନଥିବା ବ୍ୟବସାୟୀ କହିଛନ୍ତି। କଟକଣାକୁ ମାନୁନାହାନ୍ତି ଅମାନିଆ। ଦୋକାନୀ ବିକ୍ରି କରିବାରେ ହେଳା କରୁନାହାନ୍ତି କି ଗ୍ରାହକମାନେ ସୁଧୁରୁନାହାନ୍ତି। ନକଲି ଗୁଟ୍ଖା ଖାଇ ନିଜ ମୂଲ୍ୟବାନ ଜୀବନକୁ ବାଜି ଲଗାଉଛନ୍ତି। ତେବେ ଓ୍ୱାଇନ ଭାବେ ଚାଲିଥିବା ଗୁଟ୍ଖା କାରବାର ଉପରେ ରୋକେ ଲଗାଇବାକୁ ବିଭିନ୍ନ ସମୟରେ ଦୋକାନ ମାନଙ୍କ ଉପରେ ଚଢଉ କରାଯାଉଥିବାବେଳେ,ବ୍ୟାପକ ପରିମାଣର ଗୁଟ୍ଖା ଜବତ କରାଯାଉଛି। ତଥାପି ସୁଧୁରିବାର ନାଁ ନେଉନାହାନ୍ତି ବ୍ୟବସାୟୀ।



ରାୟଗଡ଼ା କାଳୀପୂଜା ଦଶମହାବିଦ୍ୟା ପୂଜାର ତୃତୀୟ ଦିନ



ମଣ୍ଡପରେ ତ୍ରିପୁରା ସୁନ୍ଦରୀ ପୂଜା, ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭିଡ଼

# କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ ନକ୍ସା ଅନୁମୋଦିତ

କୋରାପୁଟ,୨୨।୧୦(ସମିସ):କୋରାପୁଟ ସହରବାସୀଙ୍କ ବହୁବର୍ଷ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି।କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ ଏବଂ ନକ୍ସା ଅନୁମୋଦନ କରିବା ପାଇଁ ଦିଲ୍ଲୀ ଠାରେ ଜାତୀୟ ରାଜପଥ ପ୍ରାଧିକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋରାପୁଟ ବାଇପାସ ପ୍ରକଳ୍ପ ଏବଂ ନକ୍ସା ଅନୁମୋଦନ ହୋଇଥିବା କୋରାପୁଟ ବିଧାୟକ ରଘୁରାମ ମାଛ ସୂଚନା ଦେଇଛନ୍ତି। ମେଣ୍ଟୁଗୁଡା ଛକରୁ ମାନବର, ରେଳିକୁମ୍ଭା,ଚିନ୍ଦ୍ରୀ ଦେଇ ଭବାନୀନଗରରେ ବାହାରିବ ଏହି ନୂତନ ବାଇପାସ ରାସ୍ତା ବୋଲି ଜଣାପଡିଛି।କୋରାପୁଟ ସହରରେ ଜନସଂଖ୍ୟା ବୃଦ୍ଧି ପାଇଛି। ସହର ମଧ୍ୟରେ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣାକୁ ଏଡାଇବା ପାଇଁ ଏକ ବାଇପାସର ଆବଶ୍ୟକତା ରହିଛି। ବହୁବର୍ଷ ପୂର୍ବରୁ ସହରବାସୀ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଦାବୀ କରିଥିଲେ। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ବୈଠକ କରାଯାଇଥିବା ସତ୍ତ୍ୱେ ପ୍ରକଳ୍ପ ଆଗେଇ ପାରୁ ନ ଥିଲା। କୋରାପୁଟ ବାଇପାସ୍ ରାସ୍ତା ନିର୍ମାଣ କରିବା ସ୍ଥାନୀୟ ବିଧାୟକ ରଘୁରାମ ମାଛଙ୍କ ପ୍ରାଥମିକତା ରହିଥିଲା। ସେଥି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ବିଧାୟକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ନକ୍ସାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଥିଲା କୋରାପୁଟ ବିଧାୟକ ରଘୁରାମ ମାଛ ଗତ ଜୁଲାଇ ମାସରେ ଦିଲ୍ଲୀ ଯାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ କୁ ଅନୁମୋଦନ କରିବାକୁ ଦାବି ପତ୍ର ପ୍ରଦାନ କରିଥିଲେ। ଏଥିସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ଏବଂ ରାଜପଥ ପ୍ରାଧିକରଣ କମିଟିର ବୈଠକରେ କୋରାପୁଟ ବାଇପାସ ରାସ୍ତା ପ୍ରକଳ୍ପ ନକ୍ସା ଅନୁମୋଦିତ ହୋଇଥିବା ଜଣାପଡିଛି। ଏଥି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଜଣାଇଛନ୍ତି। ବହୁବର୍ଷ ପ୍ରତୀକ୍ଷାର ଅନ୍ତ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ପ୍ରଚେଷ୍ଟାରେ ହେବାକୁ ଯାଉଛି। ଏଥି ନିମନ୍ତେ କୋରାପୁଟ ସହରବାସୀ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ଆନ୍ତରିକତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଭଗବାନ ଧନ୍ୱନ୍ତରୀ ଜୟନ୍ତୀ

ଜୟପୁର,୨୨। ୧୦(ସମିସ): ଜୟପୁର ସହରର ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୁର୍ବେଦର ଜନକ ବୈଦରାଜ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଥିଲା।କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଭଗବାନ ଧନ୍ୱନ୍ତରୀଙ୍କୁ ବୈଦିକ ରୀତିନୀତି ଏବଂବିଧି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏହି ଅବସରରେ ଡା. ସୁଦର୍ଶନ ଗୌଡ, କବିରାଜ କ୍ଷେତ୍ରବାସୀ ପରିଷଦର ସହ ସମ୍ପାଦକ ସତ୍ୟନାରାୟଣ ପରିଚ୍ଛା, ଉପଦେଷ୍ଟା ଶିବକେଶବ ଦାସ, ସଂଯୋଜକ ତ୍ରିପତୀ ସାହୁ, ଜୁପିଟର ମିଶ୍ର, ଡା. ଶ୍ରୀକାନ୍ତ ମହାପାତ୍ର, ଶ୍ରୀଅଂଶ ପାତ୍ର, ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ପରମେଶ୍ୱର ପାତ୍ରଙ୍କ ଏହି କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ୬ ଘଣ୍ଟା ଧରି ଓଡ଼ିଶା-ଆନ୍ଧ୍ର ଗାଡ଼ି ଚଳାଚଳ ବନ୍ଦ



ପଟ୍ଟାଙ୍ଗି,୨୨।୧୦(ସମିସ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ସାଲୁର୍ ଘାଟିରେ ଓଲଟି ପଡିଥିବା ଗ୍ୟାସ ବୋଝେଇ ଟ୍ୟାଙ୍କରକୁ ଉଦ୍ଧାର ପାଇଁ କାର୍ଯ୍ୟ ଚାଲିଥିବା ଯୋଗୁଁ ଦୀର୍ଘ ୬ ଘଣ୍ଟା କାଳ ଆନ୍ତଃରାଜ୍ୟ ରାସ୍ତା ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ ପଡୋଶୀ ଆନ୍ଧ୍ର ରାଜ୍ୟର ପାସପେଣ୍ଡା ଥାନା ଅନ୍ତର୍ଗତ ରୋଡାବାଲସା ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ଓଡ଼ିଶା ଦିଗକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ସାଲୁର୍ ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆଜି ଉକ୍ତ ଦୁର୍ଘଟଣା ହୋଇଥିବା ଟ୍ୟାଙ୍କର ଟିକୁ ଆନ୍ଧ୍ର ପୋଲିସ ପହଞ୍ଚି କ୍ରେନ୍ ସହାୟତାରେ ସକାଳ ୧୦ଟା ସମୟରେ ଉଠାଇବାକୁ ଚେଷ୍ଟା କରିଥିଲା। ଫଳରେ ଦୀଘ ସମୟ ଧରି ରାସ୍ତା ଜାମ ରହିଥିଲା ବେଳେ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଠାରୁ ଆରମ୍ଭ କରି କାର, ବସ୍ ଅଟକି ରହିଛି। ଏହି ଉଦ୍ଧାର କାର୍ଯ୍ୟ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଓଡିଶାର ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କ ଉପସ୍ଥିତିରେ ପୋଲିସ କର୍ମଚାରୀ ଅଟକି ରହିଥିବା ଗାଡ଼ି ଗୁଡ଼ିକ ଟ୍ରାଫିକ ଜାମ୍ ନ ହେବା ପାଇ ପଦକ୍ଷେପ ନେଇଥିଲେ।

# ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର

ଜୟପୁର,୨୨।୧୦(ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ସ୍ଥାନୀୟ ପୁଟୁରା ନଦୀରୁ ଗୋଟିଏ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୃତଦେହର ପରିଚୟ ମିଳିନାହିଁ। ଗତକାଲି ଧନପୁର ପଞ୍ଚାୟତର ଝିଲିମିଲି ଗୁଡା ଗ୍ରାମରକ୍ଷୀ ବିଜୟ କୁମାର ହରିଜନ ଗାଗନାପୁର ଫାଣି ଏକମ୍ବା ନିକଟସ୍ଥ ପୁଟରା ନଦୀରେ ଏକ ମୃତଦେହ ଭାସୁଥିବା ନେଇ ନିଜେ ଘଟଣାସ୍ଥଳରେ ଦେଖିବା ପରେ ସଦର ଥାନାକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ସଦର ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରିବା ସହ ଜିଲ୍ଲା ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ କରାଯିବା ପରେ ଶୀତଳ କୋଠରୀରେ ସଂରକ୍ଷିତ ଭାବେ ରଖାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମୃତଦେହର ପରିଚୟ ମିଳିନଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ମା'ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବୈଠକ




ନବରଙ୍ଗପୁର,୨୨।୧୦ (ସମିସ) : ନବରଙ୍ଗପୁର ଜିଲ୍ଲାରେ ମା'ଓ ଶିଶୁ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଉଦ୍ଦେଶ୍ୟ ଶିଶୁ ଓ ମା'ର ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ପ୍ରତିବନ୍ଧକ ଗୁଡ଼ିକ ମିଳିତ କାର୍ଯ୍ୟପନ୍ଥା ଦ୍ୱାରା ଦୂର କରାଯିବ ଏବଂ ମାଆ ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ଉନ୍ନତି କରାଯିବ। ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ହିତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚି ପାରିବ। ଜିଲ୍ଲାରୁ ସମସ୍ତ ଅପହଞ୍ଚ ଅଞ୍ଚଳରୁ ଗର୍ଭବତୀ ମା'ମାନେ ନିରାପଦ ମାତୃତ୍ୱ ପାଇଁ ମା' ଗୃହକୁ କିପରି ଆସିବେ, ସମସ୍ତ ସିଡିପିଓ ଓ ମେଡ଼ିକାଲ ଅଫିସରଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଗଲ। ଏହି କର୍ଯ୍ୟକ୍ରମ ରେ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯିବା ବିଷୟରେ ସମସ୍ତ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀଙ୍କୁ ଅବଗତ କରାଇବା ପାଇଁ ସି ଡି ପି ଓ ଏବଂ ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ସିଡିଏମଓ ଡ. ସନ୍ତୋଷ ପଣ୍ଡା, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଏଡିପିଏଚଓ ଡ ମଳୟ କୁମାର ତ୍ରିପାଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦୌପଦୀ କହଁର, ଡିପିଏମ, ଏନ୍ଏଚଏମ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରୁକୋଣ୍ଡା/ବାଲିମେଳା,୨୨।୧୦(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ସ୍ଥିତ ଟାଉନ ହଲଠାରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ଠାକୁରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଯୋଗଦେଇ ଶିବିର ସମ୍ବନ୍ଧରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା ଏବଂ ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ମଞ୍ଚାସୀନ ଥିଲେ। ଆଜିର ଏହି ଶିବିରରେ ସର୍ବମୋଟ ୯୫ ଜଣ ପଞ୍ଜିକୃତ କରାଇ ନିଜ ନିଜର ପରୀକ୍ଷା କରାଇଥିଲେ। ଦୃଷ୍ଟିବାଧିତ ବିଭାଗରେ ୧୮, ଶ୍ରବଣ ବାଧିତ ବିଭାଗରେ ୧୮, ଅସ୍ଥିଶଲ୍ୟ ବିଭାଗରେ ୩୮, ମାନସିକ ବାଧିତ ବିଭାଗରେ ୭ ଏବଂ ଅନ୍ୟାନ୍ୟ ବିଭାଗରେ ୧୪ଜଣ ପରୀକ୍ଷା କରାଇଥିଲେ। ସମସ୍ତ ବିଭାଗ ଗୁଡିକରେ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଲୋକମାନଙ୍କର ପରୀକ୍ଷା କରିଥିଲେ। ଡାକ୍ତର ଅଭିଦ ହୁସେନ, ଡାକ୍ତର ପ୍ରଫୁଲ୍ଲ ବେହେରା, ଡାକ୍ତର ଶିବାନନ୍ଦ ବୁଦ୍ଧ, ଡାକ୍ତର ନିରଞ୍ଜନ କର ଏବଂ ଡାକ୍ତର ନିରଞ୍ଜନ ବେହେରା ପ୍ରମୁଖ ଆଜିର ଶିବିରରେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଗୌଡ଼ ପରିଚାଳନା କରିଥିଲେ।

# ଶ୍ମଶାନକୁ ଯିବାକୁ ଶବ ଖୋଜୁଛି ରାସ୍ତା

● ସମାଧାନ ନହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ



କୁନ୍ଦୁରା,୨୨।୧୦(ସମିସ): ଶ୍ମଶାନକୁ ଯିବାକୁ ନାହିଁ ରାସ୍ତା। ଚାଷ ଜମି ଦେଇ ଖାଲଖମାରେ ଶବ ନେଉଛନ୍ତି ଗାଁ ଲୋକେ।କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତର ପୂଜାରୀପୁଟ ଠାରେ ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଆଜି ଗାଁର ବୃଦ୍ଧ ଡମ୍ବୁରୁ ହରିଜନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘିଟିଛି । ହେଲେ ମଶାଣିକୁ ରାସ୍ତା ନ ଥିବା ଯୋଗୁଁ ଚାଷ ଜମି ଦେଇ ଖାଲଖମା ରାସ୍ତାରେ ଶବ ବୋହି ନେଉଛନ୍ତି ଗାଁ ଲୋକେ। ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଶ୍ମଶାନ ଥିବା ବେଳେ କାନ୍ଧରେ ବହୁ କଷ୍ଟରେ ବୋହି ଆଣୁଛନ୍ତି ଶବ। ଏହା କେବଳ ଆଜି ଗୋଟିଏ ଦିନର ଘଟଣା ନୁହେଁ, ଦଶନ୍ଧି ଦଶନ୍ଧି ଧରି ଏଭଳି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଗାଁରେ କେହି ମରିଗଲେ, ମଶାଣିକୁ ଶବ ନେବାକୁ ଲୋକଙ୍କ ମୁଣ୍ଡରେ ଚିନ୍ତା ପଶୁଛି । ଗାଁ ଠାରୁ ମଶାଣିକୁ ରାସ୍ତା ନିର୍ମାଣ ପାଇଁ ବହୁବାର ଅଭିଯୋଗ ହୋଇଛି । ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ । ଗ୍ରାମବାସୀଙ୍କ ଏହା ଏକ ପ୍ରମୁଖ ସମସ୍ୟା । ତେଣୁ ରାସ୍ତା ନିର୍ମାଣ ନିମନ୍ତେ ଦାବି କରିଛନ୍ତି ଗ୍ରାମବାସୀ। ଶ୍ମଶାନକୁ ପକ୍କା ରାସ୍ତା ନିର୍ମାଣ ନ ହେଲେ ରାଜ ରାସ୍ତାକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି ନାଏବ ସରପଞ୍ଚ ସଦନ ଖରା, ୱାଡର୍ ସଭ୍ୟ ଖଗପତି ପୂଜାରୀ ଏବଂ ଗ୍ରାମବାସୀ।

# ଦିବ୍ୟାଙ୍ଗ ଚିହ୍ନଟ ତାଲିମ ଶିବିର

ଜୟପୁର,୨୨।୧୦(ସମିସ): ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଚିହ୍ନଟ ତାଲିମ ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୩୧ ଅଙ୍ଗନବାଡି କର୍ମୀ ତାଲିମ ଗ୍ରହଣ କରିଥିଲେ। ବିଡିଓ ଶକ୍ତି ମହାପାତ୍ର ଉପସ୍ଥିତ ରହି ଦିବ୍ୟାଙ୍ଗ ଚିହ୍ନଟ ହେବା ପରେ ସେମାନଙ୍କୁ ସରକାରଙ୍କ ରହିଥିବା ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢୀ, ପୁନମ ସାହୁ, ସସ୍ମିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଖାଉଟି ଅଦାଲତରେ ବ୍ୟାଙ୍କ ଦଣ୍ଡିତ

ଜୟପୁର,୨୨।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ (ଖାଉଟି ଅଦାଲତ) ରେ ଗତ ୧୪ ତାରିଖରେ ଏକ ବିବାଦର ସମାଧାନ କରି ତାଙ୍କ ରାୟରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ମ୍ୟାନେଜରକୁ ଦୋଷୀ ସାବସ୍ତ୍ୟ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ତାଙ୍କ ଜମାଖାତାର ଟଙ୍କା ଏବଂ ସ୍ଥାୟୀ ଜମା ରାଶି ସମେତ ବ୍ୟାଙ୍କ ସୁଧ ଅନୁଯାୟୀ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ଜୟପୁର ସହରର ବିକ୍ରମ ନଗରର ବାସିନ୍ଦା ଗୁପ୍ତ ପ୍ରସାଦ ସାହୁ ଗତ ୨୦୦୮ ମସିହା ଏପ୍ରେଲ ୧୮ ତାରିଖରେ ବ୍ୟାଙ୍କର ନୀତନ ଯୋଜନା ଅନୁଯାୟୀ ୨୫ ହଜାର ଟଙ୍କା ସ୍ଥାୟୀ ଜମା କରିଥିଲେ। ଏହିପରି ଦୀର୍ଘ ୧୫ ବର୍ଷ ପରେ ୨୦୨୨ ମସିହା ଅଗଷ୍ଟ ୮ ତାରିଖରେ ବ୍ୟାଙ୍କ ପକ୍ଷରୁ ତାଙ୍କର ଜମାରାଶି ସମ୍ପର୍କ ସୂଚନା ଦେଇଥିଲେ। ଏହିପରି ବ୍ୟାଙ୍କ ଯାଇ ତାଙ୍କର ଜମାଖାତାର ଷ୍ଟେଟମେଣ୍ଟ ବାହାର କରିବା ପରେ ଜାଣିବାକୁ ପାଇଥିଲେ ଯେ, ସ୍ଥାୟ ଜମାଟଙ୍କା ତାରିଖ ଠାରୁ ୨୦୧୧ ମସିହା ଏପ୍ରେଲ ୧୬ ତାରିଖ ପର୍ଯ୍ୟନ୍ତ ସୁଧ ପ୍ରଦାନ କରାଯାଇଥିବା ବେଳେ ବଳକା ୧୨ ବର୍ଷ ଟଙ୍କା ଜମା ରହିଥିଲେ ସୁଧ ଦିଆଯାଇନଥିଲା। ତେଣୁ ତୁରନ୍ତ ତାଙ୍କୁ ବଳକା ୧୨ ବର୍ଷର ୧ଲକ୍ଷ ଟଙ୍କା ସୁଧ ପ୍ରଦାନ କରିବା ନେଇ ପ୍ରଥମେ ବ୍ୟାଙ୍କ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ବ୍ୟାଙ୍କ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାନଯିବା ଫଳରେ ଗତ ୨୦୨୨ ମସିହା ଡିସେମ୍ବର ୨୩ ତାରିଖରେ ଜମାକାରୀ ଶ୍ରୀ ସାହୁ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ ଏବଂ ମାମଲା ଦାଖଲ କରିଥିଲେ। ଶେଷରେ ଏହାର ଶୁଣାଣି କରିବା ସହ ଖାଉଟୀ ଅଦାଲତର କମିଶନର ତାଙ୍କ ରାୟରେ ପ୍ରକୃତ ଜମାକାରୀଙ୍କ ସ୍ଥାୟୀ ଜମାରାଶି ୨୫ ହଜାର ଟଙ୍କା, ଏହାର ସୁଧ ବାବଦକୁ ୩୧ ହଜାର ୯୯୭ ଟଙ୍କା, ଜମାଖାତାରେ ରହିଥିବା ୨୦ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଆବେଦନକାରୀ ତଥା ଅଭିଯୋଗକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଆସନ୍ତା ୩୦ ଦିନ ମଧ୍ୟରେ ଉପରୋକ୍ତ ଟଙ୍କା ପ୍ରଦାନ କରା ନଗଲେ ବାର୍ଷିକ ୧୨ ପ୍ରତି ସୁଧରେ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶନାମରା ଉଲ୍ଲେଖ କରିଛନ୍ତି।

# ପୂର୍ବତନ ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୋଡ଼ାଗଡ଼,୨୨।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଗତକାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିଦାୟ ସମ୍ବର୍ଦ୍ଧନା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏହି ବୈଠକର ଆୟୋଜନ କରାଯାଇଥିଲା। ସୂଚନା ମୁତାବକ ଗତ ଦୁଇ ବର୍ଷ ତଳେ ବିଡ଼ିଓ ମିଳନ କୁମାର ଝାଙ୍କର ବ୍ଲକରେ ରହି ପ୍ରଶାସନିକ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପନ୍ନ କରି ଆସୁଥିଲେ। ତାଙ୍କର ହଠାତ୍ ବଦଳି ହୋଇ ଯିବାରୁ ତାଙ୍କ ସ୍ଥାନରେ ବର୍ତ୍ତମାନ ସିଦ୍ଧେଶ୍ୱର ନାୟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ମିଳନ କୁମାର ଝାଙ୍କରଙ୍କୁ ଆନୁଷ୍ଠାନିକ ଭାବେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିବା ଦେଖିବାକୁ ମିଳିଛି। ଦୁଇ ବର୍ଷ ମଧ୍ୟରେ ଜନପ୍ରିୟ ପ୍ରଶାସନ ଭାବେ କାମ କରୁଥିଲେ। ନିଜ କର୍ତ୍ତବ୍ୟ ରେ ସେ କେବେ ବି ଅବହେଳା ନ ଥିଲେ। ସରକାରୀ କର୍ମଚାରୀ ଠାରୁ ଆରମ୍ଭ କରି, ଜନପ୍ରତିନିଧି ଏବଂ ସାଧାରଣ ଜନତା ଙ୍କ ସହ ଭଲ ବ୍ୟବହାର ଓ ସୁସମ୍ପର୍କ ରହିଥିବା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋଇ, ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ସଡଙ୍ଗି, ବରିଷ୍ଠ ପିଇଓ ଯୁନାଥନ ହିଆଲ, ଗୋବିନ୍ଦ ରାଓ, କେତନ ହାଲବା, ରବି ତାମ୍ବାରି ଗଣେଶ କୁଳଦିପ ପ୍ରମୁଖ ପ୍ରକାଶ କରିଥିଲେ। ଏହା ପରେ ପିଇଓ ସଂଘ, ଏଡିଓ ସଂଘ, କନିଷ୍ଠ ଯନ୍ତ୍ରୀ ସଂଘ ବ୍ଲକ ଷ୍ଟାଫ୍ ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଟାଟା ପାୱାରର ମନମାନି ଅଭିଯୋଗ

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୪ ଖଣ୍ଡ ପଞ୍ଚାୟତବାସୀ

ବୈପାରିଗୁଡ଼ା,୨୨।୧୦(ସମିସ) ।



ମିଳୁନି ବିଦ୍ୟୁତ ସେବା, ତାତିଲେ ଲୋକେ। ଘେରିଲେ ବିଦ୍ୟୁତ କାର୍ଯ୍ୟାଳୟ। ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ କାର୍ଯ୍ୟାଳୟରେ ତାଲା ପକାଇବେ ଲୋକେ। ଏଭଳି କିଛି ଚେତାବନୀ ଦେଇଛନ୍ତି ବୈପାରୀଗୁଡା ବ୍ଲକର ଚାରି ଖଣ୍ଡ ପଞ୍ଚାୟତବାସି । ତିନି ମାସ ଧରି ବାରମ୍ବାର ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବା ଯୋଗୁଁ ଆଜି ବୈପାରିଗୁଡା ବ୍ଲକର ଚାରି ଖଣ୍ଡ ପଞ୍ଚାୟତର ଗ୍ରାମବାସୀ ଏକତ୍ରିତ ହୋଇ ବୈପାରିଗୁଡାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଭିଯୋଗ ଅନୁଯାୟୀ, ବୈପାରିଗୁଡା ବ୍ଲକର କାଠପଡା, କୋଲାର, ଚିପାକୁର ଏବଂ ଜି. ମାଝୀଗୁଡା ପଞ୍ଚାୟତରେ ଆଜିକୁ ତିନି ମାସ ଧରି ବାରମ୍ବାର ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଉକ୍ତ ଚାରୋଟି ପଞ୍ଚାୟତ ଦୁର୍ଗମ ତଥା ପାହାଡ଼ ଜଙ୍ଗଲ ଘେରାରେ ରହିଥିବାରୁ ଅଳ୍ପ ବର୍ଷା କିମ୍ବା ପବନ ହେଲେ ଗଛ ଭାଙ୍ଗି ପଡ଼େ। ଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ଯାଏ। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଏ। ବାରମ୍ବାର ଅଭିଯୋଗ କିମ୍ବା ଫୋନ୍ କଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଚାରି ପାଞ୍ଚ ଦିନ ପରେ ବିଦ୍ୟୁତ୍ ତାର ଯୋଡ଼ିବା ପାଇଁ ଆସନ୍ତି। ଲଘୁଚାପ ଜନିତ ବର୍ଷା ପବନରେ ପ୍ରାୟ ଗଛ ଗୁଡ଼ିକ ଉପୁଡ଼ି ପଡ଼ିଥାଏ। ଆଜିକୁ ତିନି ମାସ ଧରି ଲଘୁଚାପ ଜାରି ରହିଥିବା ବେଳେ ଏଭଳି ସମସ୍ୟା ଚାଲୁରହିଛି। ବିଦ୍ୟୁତ୍ କଟ୍ ହେଲେ ବିଭାଗକୁ ଜଣାଇବା ପରେ ମଧ୍ୟ ଠିକ୍ ସମୟରେ ଆସନ୍ତି ନାହିଁ। ଅଭିଯୋଗର ଚାରି ପାଞ୍ଚ ଦିନ ପରେ ବିଦ୍ୟୁତ୍ ସଜାଡ଼ିବା ପାଇଁ ଆସନ୍ତି। ଏଭଳି ପରିସ୍ଥିତିରେ ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ଦୁନିଆଁରେ ବଞ୍ଚିବାକୁ ପଡୁଛି ସେମାନଙ୍କୁ। ତିନି ପଞ୍ଚାୟତ ଜଙ୍ଗଲ ଭିତରେ ଥିବା ଯୋଗୁଁ ଅଧିକାଂଶ ସମୟରେ ବନ୍ୟଜନ୍ତୁଙ୍କ ଭୟ ରହୁଛି। ଏହାଛଡ଼ା ସରିସୃପ ଘରେ ପଶି ଆସନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ହୋଇଛି। ଚାରି ପାଞ୍ଚ ଦିନ ମୋବାଇଲ ବନ୍ଦ ହୋଇଯାଏ। ମୋବାଇଲ ବ୍ୟାଟେରୀ ନଥିଲେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼େ। ଆଜିକୁ ତିନି ମାସ ଧରି ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତିନି ପଞ୍ଚାୟତ ବାସୀଙ୍କୁ। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧହୋଇ ତିନି ଖଣ୍ଡ ପଞ୍ଚାୟତର ଗ୍ରାମବାସୀ ଏକତ୍ରିତ ହୋଇ ଆଜି ବୈପାରିଗୁଡା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବା ସହ ଆଗକୁ ଏଭଳି ସମସ୍ୟା ଦେଖାଗଲେ କାର୍ଯ୍ୟାଳୟରେ ତାଲା ପକାଇବା ସହ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବୈପାରିଗୁଡା ବିଦ୍ୟୁତ୍ କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ।

# ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳିଲେ ଟ୍ରମ୍ପ



ମୋଦୀଙ୍କୁ ଫୋନରେ ଜଣାଇଲେ ଶୁଭେଚ୍ଛା

ୱାସିଂଟନ, ୨୨।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳନ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଦୀପାବଳି ସମାରୋହରେ ସାମିଲ ହୋଇ ସେ ହିନ୍ଦୁ ସମ୍ପ୍ରଦାୟର ଲୋକ ଓ ନିଜ ପ୍ରଶାସନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଥିବା କହିଥିଲେ। ସେ ଭାରତରେ ରହୁଥିବା ନାଗରିକ ଓ ଭାରତୀୟ- ଆମେରିକୀୟଙ୍କୁ ଦୀପାବଳି ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଦୀପାବଳି ସମାରୋହରେ ଏଫ୍‌ବିଆଇ ନିର୍ଦ୍ଦେଶକ କାଶ ପଟେଲ, ରାଷ୍ଟ୍ରୀୟ ସୁରକ୍ଷା ନିର୍ଦ୍ଦେଶକ ତୁଳସୀ ଗବାର୍ଡ, ଆମେରିକାର ନିୟୋଜିତ ଭାରତୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର, ଭାରତର ଆମେରିକା ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରାଙ୍କ ସମେତ ଏକାଧିକ ଜଣାଶୁଣା ବ୍ୟକ୍ତି ଯୋଗ ଦେଇଥିଲେ। ଦୀପାବଳିରେ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନ ଉପରେ ଜ୍ଞାନର ଓ ଖରାପ ଉପରେ ଭଲ ବିଜୟର ପ୍ରତୀକ ବୋଲି ଟ୍ରମ୍ପ ନିଜ ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ। ସେ ମୁଖ୍ୟତଃ ବ୍ୟବସାୟ ଓ ବାଣିଜ୍ୟ ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି। ସେ ମୋଦୀଙ୍କୁ ଜଣେ ମହାନ ବ୍ୟକ୍ତି ଓ ମହାନ ବନ୍ଧୁ ବୋଲି କହିବାକୁ ପଛାଇ ନଥିଲେ। ମୋଦୀଙ୍କ ସହ ମୋର ଆଲୋଚନା ବେଶ୍ ଭଲ ଥିଲା ବୋଲି ଟ୍ରମ୍ପ ଉଲ୍ଲେଖ କରିଥିଲେ। ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଯୁଦ୍ଧ ନ ହେବା ଭଲ ବୋଲି କହିଥିଲେ।

# ଏସ୍-୪୦୦ ପାଇଁ କ୍ଷେପଣାସ୍ତ୍ର କିଣିବ ଭାରତ

ରୁଷିଆ ସହ ୧୦ ହଜାର କୋଟି ଟଙ୍କାର ନୂଆ ଚୁକ୍ତି



ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ପାଇଁ ଭାରତ ୧୦, ୦୦୦ କୋଟି ଟଙ୍କାର କ୍ଷେପଣାସ୍ତ୍ର କିଣିବ। ଏଥିପାଇଁ ଭାରତ ରୁଷିଆ ସହ ନୂଆ ଚୁକ୍ତି କରିବ ବୋଲି ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏହି ଚୁକ୍ତି ପାଇଁ ମଞ୍ଜୁରି ପ୍ରଦାନ କରିବ। ଗୁରୁବାର ଆୟୋଜନ ହେବାକୁ ଥିବା ଡିଫେନ୍ସ ଆକ୍ୟୁଜିସନ ବୈଠକରେ ମନ୍ତ୍ରଣାଳୟ ଏହି ମଞ୍ଜୁରି ପ୍ରଦାନ କରିବ ବୋଲି କୁହାଯାଇଛି। ପାକିସ୍ତାନ ବିରୋଧରେ ହୋଇଥିବା 'ଅପରେସନ ସିନ୍ଦୂର'ରେ ଭାରତ ଏସ୍-୪୦୦ ଡିଫେନ୍ସ ମିସାଇଲ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହା ଦ୍ୱାରା ପାକିସ୍ତାନର ୫ରୁ ୬ଟି ଲଢୁଆ ବିମାନ ଓ ୩୦୦ କିମି ଦୂରରୁ ଏକ ସ୍ପାଏ ପ୍ଲେନ୍‌କୁ ମାରି ଖସାଇ ଦିଆଯାଇଥିଲା। ଭାରତର ଏୟାର ଡିଫେନ୍ସ ରଣନୀତିରେ ଏସ୍-୪୦୦ ଗେମ୍ ଚେଞ୍ଜର ଭାବେ ଉଭା ହୋଇଛି ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଆଗାମୀ ଡିସେମ୍ବରରେ ଭାରତ ନୂଆ ଏସ୍-୪୦୦ ସିଷ୍ଟମ କ୍ରୟ କରିପାରେ। ୫ଟି ସିଷ୍ଟମ ପାଇଁ ଚୁକ୍ତି ହୋଇଥିବା ବେଳେ ଭାରତ ଏପର୍ଯ୍ୟନ୍ତ ୩ଟି ହାସଲ କରିଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପାଇଁ ଚତୁର୍ଥ ସିଷ୍ଟମ ଭାରତକୁ ମିଳିପାରିନାହିଁ। ୨୦୧୮ ଅକ୍ଟୋବରରେ ଭାରତ ୫ ବିଲିଅନ ଡଲାର ବିନିମୟରେ ଏହି ଚୁକ୍ତି କରିଥିଲା। ଭାରତ ଏବେ ଏସ୍-୫୦୦ ସିଷ୍ଟମ କ୍ରୟ କରିବା ଲକ୍ଷ୍ୟରେ ରହିଛି। ଏସ୍-୪୦୦ ଓ ଏସ୍ -୫୦୦ ଅତ୍ୟାଧୁନିକ ମିସାଇଲ ସିଷ୍ଟମ ଭାବେ ପରିଗଣିତ ହେଉଛି।

## ଶେଷ ପର୍ଯ୍ୟାୟରେ ବାପା ସିଦ୍ଧରମେୟାଙ୍କ କ୍ୟାରିୟର

ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଜାରି ରହିଛି। କିଛି ନେତା ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଥିବାବେଳେ ସିଦ୍ଧରମେୟା ଏହି ପଦ ଛାଡିବାକୁ ଚାହୁଁନାହାନ୍ତି। ସେ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବେ ବୋଲି କହିଛନ୍ତି। ଏପରି ସମୟରେ ତାଙ୍କ ପୁଅ ଯତୀନ୍ଦ୍ର ବଡ଼ ଟିପ୍ପଣୀ ଦେଇଛନ୍ତି। ବାପା ନିଜ ରାଜନୈତିକ କ୍ୟାରିୟର ଶେଷ ପର୍ଯ୍ୟାୟରେ ଅଛନ୍ତି ବୋଲି କହିଛନ୍ତି। ସେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନକୁ ଜୋର ଦେଇଛନ୍ତି। ଖୁବ୍‌ଶୀଘ୍ର ସତୀଶ ଜାରି କୋହଲି ରାଜ୍ୟ କଂଗ୍ରେସ ମୁଖିଆ ହେବେ। ଦଳର ନେତୃତ୍ୱ ନେବାରେ ବାପା ତାଙ୍କ ମାର୍ଗ ଦର୍ଶନ କରିବେ ବୋଲି କହିଛନ୍ତି।

## ବୃଦ୍ଧଙ୍କୁ ଅମାନବୀୟ ନିର୍ଯାତନା ଦେଇ ପରିସ୍ରା ପିଆଇଲେ

ଲକ୍ଷ୍ନୌ, ୨୨।୧୦(ଏଜେନ୍ସି): ଲକ୍ଷ୍ନୌ ନିକଟସ୍ଥ କାକୋରି ଟାଉନରେ ଜଣେ ୬୫ ବର୍ଷୀୟ ଦଳିତ ବ୍ୟକ୍ତିଙ୍କୁ ଅକଥନୀୟ ଉତ୍ପୀଡ଼ନ ଦିଆଯାଇଥିବା ସାମ୍ନାକୁ ଆସିଛି। ଶୀତଳ ମାତା ମନ୍ଦିରରେ ଏହି ଘଟଣା ଘଟିଛି। ଏହି ଦଳିତ ବ୍ୟକ୍ତି ହେଉଛନ୍ତି ହଟା ହଜରତ ସାହେବରେ ରହୁଥିବା ରାମପାଲ। ସେ ଶ୍ୱାସ ରୋଗରେ ପିଡୀତ। ସୋମବାର ସେ ଶୀତଳ ମାତା ମନ୍ଦିରରେ ବିଶ୍ରାମ ନେଉଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ସେ ମନ୍ଦିର ପରିସରରେ ନିୟନ୍ତ୍ରଣ ହରାଇ ପରିସ୍ରା କରିଦେଇଥିଲେ। ଏଥିରେ ଅସନ୍ତୋଷ ଜାହିର କରି ସ୍ୱାମୀକାନ୍ତ ଓରଫ ପମ୍ମୁ ନାମକ ଜଣେ ସ୍ଥାନୀୟ ନିବାସୀ ରାମପାଲଙ୍କୁ ଗାଳି ଦେଇଥିଲେ ଓ ସେ ମନ୍ଦିରକୁ ଅପବିତ୍ର କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ସେ ରାମପାଲଙ୍କୁ ତାଙ୍କ ପରିସ୍ରା ଚାଟିବାକୁ କହିବା ସହ ମନ୍ଦିର ପରିସରକୁ ପାଣିରେ ଧୋଇବାକୁ କହିଥିଲେ। ଏତିକି ବେଳେ ସେ ରାମପାଲଙ୍କୁ ଜାତିଆଣ ଆକ୍ଷେପ କରିଥିଲେ।

## ଡାକ୍ତରଙ୍କୁ ଦୁଷ୍କର୍ମ ଧମକ ଦେଇ ୩ ଗିରଫ

କୋଲକାତା, ୨୨।୧୦(ଏଜେନ୍ସି): ପଶ୍ଚିମବଙ୍ଗର ଉଲୁବେରିଆରେ ଜଣେ ମହିଳା ଡାକ୍ତରଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ ଧମକ ଦେବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ହାଓଡା ଜିଲ୍ଲାର ଉଲୁବେରିଆସ୍ଥିତ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଗତ ସୋମବାର ଏହି ଘଟଣା ଘଟିଥିଲା। ଅଭିଯୁକ୍ତମାନଙ୍କ ଜଣେ ସମ୍ପର୍କୀୟ ଏହି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। କିନ୍ତୁ ମହିଳା ଡାକ୍ତରଙ୍କ ସହ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ଡାକ୍ତରଙ୍କ ଅଭିଯୋଗ ପରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲା

## ପତ୍ନୀ, ଦୁଇପୁଅଙ୍କୁ ମାରି ଆତ୍ମହତ୍ୟା କଲେ ଋଣଗ୍ରସ୍ତ ବ୍ୟକ୍ତି

ଚେନ୍ନାଇ, ୨୨।୧୦(ଏଜେନ୍ସି): ଚେନ୍ନାଇରୁ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୪୫ ବର୍ଷୀୟ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ନିଜ ତଣ୍ଟି କାଟି ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବୟସ ୩୫ ହୋଇଥିବା ବେଳେ ଦୁଇ ପୁଅଙ୍କ ବୟସ ୧୪ ଓ ୧୧। ବ୍ୟକ୍ତି ଓ ତାଙ୍କ ପରିବାର ପୂର୍ବରୁ ଇଞ୍ଜାମବାକାମ୍‌ରେ ରହୁଥିଲେ। ଋଣଗ୍ରସ୍ତ ହେବା କାରଣରୁ ସେ ଏହି କଠୋର ନିଷ୍ପତ୍ତି ନେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ସୁଇସାଇଡ ନୋଟ୍‌ରେ ମଧ୍ୟ ଏହା ଉଲ୍ଲେଖ ରହିଛି।

## ୨୩ ବର୍ଷ ପରେ ମହିଳାଙ୍କୁ ମିଳିଲା ନ୍ୟାୟ

ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଭାରତୀୟ ନ୍ୟାୟ ବ୍ୟବସ୍ଥାର ବିକଳ ଚିତ୍ର ସାମ୍‌ନାକୁ ଆସିଛି। ଦୀର୍ଘ ୨୩ ବର୍ଷର ଆଇନଗତ ଲଢ଼େଇ ପରେ ସୁପ୍ରିମକୋର୍ଟ ବିହାରର ଜଣେ ମହିଳାଙ୍କୁ ନ୍ୟାୟ ଦେଇଛନ୍ତି। ୨୦୦୨ରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସ୍ୱାମୀଙ୍କ ମୃତ୍ୟୁ ପାଇଁ ସ୍ତ୍ରୀ ସାୟନୋକ୍ତା ଦେବୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ କୋର୍ଟ ଭାରତୀୟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ରେ ପ୍ରବଳ ଭିଡ଼ ଯୋଗୁଁ ବଖତିୟାରପୁର ରେଳ ଷ୍ଟେସନରୁ ଖସି ତାଙ୍କ ସ୍ୱାମୀ ପ୍ରାଣ ହରାଇଥିଲେ। ପରେ ସ୍ୱାମୀଙ୍କ ମୃତ୍ୟୁ ଜନିତ କ୍ଷତିପୂରଣ ଦାବି କରିବାରୁ ରେଳବାଇ, ନିମ୍ନ କୋର୍ଟ ଏବଂ ହାଇକୋର୍ଟ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ। ତାଙ୍କ ସ୍ୱାମୀ ମାନସିକ ରୋଗୀ ଥିବା କହିଥିଲେ। କିନ୍ତୁ ସୁପ୍ରିମକୋର୍ଟ ମହିଳାଙ୍କ ସପକ୍ଷରେ ରାୟ ଦେଇ ସୁଧ ବାଦ୍ ୬ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିହାର ନିର୍ବାଚନରେ ବାହୁବଳୀଙ୍କ ରାଜ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜୟୀ ହେବା ପାଇଁ ସବୁ ଦଳ ପ୍ରୟାସ କରୁଛନ୍ତି। ପୂର୍ବ ଭଳି ଏହି ନିର୍ବାଚନରେ ମଧ୍ୟ ଜାତି ରାଜନୀତି ଏବଂ ପରିବାରବାଦର ପ୍ରଭାବ ବେଶୀ ରହିଛି। କିନ୍ତୁ ବାହୁବଳୀ ନେତା ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟ ହେଉକି କ୍ଷମତାସୀନ ଏନ୍‌ଡିଏ ସମସ୍ତେ ବାହୁବଳୀ ପ୍ରାର୍ଥୀଙ୍କୁ ଟିକଟ ଦେଇଛନ୍ତି। କେଉଁଠି ବାହୁବଳୀ ନିଜେ ନିର୍ବାଚନ ଲଢୁଛନ୍ତି ତ ଆଉ କେଉଁଠି ନିଜ ଘନିଷ୍ଠଙ୍କୁ ଛିଡ଼ା କରାଇଛନ୍ତି। ଆରଜେଡି ୯ ଜଣ, ଜେଡିୟୁ ୭ ଜଣ, ବିଜେପିର ୪ ଜଣ ଏବଂ ଏଲଜେପିଆର ୨ ଜଣ ବାହୁବଳୀଙ୍କୁ ପ୍ରାର୍ଥି କରିଛି। ଏହି ସବୁ ଆସନରେ କେବଳ ରାଜନୈତିକ ଦଳଙ୍କ ମଧ୍ୟରେ ମୁକାବିଲା ହେଉନାହିଁ, ବରଂ ଏହା କର୍ତ୍ତୃତ୍ୱ ଏବଂ ପରିବାରବାଦର ଲଢ଼େଇ ପାଲଟି ଯାଇଛି। ମୋକାମରେ ଜେଡିୟୁ ଅନନ୍ତ ସିଂହଙ୍କୁ ପ୍ରାର୍ଥି କରିଛି। ତେବେ ଆରଜେଡି ସୁରଜଭାନ ସିଂହଙ୍କ ପତ୍ନୀ ବୀଣା ଦେବୀଙ୍କୁ ଟିକଟ ଦେଇଛି। ଅନନ୍ତ କୁମାର ଏଠାରୁ କ୍ରମାଗତ ୫ ଥର ଜିତିଛନ୍ତି। ସେହପରି ଆଉ ଜଣେ ବାହୁବଳୀ ତଥା ରାଜପୁତ ନେତା ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦ ଜେଡିୟୁରୁ ନବୀନଗର ଆସନରେ ଲଢୁଛନ୍ତି। ଗୋପାଳଗଞ୍ଜର ଜିଲ୍ଲାପାଳ ଜି କୃଷ୍ଣେୟାଙ୍କ ହତ୍ୟା ମାମଲାରେ ଆନନ୍ଦ ମୋହନଙ୍କୁ ୧୫ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ସରକାର ତାଙ୍କୁ ଅନୁକମ୍ପା ଦେଖାଇ ଜେଲ୍‌ରୁ ମୁକୁଳାଇ ଥିଲେ। ଜେଲ୍‌ରୁ ବାହାରିବା ପରେ ସେ ପୁଣିଥରେ ରାଜନୀତିରେ ସକ୍ରିୟ ହୋଇଯାଇଥିଲେ। ୨୦୨୦ରେ ତାଙ୍କ ପୁଅ ନିର୍ବାଚନ ଲଢି ଏଠାରୁ ବିଜୟୀ ହୋଇଥିଲେ।

ଏହା ବ୍ୟତୀତ ସାରଣର ଏକମାରୁ ବାହୁବଳୀ



ମନୋରଞ୍ଜନ ସିଂହ ଓରଫ ଧୂମଲ ସିଂହ (ଆରଜେଡି), ତରାରୀରୁ ସୁନୀଲ ପାଣ୍ଡେଙ୍କ ପୁଅ ପ୍ରଶାନ୍ତ (ବିଜେପି), ବ୍ରହ୍ମପୁରରୁ ସୁନୀଲ ପାଣ୍ଡେଙ୍କ ଭାଇ ହୁଲାସ ପାଣ୍ଡେ (ଏଲଜେପିଆର), ବାରସିଲଗଞ୍ଜରୁ ଅଶୋକ ମହତୋଙ୍କ ସ୍ତ୍ରୀ ଅନିତା କୁମାରୀ (ଆରଜେଡି) ଏବଂ ଅଖିଳେଶ ସିଂହଙ୍କ ପତ୍ନୀ ଅରୁଣା ଦେବୀ (ବିଜେପି), କୁଚାୟକୋଟରୁ ଜେଡିୟୁର ପପୁ ପାଣ୍ଡେ, ରଘୁନାଥପୁରରୁ ଆରଜେଡି ଶାହବୁଦିନଙ୍କ ପୁଅ ଓସାମା ପ୍ରମୁଖ ନିର୍ବାଚନ ଲଢୁଛନ୍ତି।

## ଆସନ ବିବାଦ: ଲାଲୁ-ତେଜସ୍ୱୀଙ୍କୁ ଭେଟିଲେ ଗେହଲଟ୍

ପାଟନା, ୨୨।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇ ସାରିଲାଣି। ମାତ୍ର ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଏହାକୁ ନେଇ ଜୋରଦାର ଟଣାଓଟରା ଲାଗିଛି। ଦୁଇ ପ୍ରମୁଖ ଦଳ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆସନ ବଣ୍ଟନ ଏବଂ ମିଳିତ ଘୋଷଣାନାମା ଉପରେ ସହମତି ପ୍ରକାଶ ପାଇପାରୁ ନାହିଁ। ଏପରି ସ୍ଥଳେ କଂଗ୍ରେସ ହାଇକମାଣ୍ଡଙ୍କ ପାଇଁ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସଙ୍କଟମୋଚନ ସାଜିଛନ୍ତି। ଆରଜେଡି ସହ ଆଲୋଚନା କରିବା ବିବାଦ ସମାଧାନ କରିବା ନିମନ୍ତେ ତାଙ୍କୁ କୁହାଯାଇଛି। ଏଥିପାଇଁ ବୁଧବାର ସକାଳେ ଗେହଲଟ ପାଟନାରେ ପହଞ୍ଚିଛନ୍ତି। ସେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତେଜସ୍ୱୀଙ୍କ ସହ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଏଠାରେ ତିନି ନେତାଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏଠାରୁ ବାହାରିବା ପରେ ଗେହଲଟ କହିଥିଲେ ଯେ ଲାଲୁ ଏବଂ ତେଜସ୍ୱୀଙ୍କ ସହ ଭଲ ଆଲୋଚନା ହୋଇଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରାଯିବ। ଏଥିରେ ସବୁ କିଛି ସ୍ପଷ୍ଟ କରିଦିଆଯିବ।

ଗେହଲଟ କହିଥିଲେ ଯେ ଆମେ ଏନ୍‌ଡିଏ ବିରୋଧରେ ମଜବୁତର ସହ ନିର୍ବାଚନ ଲଢ଼ିବୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ତେଜସ୍ୱୀ ଏକାଠି ନିର୍ବାଚନ ଅଭିଯାନ ଆରମ୍ଭ କରିବେ। ବିହାରରେ ମୋଟ ୨୪୩ ଆସନ ରହିଛି। ଏଥିରୁ ୫-୭ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ହୋଇପାରେ। ଏକାଠି ମିଶି ପ୍ରଚାର କରିବୁ ଏବଂ ନିର୍ବାଚନ ଜିତିବୁ। ରିପୋର୍ଟ ଅନୁଯାୟୀ କଂଗ୍ରେସ ନେତା କେସି ବେଣୁଗୋପାଳ ମଧ୍ୟ ତେଜସ୍ୱୀଙ୍କ ସହ ଆଲୋଚନା କରିଥିଲେ। ଏହା ପୂର୍ବରୁ ତେଜସ୍ୱୀ ସକାଳେ ସାମ୍ବାଦିକ ସମ୍ମିଳନୀ କରି ମହାମେଣ୍ଟରେ କୌଣସି ବିବାଦ ନ ଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ମେଣ୍ଟ ଉପରେ ଗୁରୁବାର ଆଲୋଚନା ହେବ। ୧୨ ଆସନରେ ମହାମେଣ୍ଟର ଦଳ ପରସ୍ପର ବିରୋଧରେ ଲଢୁଛନ୍ତି। ଏହା ବ୍ୟତୀତ ତେଜସ୍ୱୀ ନିର୍ବାଚନୀ ଘୋଷଣା ମଧ୍ୟ କହିଥିଲେ। କ୍ଷମତାକୁ ଆସିଲେ 'ସିଏମ ଜୀବିକା ଦିଦି'ଙ୍କୁ ସରକାରୀ ମାନ୍ୟତା ମିଳିବ। ଏମାନଙ୍କ ଦରମା ୧୦ ହଜାରରୁ ବଢ଼ାଇ ୩୦ ହଜାର କରାଯିବ। ସବୁ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ। ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ବିହାର ମୋହନିଆ ଆସନର ଆରଜେଡି ପ୍ରାର୍ଥୀ ଶ୍ୱେତା ସୁମନଙ୍କ ନାମାଙ୍କନ ରଦ୍ଦ ହୋଇଯାଇଛି। ଆସନ୍ତା ୬ ତାରିଖରେ ବିହାରର ୧୨୧ ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏଥିରେ ୧୩୧୪ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି। ଏହି ସବୁ ଆସନରେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ମୁକାବିଲା ହେବ। ଏହି ପର୍ଯ୍ୟାୟରେ ୧୮ ଜିଲ୍ଲାରେ ମତଦାନ ହେବ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଏଥିପାଇଁ ୧୬୯୦ ପ୍ରାର୍ଥି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୩୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇ ଯାଇଥିଲା। ପ୍ରମୁଖ ପ୍ରାର୍ଥିଙ୍କ ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା, ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରମୁଖ ସାମିଲ ଅଛନ୍ତି। ଆରଜେଡିର ୫ ମନ୍ତ୍ରୀ ଏବଂ ବିଜେପିର ୧୧ ମନ୍ତ୍ରୀ ମୈଦାନକୁ ଓହ୍ଲାଇଛନ୍ତି।

## ତାମିଲନାଡୁରେ ପ୍ରବଳ ବର୍ଷା; ୫ ଜିଲ୍ଲାରେ ସ୍କୁଲ୍ ବନ୍ଦ



ଚେନ୍ନାଇ, ୨୨।୧୦(ଏଜେନ୍ସି): ଦକ୍ଷିଣ ଭାରତରେ କିଛି ରାଜ୍ୟରେ ଉତ୍ତର- ପୂର୍ବ ସୌସୁମୀ ବାୟୁ ସକ୍ରିୟ ହୋଇଛି। ଫଳରେ ଗତ ଦୁଇଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ତାମିଲନାଡୁର ତିରୁଭାଲୁର, ଚେନ୍ନାଇ, କାଞ୍ଚିପୁରମ୍, ଚେଙ୍ଗାଲପାଟୁ ଭଳି ଡେଲ୍‌ଟା ଜିଲ୍ଲାଗୁଡ଼ିକରେ ଗତ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ଜାରି ରହିଛି। ବଙ୍ଗୋପ ସାଗରରେ ଲଘୁଚାପ ଘନୀଭୂତ ହେବା ଫଳରେ ଆଗାମୀ ଦିନରେ ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। ଚେନ୍ନାଇଠାରୁ ଏହି ଘୁର୍ଣ୍ଣିବାତ୍ୟା ଏବେ ୪୦୦କିମି ଦୂରରେ ରହିଛି। ତାମିଲନାଡୁରେ ବୁଧବାର ପ୍ରବଳ ବର୍ଷା ହେବ ବୋଲି ଚେତାବନୀ ଦିଆଯାଇଛି। ତାମିଲନାଡୁର ୫ଟି ଜିଲ୍ଲାରେ ସ୍କୁଲଗୁଡ଼ିକ ବନ୍ଦ କରିଦିଆଯାଇଛି। ଖାସ୍‌କରି ରାଜଧାନୀ ଚେନ୍ନାଇର ସବୁ ସ୍କୁଲ୍‌କୁ ବନ୍ଦ କରାଯାଇଛି। ଚେନ୍ନାଇରେ ଅଗାମୀ ୪ ଦିନ ପାଇଁ ବର୍ଷା ହେବ ବୋଲି ଚେତାବନୀ ଜାରି କରାଯାଇଛି। କୁଡାଲୋର, ଭିଲୁପୁରମ୍, ରାନୀପେଟ୍ ଓ ଥୁଟୁକୁଡି ଜିଲ୍ଲାରେ ସ୍କୁଲ, କଲେଜଗୁଡ଼ିକୁ ବନ୍ଦ କରିଦିଆଯାଇଛି। ତାମିଲନାଡୁର କୁଡାଲୋର ଜିଲ୍ଲାରେ କାନ୍ଥ ଭୁଶୁଡିବା କାରଣରୁ ଜଣେ ମା ଓ ତାଙ୍କ ଝିଅ ମୃତ୍ୟୁବରଣ କରିଛନ୍ତି। ପ୍ରଶାସନକୁ ସତର୍କ ରହିବାକୁ ତାମିଲନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଓ ପବନ ବହିବା କାରଣରୁ ଚେନ୍ନାଇ ମେରିନା ବିଚ୍‌ରେ ସମୁଦ୍ରରୁ ବଡ଼ବଡ଼ ଲହଡି କୂଳ ଧକ୍କା ଦେଉଛି। ମତ୍ସ୍ୟଜୀବୀ ଓ ସମୁଦ୍ରକୂଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ତାମିଲନାଡୁକୁ ବାଦ୍ ଦେଲେ କେରଳ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ପୁଡୁଚେରୀ ଓ କରାଇକାଲରେ ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ କରିଦିଆଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର ନେଲ୍ଲୋର ଜିଲ୍ଲାରେ ମଧ୍ୟ ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ଏହି ଜିଲ୍ଲାରେ ମଧ୍ୟ ସ୍କୁଲଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧ରୁ ୨୧ ତାରିଖ ମଧ୍ୟରେ ତାମିଲନାଡୁ, ପୁଡୁଚେରୀ ଓ କରାଇକାଲରେ ୧୬୦ ମିଲିମିଟର ବର୍ଷା ହୋଇଛି। ପ୍ରତିବର୍ଷ ହେଉଥିବା ସାଧାରଣ ବର୍ଷା ଠାରୁ ଏହା ୫୯ ପ୍ରତିଶତ ଅଧିକ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## କାବୁଲରେ ପୁଣି ଖୋଲିଲା ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ରେ ଭାରତ ତା'ର ଦୂତାବାସ ପୁଣି ଖୋଲିଛି। ସେଠାରେ ଥିବା ଟେକନିକାଲ ମିଶନକୁ ଭାରତ ଦୂତାବାସର ମର୍ଯ୍ୟାଦା ପ୍ରଦାନ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହାଦ୍ୱାରା ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ଦୃଢ଼ ହେବ ଓ ଆଫଗାନିସ୍ତାନରେ ଚାଲିଥିବା ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହିକ୍ରମରେ ଆଫଗାନିସ୍ତାନରେ ମାନବୀୟ ସହାୟତା, ବିଭିନ୍ନ ଭିତ୍ତିଭୂମୀ ନିର୍ମାଣରେ ଭାରତ ପୁଣି ଥରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ। ଜଣେ ବରିଷ୍ଠ କୁଟନୀତିଜ୍ଞ ଭାରତର ଏହି ଦୂତାବାସର ନେତୃତ୍ୱ ନେବେ। ତାଙ୍କୁ ଚାର୍ଜ ଡି ଆଫେୟାର୍ସ ଭାବେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଅକ୍ଟୋବର ୧୦ରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନିସ୍ତାନ ସମକକ୍ଷ ଅମୀର ଖାନ ମୁତ୍ତାକିଙ୍କ ସହ ଆଲୋଚନା କରିବା ପରେ ଏ ନେଇ ଘୋଷଣା କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ପୁଣିଥରେ ରାଜନୈତିକ ତଥା କୂଟନୈତିକ ସମ୍ପର୍କ ପୁଣିଥରେ ଆରମ୍ଭ ହେବା ସ୍ପଷ୍ଟ ହୋଇଛି। ୨୦୨୨ରୁ କାବୁଲରେ ଭାରତ ଟେକନିକାଲ ମିଶନ ଚାଲୁ କରିଥିଲା। କିନ୍ତୁ ଦୂତାବାସ ଖୋଲିବା ପରେ ଦୁଇଦେଶ ଏବେ ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛନ୍ତି। ଫଳରେ ଭାରତ ତାଲିବାନକୁ ମାନ୍ୟତା ଦେବାର ସମ୍ଭାବନା ବୃଦ୍ଧି ପାଇଛି। ଅନ୍ୟପଟେ ପାକିସ୍ତାନ ବିରୋଧରେ କିଛିଦିନ ତଳେ ହୋଇଥିବା ସଂଘର୍ଷରେ ଭାରତର ଭୂମିକା ନାହିଁ ବୋଲି ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରୀ ମଲାୱି ମହମ୍ମଦ ୟାକୁବ ମୁଜାହିଦ୍ କହିଛନ୍ତି। ପାକିସ୍ତାନ ବିରୋଧରେ ଭାରତ ତାଲିବାନ ମାଧ୍ୟମରେ ଛାମୁଆ ଯୁଦ୍ଧ ଚଳାଉଥବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଓ ଅମୂଳକ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପାକିସ୍ତାନ ଏ ନେଇ ଭାରତ ବିରୋଧରେ ଅଭିଯୋଗ କରିଥିଲା।

## ଆଇସ୍‌ଲାଣ୍ଡରେ ପ୍ରଥମଥର ପାଇଁ ଦେଖାଦେଲା ମଶା



ଲଣ୍ଡନ, ୨୨।୧୦(ଏଜେନ୍ସି): ୟୁରୋପ ଓ ଗ୍ରୀନଲାଣ୍ଡ ମଧ୍ୟରେ ଅବସ୍ଥିତ ଦୀପ ଦେଶ ଆଇସଲାଣ୍ଡ ଏଥର ଏକ ଭିନ୍ନ କାରଣରୁ ଚର୍ଚ୍ଚା ସୃଷ୍ଟି କରିଛି। ବରଫ ଅଛାଦିତ ଏହି ଦେଶରେ ଇତିହାସରେ ପ୍ରଥମଥର ପାଇଁ ମଶା ଦେଖିବାକୁ ମିଳିଛି। ଏହି ଦେଶରେ ରେକର୍ଡ ଉତ୍ତାପ ବୃଦ୍ଧିକାରଣରୁ ଏହି ସ୍ଥିତି ଆସି ପହଞ୍ଚିଛି। ବିଶ୍ୱରେ କେବଳ ଦୁଇଟି ସ୍ଥାନ ଆଇସଲାଣ୍ଡ ଓ ଆଣ୍ଟାର୍ଟିକାରେ ପୂର୍ବରୁ ମଶା ଦେଖିବାକୁ ମିଳି ନଥାଏ। କିନ୍ତୁ ଏବେ କଥା ଅଲଗା ହୋଇଛି। ଆଇସ୍‌ଲାଣ୍ଡ ରାଜଧାନୀ ରେକ୍‌ଜାଭିକ୍‌ଠାରୁ ୨୦ ମାଇଲ ଉତ୍ତରରେ ଥିବା ବରଫାବୃତ ଉପତ୍ୟାକା କଜୋସରେ ମଶା ଦେଖିବାକୁ ମିଳିଛି। କୀଟ ତଥା ଜନ୍ତୁ ପ୍ରେମୀ ବିଜର୍ଣ୍ଣ ହଜାଲଟାସନ ଗତ ସପ୍ତାହରେ କେତୋଟି ରାତିରେ ମାଶଙ୍କୁ ଦେଖିବାକୁ ପାଇଥିଲେ। କୀଟପତଙ୍ଗକୁ ଦେଖିବା ପାଇଁ ସେ ମଦରେ ଭିଜିଥିବା ଦଉଡ଼ି ବ୍ୟବହାର କରୁଥିବା ବେଳେ ସେ ମଶା ଦେଖିବାକୁ ପାଇଥିଲେ। ସେ ଏହି କ୍ରମରେ ଦୁଇଟି ମାଇ ଓ ପୁରୁଷ ମଶା ଦେଖିଥିଲେ। ପରେ ସେ ଏହା କୁଲିସେଟା ଆନୁଲାଟା ବୋଲି ଜାଣିବାକୁ ପାଇଥିଲେ। ଏହ ପ୍ରଜାତି ଶୀତ ତଥା ଅତିଶୀତ ପରିବେଶରେ ସଫଳତାର ସହ ବଞ୍ଚିପାରବାର କ୍ଷମତା ରଖିଥାନ୍ତି। ଉତ୍ତର ଗୋଲାର୍ଦ୍ଧ ନିକଟରେ ଥିବାରୁ ଆଇସ୍‌ଲାଣ୍ଡ ବର୍ଷସାରା ବରଫ ଦ୍ୱାର ଆଚ୍ଛାଦିତ ରହିଥାଏ।

## ଭାରତ ବିଶ୍ୱର ୯ମ ସର୍ବବୃହତ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ପରିବେଶ ଦୃଷ୍ଟିକୋଣରୁ ଭାରତ ପାଇଁ ଏକ ଖୁସି ଖବର ଆସି ପହଞ୍ଚିଛି। ସର୍ବବୃହତ୍ ଜଙ୍ଗଲ କ୍ଷେତ୍ର ବିଶିଷ୍ଟ ଦେଶ ଭାବେ ଭାରତ ବିଶ୍ୱର ୯ମ ସ୍ଥାନକୁ ଉଠିଛି। ଏହିକ୍ରମରେ ଭାରତ ୧୦ମରୁ ଗୋଟିଏ ସ୍ଥାନ ଉପରକୁ ଉଠି ୯ମ ସ୍ଥାନରେ ରହିଛି। କେବଳ ସେତିକି ନୁହେଁ, ବାର୍ଷିକ ଜଙ୍ଗଲ ବୃଦ୍ଧିରେ ଭାରତ ପୂର୍ବପରି ନିଜର ତୃତୀୟ ସ୍ଥାନ ବଜାୟ ରଖିଛି। ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଦ୍ୱାର ପ୍ରକାଶିତ ହୋଇଥିବା ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତରେ ବ୍ୟାପକ ଭାବେ ଚାଲୁଥିବା ବୃକ୍ଷରୋପଣ ଓ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ପ୍ରକ୍ରିୟା କାରଣରୁ ଭାରତକୁ ଏହି ସଫଳତା ମିଳିଛି ବୋଲି ପରିବେଶ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହା ଭାରତ ପାଇଁ ଏକ ବଡ଼ ଉପଲବ୍ଧି ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। 'ଏକ ପେଡ୍ ମା କେ ନାମ' ଭଳି ଅଭିଯାନ ଓ ରାଜ୍ୟଗୁଡ଼ିକ ଦ୍ୱାରା ଚାଲିଥିବା ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯୋଗୁଁ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି। ବିଶ୍ୱରେ ଏବେ ୪.୧୪ ବିଲିଅନ ହେକ୍ଟର ଅଞ୍ଚଳରେ ଜଙ୍ଗଲ ରହିଛି।

## ଦୀପାବଳିର ଦୁଇଦିନ ପରେ ବି ପ୍ରଦୂଷଣ ବଳୟରେ ଦିଲ୍ଲୀ

ନୂଆଦିଲ୍ଲୀ, ୨୨।୧୦(ଏଜେନ୍ସି): ଦୀପାବଳିକୁ ଦୁଇଦିନ ବିତି ଯାଇଥିଲେ ମଧ୍ୟ ଦିଲ୍ଲୀର ପ୍ରଦୂଷଣ ମାତ୍ରା କମ୍ ହୋଇନାହିଁ। ଦିପାବଳିର ଗୋଟିଏ ଦିନ ପରେ ମଧ୍ୟ ବାଣ ଫୁଟାଇବା ଓ ଆତସବାଜୀ କାରଣରୁ ଏପରି ହୋଇଛି। ଦିଲ୍ଲୀ ବାୟୁ ପୂର୍ବଭଳି ବିଷାକ୍ତ ମନେ ହେଉଛି। ବୁଧବାର ଦୀଲ୍ଲର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୪୨ ରହିଛି ଓ ଏହା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି କୁହାଯାଇଛି। ଗତ ୫ ବର୍ଷରେ ଦୀପାବଳି ପରର ସକାଳ ସବୁଠାରୁ ପ୍ରଦୂଷିତ ବୋଲି ସେଣ୍ଟ୍ରାଲ ପଲୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୧ରୁ ୨୦୨୫ ମଧ୍ୟରେ ପ୍ରଦୂଷଣ ନେଇ ବିଭିନ୍ନ ତଥ୍ୟକୁ ତର୍ଜମା କରିବା ପରେ ଏହା ଜଣାପଡ଼ିଛି। ୨୦୨୧ ପରେ ଏବର୍ଷ ପଦୂଷଣ ସର୍ବାଧିକ ହୋଇଛି ବୋଲି ଜଣାପଡ଼ିଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଅତ୍ୟନ୍ତ ଖରାପ ରହିଛି। ରିପୋର୍ଟ ଲେଖା ହେବା ବେଳକୁ ଏକ୍ୟୁଆଇ ଦିଲ୍ଲୀର ୱାଜିରପୁରରେ ୩୯୭, ଦ୍ୱାରକାରେ ୩୫୩, ଅଶୋକ ବିହାରରେ ୩୭୭, ଆନନ୍ଦ ବିହାରରେ ୩୫୫, ଚାନ୍ଦିନୀ ଚୌକରେ ୩୩୨ ଓ ନଜରଫାଗଡ଼ରେ ୩୦୪ ରହିଛି। ଦିଲ୍ଲୀର ବାୟୁରେ ଫାଇନା ପାର୍ଟିକୁଲାର ମ୍ୟାଟର (ପିଏମ୍୨.୫) ସ୍ତର କ୍ୟୁବିକ ମିଟର ପିଛା ୪୮୮ ମାଇକ୍ରୋଗ୍ରାମ ରହିଛି। ଦୀପାବଳି ପୂର୍ବରୁ ପିଏମ୍୨.୫ ୧୫୬.୬ ଥିବା ବେଳେ ଏବେ ଏହା ୩ଗୁଣା ହୋଇଛି। ଦିଲ୍ଲୀର ୩୮ଟି ମନିଟରି ଷ୍ଟେସନରୁ ୩୪ଟି ରେଡ୍ ଜୋନରେ ରହିଛି। ଦେଶର ରାଜଧାନୀର କେତୋଟି ଅଞ୍ଚଳରେ ଏକ୍ୟୁଆଇ ସ୍ତର ୪୦୦ରୁ ଅଧିକ ରହିଛି। ୱାଜିରପୁର ଓ ପଞ୍ଜାବୀ ବାଗରେ ଏକ୍ୟୁଆଇ ପରବର୍ତ୍ତୀ ଅବସ୍ଥାରେ ସର୍ବାଧିକ ଅର୍ଥାତ ୪୦୦ ପାର କରିଛି ବୋଲି କୁହାଯାଇଛି। ସେହିପରି ଦୀପବଳି ପରେ ହରିୟାଣା ସବୁଠାରୁ ପ୍ରଦୂଷିତ ରାଜ୍ୟ ଭାବେ ପରିଗଣିତ ହେଉଛି। ହରିୟାଣାର ୮ଟି ସହର, ରାଜସ୍ଥାନର ଗୋଟିଏ ଓ ଦିଲ୍ଲୀ ଦେଶର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ସ୍ଥାନ ପାଇଛି।

## ଷ୍ଟିମ୍ ଆଇରନ୍ କିଣୁଥିଲେ ...

**ସାଧାରଣତଃ ପୋଷାକ ଇସ୍ତ୍ରୀ କରିବା ପାଇଁ ଷ୍ଟିମ୍ ଆଇରନ ବ୍ୟବହାର କରାଯାଏ । ଏହାଦ୍ୱାରା ସହଜରେ ଆଇରନ୍ କରି ହୁଏ । ବଜାରରେ ବିଭିନ୍ନ ଷ୍ଟିମ୍ ଆଇରନ ଉପଲବ୍ଧ । ହେଲେ ଆଇରନ କିଣିବା ପୂର୍ବରୁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।**

### ବିଜୁଳି କ୍ଷମତାର ଦିଅନ୍ତୁ ଧ୍ୟାନ

ଷ୍ଟିମ୍ ଆଇରନ କିଣିବା ସମୟରେ ବିଦ୍ୟୁତ୍ କ୍ଷମତା ଉପରେ ଧ୍ୟାନ ଦେବା ଜରୁରୀ । ଅଧିକ ବିଦ୍ୟୁତ୍ ଯୁକ୍ତ ଷ୍ଟିମ୍ ଆଇରନ୍ ଖୁବଶୀଘ୍ର ଗରମ ହୋଇଥାଏ । ଫଳରେ ଏହା ଆଇରନ ଦେବାରେ ସୁବିଧାଜନକ ହୋଇଥାଏ । ଏଥିସହ ସମୟ ସଞ୍ଚୟ କରିଥାଏ । ତେବେ ୧୫୦୦ ରୁ ୨୪୦୦ ବିଦ୍ୟୁତ୍ କ୍ଷମତା ଥିବା ଆଇରନ ଭଲ ହୋଇଥାଏ ।

### ପ୍ଲେଟ୍‌ର ଆକାର ଓ ସାମଗ୍ରୀ ଦେଖନ୍ତୁ

ଷ୍ଟିମ୍ ଆଇରନ୍ ପ୍ଲେଟର୍ ଆକାର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବଡ଼ଷ୍ଟିମ୍ ଆଇରନ ଶାଢ଼ି ଆଇରନ୍ କରିବାରେ ସୁବିଧା ହୋଇଥାଏ । ସେହିପରି ଛୋଟ ପ୍ଲେଟ୍ ଥିବା ଆଇରନ୍ ଛୋଟ ପୋଷାକ ପାଇଁ ଭଲ ହୋଇଥାଏ । ବିଶେଷ କରି ତମ୍ବା ବା ନନ୍‌ଷ୍ଟିକ୍ କୋଟିଙ୍ଗ୍ ଯୁକ୍ତ ପ୍ଲେଟ୍‌ସ ସବୁଠୁ ଭଲ ହୋଇଥାଏ । ଏହା ଶୀଘ୍ର ଗରମ ହୋଇଯାଏ ଓ ଆଇରନ କରିବାକୁ ସୁବିଧା ହୋଇଥାଏ ।

### ତାପମାତ୍ରା ନିୟନ୍ତ୍ରଣ ରଖନ୍ତୁ

ଆଇରନର ତାପମାତ୍ରା ନିୟନ୍ତ୍ରଣ ରହିବା ବେଶ୍ ଜରୁରୀ । କାରଣ ଏହାଦ୍ୱାରା ସବୁ ପ୍ରକାର ପୋଷାକ ଆଇରନ୍ କରିବାକୁ ସହଜ ହୋଇଥାଏ । ଏହାଦ୍ୱାରା ବାରମ୍ବାର ଆଇରନର ତାପମାତ୍ରା ସେଟ୍ କରିବାକୁ ପଡ଼େନି । ଏହା କାମକୁ ସହଜ ଓ ଶୀଘ୍ର କରିଥାଏ ।





## ଧନୀ ମହିଳା କ୍ରିକେଟର୍

**ଭାରତରେ ମହିଳା କ୍ରିକେଟର୍‌ଙ୍କ ଲୋକପ୍ରିୟତା ଦିନକୁ ବୃଦ୍ଧି ପାଉଛି । ଏହି ପ୍ରତିଭାଶାଳୀ ଖେଳାଳିମାନେ କେବଳ ମଇଦାନ ନୁହେଁ, ଆର୍ଥିକ କ୍ଷେତ୍ରରେ ମଧ୍ୟ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଖେଳ ଜଗତରେ କଠିନ ପରିଶ୍ରମ କରି ନିଜର ଦକ୍ଷତାକୁ ପ୍ରମାଣିତ କରିଛନ୍ତି । ଅନ୍ତର୍ଜାତୀୟ ଚୁକ୍ତିନାମା, ଫ୍ରାଞ୍ଚାଇଜ୍ ଲିଗ୍‌ସ, ଓ ବିଭିନ୍ନ ବ୍ରାଣ୍ଡ ଅନୁମୋଦନ ଆଦି ମହିଳା କ୍ରିକେଟର୍‌ଙ୍କ ସମ୍ପତ୍ତିକୁ ଶୀର୍ଷରେ ପହଞ୍ଚାଇଛି । ତେବେ ଗୁଡ ରିଟର୍ଣ୍ଣସ ତଥ୍ୟ ଅନୁଯାୟୀ, ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଧନୀ ମହିଳା କ୍ରିକେଟର୍‌ଙ୍କୁ ନେଇ ଏହି ଉପସ୍ଥାପନା ।**

### ମିତାଲି ରାଜ୍



ଭାରତର ସବୁଠୁ ଧନୀ ମହିଳା କ୍ରିକେଟର୍ ଭାବେ ପରିଚିତ ମିତାଲି ରାଜ୍ । ସେ ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ପୂର୍ବ ଅଧିନାୟିକା ଥିଲେ । ତାଙ୍କର ମୋଟ ୪୦-୪୫ କୋଟି ଟଙ୍କାର ସମ୍ପତ୍ତି ରହିଛି । ଖେଳ ଜଗତରେ ଚମତ୍କାର ପ୍ରଦର୍ଶନ କରି ସେ ବହୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କେବଳ ସେତିକି ନୁହେଁ, ସେ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍‌ରେ ସର୍ବାଧିକ ରନ୍ କରିଥିବା ମହିଳା କ୍ରିକେଟର୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ ପାଇଁ ସେ ୨୦୦୩ ମସିହାରେ ଅର୍ଜୁନ ପୁରସ୍କାର ଓ ମହିଳା କ୍ରିକେଟ୍ ଜଗତରେ ଅସାଧରଣ ଯୋଗଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ।

### ସ୍ମୃତି ମନ୍ଧାନା



ଭାରତର ଲୋକପ୍ରିୟ ତଥା ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରୁ ଜଣେ ସ୍ମୃତି ମନ୍ଧାନା । ସେ ଜାତୀୟ ମହିଳା' କ୍ରିକେଟ୍ ଟିମ୍‌ର ଉପ ଅଧିନାୟିକା ଅଛନ୍ତି । ନ୍ୟାସ୍‌ନାଲ୍ କ୍ରସ୍ ପାଲଟିଥିବା ସ୍ମୃତି ଅନ୍ତଃଜାର୍ତୀୟ କ୍ରିକେଟ୍‌ରେ ଧମାଲ କରିଛନ୍ତି । ଅନେକ ଖେଳପ୍ରେମୀ ତାଙ୍କୁ ମହିଳା କ୍ରିକେଟ୍ ଟିମର୍ ବିରାଟ କୋହଲି ଭାବେ ସମ୍ବୋଧନ କରନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୩୩-୩୪ କୋଟି ଟଙ୍କା ମଧ୍ୟରେ ରହିଛି । ଏଥିସହ ସେ ବହୁ ବଡ଼ ବ୍ରାଣ୍ଡରେ କାର୍ଯ୍ୟ କରି ଭଲ ରୋଜଗାର କରନ୍ତି । ସେହିପରି ମହିଳା ପ୍ରିମିୟର ଲିଗ୍‌ରେ ସେ ବେଙ୍ଗାଲୁରୁ ପାଇଁ ଖେଳି ବାର୍ଷିକ ୩. ୪ କୋଟି ନେଇଥିଲେ ।

### ହରମନ୍‌ପ୍ରୀତ୍ କୌର



ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମୌନପ୍ରୀତ୍ କୌର ବିଶ୍ୱ କ୍ରିକେଟ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଜଣେ ଚମତ୍କାର ବ୍ୟାଟ୍‌ସମ୍ୟାନ୍ ସହ ଅସାଧରଣ ନେତୃତ୍ୱ ପାଇଁ ସେ ଜଣାଯାନ୍ତି । ଖେଳରେ ଚମତ୍କାର ପ୍ରଦର୍ଶନ କରି ସେ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ରୋଲ୍ ମଡେଲ୍ ସାଜିଛନ୍ତି । ଭାରତର ଧନୀ ମହିଳା କ୍ରିକେଟର୍‌ଙ୍କ ମଧ୍ୟରେ ସେ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କର ସମୁଦାୟ ସମ୍ପତ୍ତି ୨୫ ରୁ ୩୦ କୋଟି ମଧ୍ୟରେ ରହିଛି । ସେହିପରି ବିସିସିଆଇ ପକ୍ଷରୁ ସେ ବାର୍ଷିକ ୫୦ ଲକ୍ଷ ଟଙ୍କା ବେତନ ପାଇଥାନ୍ତି । ଏଥିସହ ମହିଳା ପ୍ରିମିୟର ଲିଗ୍‌ରେ ମୁମ୍ବାଇ ପାଇଁ ଖେଳି ୧.୮୦ କୋଟି ଟଙ୍କା ନେଇଥିଲେ ।

### ଶେଫାଳି ବର୍ମା



ଭାରତର ସର୍ବକନିଷ୍ଠ କ୍ରିକେଟ୍ ଖେଳାଳି ଭାବେ ପରିଚିତ ଶେଫାଳି ବର୍ମା । ସେ ୧୫ ବର୍ଷରେ କ୍ରିକେଟ୍ ଦୁନିଆରେ ପାଦ ଥାପିଥିଲେ । ସେ ଭାରତର ଯୁବା ମହିଳା କ୍ରିକେଟର୍ ଭାବେ ଜଣାଯାନ୍ତି । ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ବାଟ୍‌ସମ୍ୟାନ୍ ଶେଫାଳି ବର୍ମା କ୍ରିକେଟ୍ ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଚମତ୍କାର ବ୍ୟାଟିଂ ଦ୍ୱାରା ସେ କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାର୍ତୀୟ ସ୍ତରରେ ମଧ୍ୟ ଗୌରବ ଅର୍ଜନ କରିଛନ୍ତି । ତେବେ ତାଙ୍କର ସମୁଦାୟ ସମ୍ପତ୍ତି ୧୫ -୨୦ କୋଟି ମଧ୍ୟରେ ଥିବା ନେଇ ଅନୁମାନ କରାଯାଇଛି । କ୍ରିକେଟ୍ ତାଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ସେ ଅନେକ ବ୍ରାଣ୍ଡ ସୁଟ୍ କରି ସେଥିରୁ ଅର୍ଥ ଉପାର୍ଜନ କରିଥାନ୍ତି । ସେ ମହିଳା ପ୍ରିମିୟର୍ ଲିଗ୍‌ରେ ଦିଲ୍ଲୀ ପାଇଁ ଖେଳି ୨ କୋଟି ନିଅନ୍ତି ।

## ଦୀର୍ଘ ସମୟ ଆଇସ୍ୟାଡୋ ରଖିବାକୁ ଚାହୁଁଥିଲେ...



### ଆଖି ମେକ୍‌ଅପ୍ କରନ୍ତୁ

ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ଆଖିପତାକୁ ଭଲରେ ସଫା କରନ୍ତୁ । ଏହାପରେ ଆଇସ୍ୟାଡୋ ଓ ପ୍ରାଇମର ଲଗାନ୍ତୁ । ଏହା ଆଖିପତାକୁ ଚିକ୍କଣ କରି ଆଇସ୍ୟାଡୋକୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ ।

### ପାଉଡର୍ ସେଟ୍ କରନ୍ତୁ

ପ୍ରାଇମର୍ ଲଗାଇବା ପରେ ଅଙ୍ଗୁଳି ସାହାଯ୍ୟରେ ଆଖିପତାରେ ହାଲୁକା ଟ୍ରାନ୍ସ ପ୍ୟାରେଣ୍ଟ ପାଉଡର୍ ଲଗାନ୍ତୁ । ଏହାଦ୍ୱାରା ଆଇସ୍ୟାଡୋ ଭଲରେ ସେଟ୍ ହୋଇଥାଏ ।

### ଆଇସ୍ୟାଡୋ ଚୟନ

କ୍ରିମ୍ ଆଇସ୍ୟାଡୋ ବଦଳରେ ପାଉଡର୍ ଆଇସ୍ୟାଡୋ ନେଇପାରିବେ । ପାଉଡର ଯୁକ୍ତ ଆଇସ୍ୟାଡୋ ଦୀର୍ଘ ସମୟ ରହିଥାଏ । ତେବେ ଏକାଥରକେ ମେଞ୍ଚାଏ ଆଇସ୍ୟାଡୋ ଲଗାନ୍ତୁ ନାହିଁ । ଅଳ୍ପ ଅଳ୍ପ କରି ପରସ୍ତ କରି ଲଗାନ୍ତୁ । ଏହାପରେ ସ୍ୟାଡୋକୁ ହାତରେ ହାଲୁକା ସ୍ମଜ୍ କରନ୍ତୁ ।

### ସେଣ୍ଟିଙ୍ଗ୍ ସ୍ପ୍ରେ କରନ୍ତୁ

ମେକ୍‌ଅପ୍ ସମ୍ପୂର୍ଣ୍ଣ ହେବାପରେ ଆଖିପତାରେ ସେଟିଙ୍ଗ୍ ସ୍ପ୍ରେ କରନ୍ତୁ । ଏହା ଆଇସ୍ୟାଡୋକୁ ଠିକ୍ ଭାବେ ରଖିବାରେ ସହାୟକ ହୋଇଥାଏ । ସର୍ବଦା ଭଲ କ୍ୱାଲିଟିର ଆଇସ୍ୟାଡୋ ଲଗାନ୍ତୁ । ସେହିପରି ଭଲ କ୍ୱାଲିଟିର ବ୍ରଶ୍ ମଧ୍ୟ ଜରୁରୀ ।

## ଚମ୍ପାରନ୍ ମସ୍‌ରୁମ୍





### ଆବଶ୍ୟକ ସାମଗ୍ରୀ

ମସ୍‌ରୁମ୍ – ୨୫୦ ଗ୍ରାମ୍, କଟା ପିଆଜ – ଦୁଇକପ୍, ଦହି- ଏକ କପ୍, ତେଜପତ୍ର – ଦୁଇ ଗୋଟି, ଗୋଲମରିଚ– ତିନି, ଚାରୋଟି, ରସୁଣ – ଏକ ବୁଦା, ଧନିଆପତ୍ର- ଅଳ୍ପ, ଲଙ୍କାଗୁଣ୍ଡ- ଏକ ଚାମଚ , ହଳଦୀଗୁଣ୍ଡ– ଏକ ଚାମଚ, ଗରମ ମସଲା– ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ , ତେଲ– ଆବଶ୍ୟକତା ଅନୁସାରେ ।


### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ମସ୍‌ରୁମ୍‌କୁ ଧୋଇ ଛୋଟ ଖଣ୍ଡରେ କାଟି ରଖନ୍ତୁ । ଗୋଟିଏ ପାତ୍ରରେ ଡାଲଚିନି, ଗୋଲମରିଚ, ତେଜପତ୍ର, ପିଆଜ , ଅଦା ରସୁଣ ପେଷ୍ଟ, ଭଜା ପିଆଜ, ଲଙ୍ଗାଗୁଣ୍ଡ, ହଳଦିଗୁଣ୍ଡ, ଗରମମସଲା ଦହି, ଲୁଣ ସମେତ ଧନିଆ ପତ୍ର ଦେଇ ଗୋଳାଇ ଦିଅନ୍ତୁ । ଏହାପରେ କାଟି ରଖିଥିବା ମସ୍‌ରୁମ୍‌କୁ ଦେଇ ଭଲଭାବେ ଗୋଳାନ୍ତୁ । ପରେ ଡଙ୍କିରେ ତେଲ ନେଇ ଗରମ କରନ୍ତୁ । ଗୋଟିଏ ମାଟିହାଣ୍ଡି ନେଇ ସେଥିରେ ସୋରିଷ ତେଲ ଦେଇ ଗୋଳାଇ ରଖିଥିବା ମସ୍‌ରୁମ୍‌କୁ ସହ ଦୁଇ ତିନୋଟି ରସୁଣ ବୁଦା ଦେଇ ଘୋଡ଼ାଇ ଚୁଲିରେ ବସାନ୍ତୁ । କୋଡ଼ିଏରୁ ତିରିଶ ମିନିଟ୍ ଧୀମା ଆଞ୍ଚରେ ବସାନ୍ତୁ । ଛତୁ ସିଝିବା ପରେ ଗ୍ୟାସ୍ ଫ୍ଲେମ୍ ବନ୍ଦ କରି ଦିଅନ୍ତୁ । ଏହାପରେ ପ୍ଲେଟ୍‌ରେ କାଢ଼ି ପରଷନ୍ତୁ 'ଚମ୍ପାରନ୍ ମସ୍‌ରୁମ୍' ।



## ଦୁର୍ଗନ୍ଧ କେଶ ପାଇଁ ହେୟାର୍ ପର୍‌ଫ୍ୟୁମ୍

**ସାଧାରଣତଃ ସମସ୍ତେ କେଶକୁ ସତେଜ ରଖିବାକୁ ଚାହାଁନ୍ତି । ହେଲେ କେଶକୁ ସତେଜ ଓ ସୁନ୍ଦର ରଖିବା ଏତେ ସହଜ ହୋଇ ନ ଥାଏ । ଧୂଳି, ମାଟି ଓ ପ୍ରଦୂଷଣ ଯୋଗୁ କେଶରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ସହଜ ଉପାୟରେ କେଶର ଦୁର୍ଗନ୍ଧ ଦୂର କରିବାକୁ ଚାହୁଁଥିଲେ ଘରେ ହେୟାର ପର୍‌ଫ୍ୟୁମ୍ ପ୍ରସ୍ତୁତ କରି ଲଗାଇପାରିବେ । ନଚେତ୍ କେତେକ ହେୟାର୍ ପର୍‌ଫ୍ୟୁମ୍ ହ୍ୟାକ୍ସ ମଧ୍ୟ ରହିଛି ଯାହାକୁ ଆପଣାଇ କେଶ ସମସ୍ୟା ଦୂର କରିପାରିବେ ।**



### ପର୍‌ଫ୍ୟୁମ୍ ଡ୍ରାୟର ସିଟ୍

ଏଥିପାଇଁ ପ୍ରଥମେ ଏକ ଟିସ୍ୟୁ ନିଅନ୍ତୁ । ଏଥିରେ ନିଜ ପସନ୍ଦ ଅନୁସାରେ ଦୁଇ ତିନି ବୁନ୍ଦା ପର୍‌ଫ୍ୟୁମ୍ ପକାନ୍ତୁ । ଏହାକୁ କେଶମଝିରୁ ନେଇ ଅଗ ଯାଏ ହାଲୁକା ହାତରେ ରଗଡ଼ନ୍ତୁ । କେଶରେ ସିଧାସଳଖ ଆଲକହଲ ଯୁକ୍ତ ପରଫ୍ୟୁମ୍ ଲଗାଇବା ଅପେକ୍ଷା ଏହି ଉପାୟ ଭଲ ହୋଇଥାଏ । ଏହାଦ୍ୱାରା କେଶକୁ ସତେଜ କରିପାରିବେ ।

### ପର୍‌ଫ୍ୟୁମ୍ ଯୁକ୍ତ ତକିଆ

ପ୍ରଥମେ ଗୋଟିଏ କଟନ ନେଇ ସେଥିରେ ନିଜ ପସନ୍ଦ ମୁତାବକ ଏସେନ୍‌ସିଆଲ୍ ଅଏଲ କିଛି ବୁନ୍ଦା ସିଞ୍ଚନ କରନ୍ତୁ । ଏହି ତୁଳାକୁ ତକିଆ ତଳେ ଦେଇ ଶୁଅନ୍ତୁ । ଶୋଇବା ସମୟରେ କେଶ ପ୍ରାକୃତିକ ସୁଗନ୍ଧ ଶୋଷିଥାଏ ।

### ନଡ଼ିଆ ତେଲ ଓ ପର୍‌ଫ୍ୟୁମ୍

ଏଥିପାଇଁ ଏକ ଚାମଚ ନଡ଼ିଆ ତେଲ ନିଅନ୍ତୁ । ଏଥିରେ ଦୁଇବୁନ୍ଦା ଚନ୍ଦନ ତେଲ ଓ ଏକ ବୁନ୍ଦା ଗୋଲାପ ଜଳ ଦେଇ ମିଶାନ୍ତୁ । ଏହାକୁ ହାଲୁକା ହାତରେ କେଶ ଅଗରେ ଲଗାନ୍ତୁ ।

### ମଲ୍ଲିପାଖୁଡ଼ା

କେଶକୁ ପ୍ରାକୃତିକ ସୁଗନ୍ଧ ଦେବାକୁ ଚାହୁଁଥିଲେ ଏକମୁଠା ମଲ୍ଲିଫୁଲକୁ ଗରମପାଣିରେ ପକାଇ ଫୁଟାନ୍ତୁ । ଏହାପରେ ମୁଣ୍ଡରେ ଟାୱେଲ୍ ଘୋଡ଼ାଇ ୧୫ -୨୦ ମିନିଟ୍ ଷ୍ଟିମ୍ ନିଅନ୍ତୁ । ଏହାଦ୍ୱାରା କେଶ ମଲ୍ଲିଫୁଲର ବାସ୍ନାକୁ ଅବଶୋଷିତ କରିଥାଏ । ଏହାଦ୍ୱାରା କେଶ ନରମ ଓ ସୁନ୍ଦର ହୋଇଥାଏ ।

## ନଖ ସଫା ପାଇଁ ଉପାୟ

**ସାଧାରଣତଃ ହଳଦିଆ ନଖ ହାତ ସୌନ୍ଦର୍ଯ୍ୟକୁ କମ୍ କରିଥାଏ । କେବଳ ସେତିକି ନୁହେଁ, ଏହା ଆତ୍ମବିଶ୍ୱାସକୁ ମଧ୍ୟ ଦୁର୍ବଳ କରିଥାଏ । ଏଥିପାଇଁ ଅନେକେ ନଖକୁ ନେଲ୍‌ପେଣ୍ଟ ତଥା ନେଲ୍‌ପଲିସ୍ ଲଗାଇ ଲୁଚାଇଥାନ୍ତି । ତେଣୁ ଚାହିଁଲେ କିଛି ସରଳ ଘରୋଇ ଉପଚାର ଆପଣାଇ ନଖକୁ ସଫା କରିପାରିବେ ।**

- ବେକିଙ୍ଗ୍ ସୋଡ଼ାରେ ଫାଳେ ଲେମ୍ବୁ ରସ ମିଶାନ୍ତୁ । ଏହାକୁ ନଖରେ ଲଗାଇ ୪ ରୁ ୫ ମିନିଟ୍ ରଖି ବ୍ରଶ୍‌ରେ ନଖ ସଫା କରନ୍ତୁ । ଏହାପରେ ମଏଶ୍ଚରାଇଜର୍ ଲଗାନ୍ତୁ । ଏପରି କଲେ ନଖ ସଫା ହୋଇ ଉଜ୍ଜ୍ୱଳ ଦିଶିଥାଏ ।
- ସେହିପରି ଅଳ୍ପ ଗରମପାଣି ନେଇ ସେଥିରେ ଏକ ଚାମଚ ସାମ୍ପୁ ଓ ଲେମ୍ବୁରସ ଦେଇ ନଖକୁ ପାଣିରେ ବୁଡ଼ାଇ ରଖନ୍ତୁ । ଏହାପରେ ବ୍ରଶ୍‌ରେ ଘଷି ଧୋଇ ଦିଅନ୍ତୁ ଏହା ଦ୍ୱାରା ହଳଦିଆ ନଖ ସଫା ହୋଇଥାଏ ।
- ସେହିପରି ଚାହିଁଲେ ନଖରେ ଟୁଥ୍‌ପେଷ୍ଟ ଲଗାଇ ସଫା କରିପାରିବେ ।




## ପାରମ୍ପରିକ ପୋଷାକ ସହ ଆଧୁନିକ ପାଉଞ୍ଜି

**ପାଉଁଞ୍ଜି ଭାରତୀୟ ସଂସ୍କୃତି ଓ ଶୃଙ୍ଗାରର ଏକ ଅଭିନ୍ନ ଅଂଶ । ଏହା ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ମହିଳାର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ । ବିବାହିତ ହୁଅନ୍ତୁ ଅବା ଅବିବାହିତା ପାଉଞ୍ଜି ସଭିଙ୍କର ପ୍ରିୟ ହୋଇଥାଏ । ଏବେର ପାଉଁଞ୍ଜିରେ ପାରମ୍ପରିକ ଓ ଆଧୁନିକତାର ନିଆରା ଛାପ ଦେଖିବାକୁ ମିଳିଛି ।**

### ଅକ୍ସିଡାଇଜ୍ ପାଉଁଞ୍ଜି

ଏବେର ଯୁବତୀଙ୍କ ମଧ୍ୟରେ ବିଶେଷ କରି ଅକ୍ସିଡାଇଜ୍ ପାଉଁଞ୍ଜି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୂର୍ବରୁ ଏହି ଡିଜାଇନ୍ ଭାରତୀୟ ଗାଁମାନଙ୍କରେ କଡ଼ା ଭାବେ ପ୍ରଚଳିତ ଥିଲା । କିନ୍ତୁ ଏବେ ଏହା ସହରରେ ମଧ୍ୟ ଲୋକପ୍ରିୟ ହୋଇଛି । ଏହା ଶାଢ଼ି ଓ ଲେହେଙ୍ଗାକୁ ଖୁବ୍ ସୁନ୍ଦର ମାନିଥାଏ ।



### ଫୁଲ

ଯେଉଁ ମହିଳାମାନେ ଫୁଲ ପ୍ରିଣ୍ଟ ପିନ୍ଧିବାକୁ ପସନ୍ଦ କରନ୍ତି, ସେମାନେ ଏହି ପାଉଁଞ୍ଜି ପିନ୍ଧିପାରିବେ । ଏହା ସୂକ୍ଷ୍ମ ଓ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଛୋଟ ଛୋଟ ଫୁଲ ଆକୃତି ରହିଥାଏ । ଏହା ପାଉଁଞ୍ଜିକୁ ମିନିମାଲିଷ୍ଟ ଓ ଏକ କ୍ଲାସିକ୍ ଲୁକ୍ ଦେଇଥାଏ ।



### ପତ୍ର ଡିଜାଇନ୍

ବିଶେଷ କରି ମହିଳାଙ୍କୁ ଏହି ପତ୍ର ଡିଜାଇନର ପାଉଁଞ୍ଜି ଖୁବ୍ ପସନ୍ଦ ହୋଇଥାଏ । ଏହି ଡିଜାଇନ୍ କ୍ଲାସି ଓ ନାଚୁରାଲ ଲାଗିଥାଏ । ଏହା ହାଲୁକା ହେବା ସହ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

### ରିଙ୍ଗ୍

ପାରମ୍ପରିକ ପରିଧାନରେ ଆଧୁନିକ ସ୍ପର୍ଶ ଚାହୁଁଥିଲେ ରିଙ୍ଗ୍ ଆଙ୍କଲେଟ୍ ଏକ ଭଲ ବିକଳ୍ପ ହୋଇଥାଏ । ଏଥିରେ ଆପଣଙ୍କୁ ପାଉଁଞ୍ଜି ସହ ଅଙ୍ଗୁଳି ମୁଦି ପିନ୍ଧିବାକୁ ହୋଇଥାଏ । ଏହା ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥାଏ ।

**ଆଜି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ

ଆଡିଲେଡ୍, ୨୨ ।୧୦ (ଏଜେନ୍ସି)





ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳିବ । ପୂର୍ବରୁ ବର୍ଷାବାଧାପ୍ରାପ୍ତ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୭ ୱିକେଟ୍‌ରେ ବିଜୟୀ ହୋଇ ସିରିଜରେ ୧-୦ରେ ଅଗ୍ରଣୀ ରହିଛି । ତେଣୁ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଦ୍ୱିତୀୟ ମ୍ୟାଚକୁ ଜିତି ସିରିଜକୁ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିଛି । ଅପରପକ୍ଷରେ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏହି ସିରିଜ ଖେଳୁଥିବା ଭାରତ ପାଇଁ ଏହି ମ୍ୟାଚ୍ ସମ୍ମାନ ସଦୃଶ ହୋଇଛି । ପ୍ରଥମ ମ୍ୟାଚ୍ ହାରିଯାଇଥିବାରୁ ସିରିଜ ବଞ୍ଚାଇବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଜରୁରୀ ହୋଇଛି ।

## ରୋହିତ୍‌ଙ୍କୁ ନେଇ ସନ୍ଦେହ

ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ଦଳର ଦୁଇ ଅଭିଜ୍ଞ ବ୍ୟାଟର୍ ରୋହିତ୍ ଶର୍ମା ଓ ବିରାଟ କୋହଲି ପ୍ରଥମ ଦିନିକିଆରେ ନିରାଶ କରିଥିଲେ । ଇନିଂସ ଓପନ୍ କରିଥିବା ରୋହିତ୍ ୧୪ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ସହ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ । ସେହିଭଳି ନମ୍ବର-୩ରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ୮ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ମିଚେଲ ଷ୍ଟାର୍କଙ୍କ ବଲରେ ଷ୍ଟମ୍ପ ହରାଇଥିଲେ । ତେଣୁ ଦ୍ୱିତୀୟ ମ୍ୟାଚ୍‌ରେ ଏବେ ଉଭୟଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ଆଡିଲେଡ୍ ପିଚ୍ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଉଭୟ ରୋହିତ୍ ଓ କୋହଲିଙ୍କ ବ୍ୟାଟରୁ ବଡ଼ ଇନିଂସ ଆଶା ରଖିଛି ।

ଅପରପକ୍ଷରେ ରୋହିତ୍‌ଙ୍କୁ ଏହି ମ୍ୟାଚରେ ବିଶ୍ରାମ ଦେବାକୁ ନେଇ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନିଷ୍ପତ୍ତି ନେଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ବୁଧବାର ଅଭ୍ୟାସ ସେସନ ପରେ ଗମ୍ଭୀର ଓ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଅନ୍ୟତମ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଦୀର୍ଘ ସମୟ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା । ଯେଉଁଥି ପାଇଁ ରୋହିତ୍‌ଙ୍କୁ ଡ୍ରପ୍ କରାଯିବା ନେଇ ଚର୍ଚ୍ଚା ହେଉଛି । ତେବେ ରୋହିତ ମଧ୍ୟ ବୁଧବାର ନେଟ୍ସରେ ବହୁତ ସମୟ ଅଭ୍ୟାସ କରିଥିଲେ ।

## କୋହଲିଙ୍କୁ ସୁହାଉଛି ଆଡିଲେଡ୍

ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ଆଡିଲେଡ୍ ପିଚ୍ ବେଶ୍ ସୁହାଉଛି । ଏହି ଭେନ୍ୟୁରେ ସେ ତିନୋଟି ଯାକ ଫର୍ମାଟ୍‌ରେ ୧୨ଟି ମ୍ୟାଚ୍ ଖେଳି ମୋଟ୍ ୯୭୫ ରନ ସଂଗ୍ରହ କରିଛନ୍ତି । ତାଙ୍କ ବ୍ୟାଟିଂ ଆଭରେଜ ୬୫ରୁ ଊର୍ଦ୍ଧ୍ୱ ରହିଛି । କୋହଲି ଏଠାରେ ଦିନିକିଆରେ ୨ଟି ଶତକ ସହ ୨୪୪ ରନ କରିଛନ୍ତି । ତେଣୁ ଆସନ୍ତାକାଲି ମଧ୍ୟ ତାଙ୍କଠାରୁ ଏକ ବଡ଼ ଇନିଂସ ପ୍ରଶଂସକ ଆଶା ରଖିଛନ୍ତି ।

### ସମ୍ଭାବ୍ୟ ଏକାଦଶ

**ଭାରତ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ୍ ଶର୍ମା, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ (ୱିକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/ କୁଲଦୀପ୍ ଯାଦବ, ଅର୍ଶଦୀପ୍ ସିଂହ, ହର୍ଷିତ ରାଣା/ ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ

**ଅଷ୍ଟ୍ରେଲିଆ** : ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ମାଟ ରେନଶ, କୁପର କୋନ୍ନୋଲୀ, ଆଲେକ୍ସ କାରୀ (ୱିକେଟ୍‌କିପର), ମିଚେଲ ଓୱିନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଦାମ ଜାମ୍ପା ଓ ଜୋଶ୍ ହାଜଲେଉଡ୍ ।

**ଖେଳ ଆରମ୍ଭ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

**ଆଇସିସି ମହିଳା ବିଶ୍ୱକପ୍**

# ଆଜି ଭାରତ-ନ୍ୟୁଜିଲାଣ୍ଡ 'କ୍ୱାର୍ଟର' ଲଢ଼େଇ



ନଭି ମୁମ୍ବଇ, ୨୨ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି । ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି । ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ସେମିଫାଇନାଲ ଦିଗରେ ଆଉ ପାଦେ ଆଗେଇବ । ପୂର୍ବରୁ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମହିଳା ଦଳ ପଏଣ୍ଟ ଟେବଲର ପ୍ରଥମ ୩ଟି ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି । ଏବେ ସେମିଫାଇନାଲର ଅନ୍ତିମ ତଥା ୪ର୍ଥ ଦଳ ଲାଗି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରତିଯୋଗିତା ହେବ ।


ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ୫ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି । ସେହିଭଳି ନ୍ୟୁଜିଲାଣ୍ଡ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧ ବିଜୟ ଏବଂ ୨ଟି ଲେଖାଏ ପରାଜୟ ଓ ବାତିଲ ସହ ୪ ପଏଣ୍ଟ ପାଇଛି । କିନ୍ତୁ ଉନ୍ନତ ରନରେଟ୍ ଯୋଗୁଁ ନ୍ୟୁଜିଲାଣ୍ଡ (-୦.୨୪୫)କୁ ପଛରେ ପକାଇ ଭାରତ (+୦.୫୨୬) ପଏଣ୍ଟ ଟେବଲରେ ଉପରେ ରହିଛି । ଏହି ମ୍ୟାଚର ଫଳାଫଳ ଉପରେ ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲ ଖେଳିବା ଏକପ୍ରକାର ନିର୍ଭର କରୁଛି । ତେଣୁ ଆସନ୍ତାକାଲିର ମ୍ୟାଚ୍ ଦୁଇ ଦଳ ପାଇଁ କ୍ୱାର୍ଟର ଫାଇନାଲର ଭ୍ରମ ସୃଷ୍ଟି କରିଛି । ଭାରତୀୟ ମହିଳା ଦଳ ଯଦି ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଯାଏ ତେବେ ଶେଷ ରାଉଣ୍ଡ ଲଢ଼େଇର ଫଳାଫଳ ଉପରେ ସବୁକିଛି ନିର୍ଭର କରିବ । ଶେଷ ରାଉଣ୍ଡ ଲିଗ୍ ମ୍ୟାଚରେ ଭାରତ ଅକ୍ଟୋବର ୨୬ରେ ବାଂଲାଦେଶକୁ ଭେଟିବ । ସେହିଭଳି ନ୍ୟୁଜିଲାଣ୍ଡ ଅକ୍ଟୋବର ୨୭ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି । ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେଲେ ଭାରତକୁ ଶେଷ ଲିଗ୍‌ରେ ବାଂଲାଦେଶକୁ ହରାଇବାକୁ ପଡ଼ିବ । ଏଥିସହ ଇଂଲଣ୍ଡ ନିକଟରୁ ନ୍ୟୁଜିଲାଣ୍ଡ ହାରିଲେ ଯାଇ ଭାରତ ସେମିଫାଇନାଲରେ ପ୍ରବେଶ କରିବ ।

## ନ୍ୟୁଜିଲାଣ୍ଡ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ପଲା ବେଶ୍ ଭାରି ରହିଛି । ମହିଳା ଦିନିକିଆ କ୍ରିକେଟ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ୫୭ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି । ଏଥିରେ ନ୍ୟୁଜିଲାଣ୍ଡ ୩୪ଟି ଓ ଭାରତ ୨୨ଟି ମ୍ୟାଚରେ ବିଜୟୀ ହୋଇଛି । ଗୋଟିଏ ମ୍ୟାଚ୍ ଟାଇ ରହିଛି । ଚଳିତ ବିଶ୍ୱକପ୍ ପ୍ରାରମ୍ଭରୁ ବେଙ୍ଗାଲୁରୁରେ ଦୁଇ ଦଳ ମଧ୍ୟରେ ଏକ ୱାର୍ମଅପ୍ ମୁକାବିଲା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା ।

# ନୀରଜ ଚୋପ୍ରାଙ୍କୁ ମିଳିଲା ଲେଫ୍ଟନାଣ୍ଟ କଲୋନେଲ ପଦ

ନୂଆଦିଲ୍ଲୀ, ୨୨ ।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଭାରତୀୟ ଆଥ୍‌ଲେଟ୍ ନୀରଜ ଚୋପ୍ରାଙ୍କୁ ଭାରତୀୟ ସେନାର 'ଲେଫ୍ଟନାଣ୍ଟ କଲୋନେଲ' ପଦରେ ସମ୍ମାନିତ କରାଯାଇଛି । କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଓ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ପାଇଁ ନୀରଜଙ୍କୁ ଏହି ସମ୍ମାନ ଦିଆଯାଇଛି । ବୁଧବାର ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତି ନୀରଜଙ୍କୁ ଏହି ପଦବୀ ପ୍ରଦାନ କରାଯାଇଥିଲା ।



ଏହି ଅବସରରେ ନୀରଜଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ । ୨୭ ବର୍ଷୀୟ ନୀରଜ ୨୦୧୬ରେ ନାଏବ ସୁବେଦାର ଭାବେ ଭାରତୀୟ ସେନାର ୪ର୍ଥ ରାଜପୁତାନ ରାଇଫଲ୍ସରେ ଯୋଗଦେଇଥିଲେ । ଜୁନିୟର ବିଶ୍ୱ ଚାମ୍ପିଅନସିପ୍ ଓ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇବା ପରେ ନୀରଜଙ୍କୁ ସେନାରେ ଯୋଗଦେବା ଲାଗି ଅଫର୍ ମିଳିଥିଲା । ଚଳିତ ବର୍ଷ ଏପ୍ରିଲ ୧୬ ତାରିଖରେ ନୀରଜଙ୍କୁ ଆନୁଷ୍ଠାନିକ ଭାବେ ଲେଫ୍ଟନାଣ୍ଟ କଲୋନେଲ ପଦ ମିଳିଥିଲା । କିନ୍ତୁ ବୁଧବାର ଏକ ସେନାର ଏକ ସ୍ୱତନ୍ତ୍ର ଉତ୍ସବରେ ସେ ଏହି ପଦ ଗ୍ରହଣ କରିଥିଲେ ।

**■ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ**

# ଅଭିନବ ବିନ୍ଦ୍ରା ଭାରତର ପତାକା ବାହକ

ନୂଆଦିଲ୍ଲୀ,୨୨ ।୧୦(ଏଜେନ୍ସି): ୨୦୨୬ ଶୀଳକାଳୀନ ଅଲିମ୍ପିକ୍ସ ପାଇଁ ପୂର୍ବତନ ସୁଟର ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କୁ ଭାରତ ପତାକା ବାହକ ଭାବେ ଚୟନ କରାଯାଇଛି ।



ଆସନ୍ତାବର୍ଷ ଫେବୃଆରୀ ୬ରୁ ୨୨ ତାରିଖ ମଧ୍ୟରେ ୟୁରୋପୀୟ ଦେଶ ଇଟାଲୀର ଉତ୍ତରପୂର୍ବାଞ୍ଚଳରେ ଥିବା ମିଲାନ ଓ କର୍ଟିନା ଡି'ଆମ୍ପେଜୋରେ ଶୀଳକାଳୀନ ଅଲିମ୍ପିକ୍ସର ଏହି ୨୫ତମ ସଂସ୍କରଣ ଆୟୋଜନ ହେବ । ଅଭିନବ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ । ମିଲାନୋ କୋର୍ଟିନାରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ଟର୍ଚ୍ଚ ରାଲିରେ ପତାକା ବାହକ ଭାବେ ଚୟନ ହୋଇଥିବାରୁ ବିନ୍ଦ୍ରା 'ଏକ୍ସ'ରେ ପୋଷ୍ଟ କରି ନିଜର ଖୁସି ଜାହିର କରିଛନ୍ତି । ଇଟାଲୀ ଚତୁର୍ଥ ଥର ପାଇଁ ଶୀତକାଳୀନ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଛି । ଏଥର ୧୬ କ୍ରୀଡ଼ାରେ ମୋଟ୍ ୧୧୬ଟି ଇଭେଣ୍ଟ ଆୟୋଜନ ହେବ ବୋଲି କୁହାଯାଇଛି ।

# ନଭେମ୍ବର ୨୬-୨୭ରେ ଡବ୍ଲ୍ୟୁପିଏଲ୍ ମେଗା ନିଲାମୀ

ନୂଆଦିଲ୍ଲୀ, ୨୨ ।୧୦ (ଏଜେନ୍ସି): ଭାରତରେ ଆଇପିଏଲ୍ ଢାଞ୍ଚାରେ ଖେଳାଯାଉଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୪ର୍ଥ ସଂସ୍କରଣ ଲାଗି ନଭେମ୍ବର ୨୬ ଓ ୨୭ ତାରିଖରେ ଖେଳାଳି ନିଲାମ ହେବ । ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଏହି ଦୁଇଦିନିଆ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ସମସ୍ତ ପାଞ୍ଚ ଫ୍ରାଞ୍ଚାଇଜକୁ ନଭେମ୍ବର ୫ ତାରିଖ ସୁଦ୍ଧା ସେମାନଙ୍କ ଖେଳାଳି ରିଟେନ୍ ତାଲିକା ଦାଖଲ କରିବାକୁ କୁହାଯାଇଛି । ଗୋଟିଏ ଦଳ ସର୍ବାଧିକ ୫ଜଣ ଖେଳାଳିଙ୍କୁ ରିଟେନ୍ ତଥା ବଜାୟ ରଖିପାରିବେ । ଯେଉଁଥିରେ ୩ଜଣ ଭାରତୀୟ ଓ ୨ଜଣ ବିଦେଶୀ ଖେଳାଳି ରହିବେ । ଡବ୍ଲ୍ୟୁପିଏଲ୍‌ର ଏହା ପ୍ରଥମ ମେଗା ଖେଳାଳି ନିଲାମୀ ହେବ । ଦଳ ଗଠନ ଲାଗି ପ୍ରତି ଫ୍ରାଞ୍ଚାଇଜଙ୍କୁ ସର୍ବାଧିକ ୧୫ କୋଟି ଟଙ୍କା ମଧ୍ୟରେ ଖେଳାଳି କ୍ରୟ କରିବାକୁ ନିୟମ ଧାର୍ଯ୍ୟ କରାଯାଇଛି ।

# ୧୧୯ ବର୍ଷର ରେକର୍ଡ ଭାଙ୍ଗିଲେ ରାବାଡା

ରାୱଲପିଣ୍ଡି, ୨୨ ।୧୦ (ଏଜେନ୍ସି): ଦ୍ରୁତ ବୋଲର କାଗିସୋ ରାବାଡା ଟେଷ୍ଟ କ୍ରିକେଟରେ ଦକ୍ଷିଣ ଆଫ୍ରିକା ପାଇଁ ୧୧ ନମ୍ବର ସ୍ଥାନରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି । ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ରାବାଡା ୧୧ ନମ୍ବର କ୍ରମରେ ବ୍ୟାଟିଂ କରିବାକୁ ଆସି ୬୧ ବଲରେ ୭୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଦକ୍ଷିଣ ଆଫ୍ରିକା ପାଇଁ ଟେଷ୍ଟ ଇତିହାସରେ ୧୧ ନମ୍ବର ବ୍ୟାଟର୍ ଭାବେ ଏହା ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି । ପୂର୍ବରୁ ୧୯୦୬ ମସିହାରେ କେପ୍ ଟାଉନରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ବର୍ଟ ଭ୍ଲଗର ଅପରାଜିତ ୬୨ ରନ କରିଥିଲେ । ଯାହାକି ଦକ୍ଷିଣ ଆଫ୍ରିକା ପାଇଁ ନଂ-୧୧ ବ୍ୟାଟର୍ ଭାବେ ସର୍ବାଧିକ ସ୍କୋର ରହିଆସିଥିଲା । ଏବେ ରାବାଡା ୧୧୯ ବର୍ଷ ତଳର ଏହି ରେକର୍ଡକୁ ଭଙ୍ଗ କରିଛନ୍ତି । ସେହିଭଳି ରାବାଡା ୧୦ମ ୱିକେଟ୍ ଯୋଡ଼ିରେ କେଶବ ମହାରାଜ (୩୦ ରନ)ଙ୍କ ସହ ୯୮ ରନର ଭାଗୀଦାରି ଗଢ଼ିଥିଲେ । ଫଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୪୦୪ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଏହାପରେ ୭୧ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ପାକିସ୍ତାନ ବୁଧବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍ ହରାଇ ୯୪ ରନ ସଂଗ୍ରହ କରିଛି । ବାବର ଆଜାମ ଅପରାଜିତ ୪୯ ରନ କରି ଲଢ଼େଇ ଜାରି ରଖିଛନ୍ତି । ହାତରେ ୬ ୱିକେଟ୍ ବଳକା ଥାଇ ପାକିସ୍ତାନ ମୋଟ୍ ଉପରେ ୨୩ ରନ ଅଗ୍ରଣୀ ହାସଲ କରିଛି ।

# ଅଷ୍ଟ୍ରେଲିଆକୁ ଜିତାଇଲେ ସଦରଲାଣ୍ଡ-ଗାର୍ଡନର





ଇନ୍ଦୋର, ୨୨ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଆସଲେ ଗାର୍ଡନର (୧୦୪ ରନ)ଙ୍କ ରେକର୍ଡ ଶତକୀୟ ପାଳି ଓ ଆନ୍ନାବେଲ୍ ସଦରଲାଣ୍ଡ (୯୮ ରନ ଓ ୩ ୱିକେଟ୍)ଙ୍କ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୬ଷ୍ଠ ମ୍ୟାଚରୁ ୫ମ ବିଜୟ ହାସଲ କରିଛି । ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଅଷ୍ଟ୍ରେଲିଆ ୧୧ ପଏଣ୍ଟ ସହ ଶୀର୍ଷକୁ ଉଠିଛି । ଅପରପକ୍ଷରେ ଇଂଲଣ୍ଡ ୬ଷ୍ଠ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଛି । ପୂର୍ବରୁ ୪ ବିଜୟ ଓ ଗୋଟିଏ ବାତିଲ ସହ ଇଂଲଣ୍ଡ ମଧ୍ୟ ସେମିରେ ସ୍ଥାନ ପକ୍କା କରିସାରିଛି ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୪୪ ରନର କରିଥିଲା । ଓପନର୍ ଟାମି ବିଉମଣ୍ଟ ୧୦୫ଟି ବଲରେ ୭୮ ରନର ଧୀମା ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲିସେ କାପସୀ ୩୮, ଚାର୍ଲି ଡିନ ୨୬ ରନ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା । ଜବାବରେ ଅଷ୍ଟ୍ରେଲିଆ ୨୪ ରନ ମଧ୍ୟରେ ଦୁଇ ଓପନର୍ ଫୋଏବ ଲିଚଫିଲ୍ଡ (୧) ଓ ଜର୍ଜିଆ ଭଲ୍ (୬)ଙ୍କ ସହ ଏଲିସେ ପେରୀ (୧୩ ରନ)ଙ୍କ ୱିକେଟ ହରାଇଥିଲା । ଇନଫର୍ମ ବେଥ୍ ମୁନୀ ମଧ୍ୟ ୨୦ ରନ କରି ଆଉଟ୍ ହୋଇଥିଲେ । ତେବେ ଅସମାପ୍ତ ୪ର୍ଥ ୱିକେଟ୍ ଯୋଡ଼ିରେ ଆନ୍ନାବେଲ୍ ସଦରଲାଣ୍ଡ ଓ ଆସଲେ ଗାର୍ଡନର ୧୮୦ ରନର ଭାଗୀଦାରୀ ଗଢ଼ି ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୫୭ ବଲ୍ ପୂର୍ବରୁ ଜିତାଇଥିଲେ । ଗାର୍ଡନର ୭୩ ବଲରେ ୧୬ ଚୌକା ସହ ୧୦୪ ଓ ସଦରଲାଣ୍ଡ ୧୧୨ ବଲରେ ୯୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ୬୯ ବଲରେ ଶତକ ପୂରଣ କରି ଗାର୍ଡନର ବିଶ୍ୱକପ୍ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ହୋଇଛନ୍ତି । ପୂର୍ବରୁ ୨୦୧୭ ସଂସ୍କରଣରେ ଡେଣ୍ଡ୍ରା ଡଟିନ ୭୧ ବଲରେ ଶତକ ମାରିଥିଲେ । ସଦରଲାଣ୍ଡ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

# ଟେଷ୍ଟରେ ଜିମ୍ବାୱେର ୩ୟ ଇନିଂସ ବିଜୟ

ହରାରେ, ୨୨ ।୧୦ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଜିମ୍ବାୱେ ବାଜିମାତ୍ କରିନେଇଛି । ଏହି ମ୍ୟାଚରେ ଘରୋଇ ଜିମ୍ବାୱେ ଏକ ଇନିଂସ ଓ ୭୩ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି । ଏହି ମ୍ୟାଚରେ ୧୨୧ ରନର ଶତକୀୟ ପାଳି ଖେଳିଥିବା ବେନ୍ କୁରାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ ଆରମ୍ଭ ହେବ ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମ ପାଳିରେ ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଜବାବରେ ଜିମ୍ବାୱେ କୁରାନଙ୍କ ଶତକ



ରିଚାର୍ଡ ନାଗରଭା

ଓ ସିକନ୍ଦର ରାଜା (୬୫)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ପାଳିରେ ୩୫୯ ରନ କରିଥିଲା । ୨୩୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆଫଗାନିସ୍ତାନ ବୁଧବାର ମ୍ୟାଚର ତୃତୀୟ ଦିବସରେ ମାତ୍ର ୧୫୯ ରନରେ ସୀମିତ ରହିଥିଲା । ଓପନର୍ ଇବ୍ରାହିମ ଜର୍ଦାନ ସର୍ବାଧିକ ୪୨ ରନ କରିଥିଲେ । ଜିମ୍ବାୱେ ପକ୍ଷରୁ ରିଚାର୍ଡ ନାଗରଭାଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ଜିମ୍ବାୱେ ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ଏହାର ୧୩୦ତମ ମ୍ୟାଚରୁ ତୃତୀୟ ଇନିଂସ ବିଜୟ ହାସଲ କରିଛି । ଏଥିପୂର୍ବରୁ ଜିମ୍ବାୱେ ୧୯୯୫ରେ ପାକିସ୍ତାନ ଓ ୨୦୦୧ରେ ବାଂଲାଦେଶ ବିପକ୍ଷରେ ଇନିଂସ ବିଜୟୀ ହୋଇଥିଲା । ଏହି ଦୁଇଟି ମ୍ୟାଚ୍ ବୁଲାୱାୟୋରେ ଖେଳାଯାଇଥିଲା ।

# ପୂର୍ବାଞ୍ଚଳ ଦଳରେ ସୁଶ୍ରୀ ଓ ତନ୍ମୟୀ

କଟକ,୨୨।୧୦(ସମିସ)

ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବା ଜାତୀୟ ସିନିଅର ମହିଳା ଆନ୍ତଃଜୋନାଲ ଟି-୨୦ ଟ୍ରଫି ନିମନ୍ତେ ପୂର୍ବାଞ୍ଚଳ ଦଳ ଘୋଷଣା କରାଯାଇଛି । ପଶ୍ଚିମବଙ୍ଗର ମିତାଲି ପଲ୍‌ଙ୍କ ନେତୃତ୍ୱରେ ଘୋଷିତ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ତନ୍ମୟୀ ବେହେରା । ଓଡ଼ିଶାର ଜ୍ୟୋତି କୁମାରୀ ପ୍ରସାଦଙ୍କୁ ୫ଜଣିଆ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଛି । ବରିଷ୍ଠ ମହିଳା ଟି-୨୦ ଟ୍ରଫିର ଲିଗ୍ ପର୍ଯ୍ୟାୟରୁ ଓଡ଼ିଶା ଲଜ୍ଜାଜନକ ଭାବେ ୬ଟି ମ୍ୟାଚ୍ ହାରି ବିଦା ହୋଇଥିବା ସତ୍ତ୍ୱେ ସୁଶ୍ରୀ ଓ ତନ୍ମୟୀ ଦଳ ପାଇଁ ଉପଯୋଗୀ ପ୍ରଦର୍ଶନ କରିଥିଲେ । ୭ଟି ମ୍ୟାଚ୍‌ରୁ ତନ୍ମୟୀ ୧୪୧ରନ କରିଥିବା








ବେଳେ ସୁଶ୍ରୀ ୧୨୭ରନ ସଂଗ୍ରହ କରିଥିଲେ । ଏହାଛଡ଼ା ଉଭୟ ବୋଲିଂରେ ଦକ୍ଷତା ରଖିଛନ୍ତି । ଟୁର୍ଣ୍ଣାମେଣ୍ଟ ଜାରି ରହିଥିବାବେଳେ ଅଫସ୍ପିନର ସୁଶ୍ରୀ ୧୧ଟି ୱିକେଟ ଅକ୍ତିଆର କରି ବର୍ତ୍ତମାନ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଛନ୍ତି । ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏହି ଦୁଇ ଖେଳାଳିଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି ।

**ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ**

# ୪୫ ଜଣିଆ ଓଡ଼ିଶା ଦଳର ଗୁଜରାଟ ଯାତ୍ରା

କଟକ,୨୨।୧୦(ସମିସ): ଭାରତୀୟ କୁଡୋ ମହାସଂଘ ଆନୁକୂଲ୍ୟରେ ଗୁଜରାଟର ସୁରଟଠାରେ ଅକ୍ଟୋବର ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୬ ତମ ଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ, ୧୭ତମ ଅକ୍ଷୟ କୁମାର ଅର୍ନ୍ତଜାତୀୟ କୁଡୋ ଟୁର୍ଣ୍ଣାମେଣ୍ଟ ଓ ୬ଷ୍ଠ କୁଡୋ ଫେଡେରେସନ୍ କପ୍ ଆୟୋଜିତ ହେବ । ଏଥି ନିମନ୍ତେ ଓଡ଼ିଶାର ୪୫ ଜଣ ବାଳକ ଓ ବାଳିକାଙ୍କ ସମେତ ୫ ଜଣ ଅଫିସିଆଲ ଗୁରୁବାର ଗୁଜରାଟ ଯାତ୍ରା କରିବେ । ଅଫିସିଆଲଙ୍କ ମଧ୍ୟରେ କୁଡୋ ଓଡ଼ିଶା ସଂଘର ସଂପାଦକ ଓ ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ, ଅନୀଲ କୁମାର ବାର୍ଲା ଏବଂ ମୃତ୍ୟୁଞ୍ଜୟ ଯାଦବ, ମୁକେଶ କୁମାର ନାୟକ କୋଚ୍ ଓ ମ୍ୟାନେଜର



ନର୍ମଦା ଗୁଇଁ ସାମିଲ ରହିଛନ୍ତି । କୁଡୋ ଆସୋସିଏସନ୍ ଅଫ ଓଡ଼ିଶାର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡକ୍ଟର ବିଜୟାନନ୍ଦ ସିଂ ଓ ସମସ୍ତ କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS